R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୬୬
ତିଥି : ଅଷ୍ଟମୀ
୦୩ ଜୁଲାଇ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 266
03 July 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ବିଏମସି ଅଫିସରଙ୍କୁ ଆକ୍ରମଣ ମାମଲା

# ରାଜ୍ୟରେ ପ୍ରଶାସନିକ ଅଚଳାବସ୍ଥା

ଭୁବନେଶ୍ୱର, ୨।୭ (ସବ୍ୟୁ): ବିଏମସି ଅଫିସରଙ୍କୁ ଆକ୍ରମଣ ଘଟଣାରେ ରାଜ୍ୟରେ ଦିନତମାମ ପ୍ରଶାସନିକ ଅଚଳାବସ୍ଥା ଜାରି ରହିଛି । ସଚିବାଳୟ ଠାରୁ ଆରମ୍ଭ କରି ତହସିଲ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ସମସ୍ତ ଜିଲ୍ଲାରେ ଓଏଏସ ଅଫିସରମାନେ କାର୍ଯ୍ୟାଳୟ ନଆସି ସମୂହ ଛୁଟିରେ ଚାଲିଯାଇଛନ୍ତି । ସେପଟେ ଓଏଏସ୍ ସଂଘକୁ ସମର୍ଥନ ଜଣାଇଛି ଓଆରଏସ୍ ସଂଘ । ଫଳରେ ସରକାରୀ କାର୍ଯ୍ୟରେ ବହୁ ଗୁରୁତର ପ୍ରଭାବ ପଡ଼ିଛି ।

ଏହି ଘଟଣାକୁ ୩ ଦିନ ବିତିଥିବାବେଳେ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟାଳୟ ଖୋଲାଥିବା ବେଳେ ଅଧିକାରୀମାନେ ନାହାନ୍ତି । ତିନିଦିନ ଧରି ଭୁବନେଶ୍ୱର ମହାନଗର ନିଗମ(ବିଏମସି) କାର୍ଯ୍ୟାଳୟରେ ଅଫିସର ଓ କର୍ମଚାରୀମାନେ କଳା ବ୍ୟାଚ ପିନ୍ଧିବା ସହିତ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି । ବିଏମସି କାର୍ଯ୍ୟାଳୟରେ ପୋଲିସ କମିଶନର ଏସ୍ ଦେବଦତ୍ତ ସିଂହ ପହଞ୍ଚି ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାରେ ବିଏମସି କମିଶନର ରାଜେ ପ୍ରଭାକର ପାଟିଲଙ୍କ ସହ ଆଲୋଚନା କରିଥିଲେ । ଆକ୍ରମଣର ଶିକାର ଅତିରିକ୍ତ କମିଶନର୍ ରନାକର ସାହୁ ଉପସ୍ଥିତ ଥିବା ବେଳେ ଘଟଣା ବାବଦରେ ପୋଲିସ କମିଶନରଙ୍କ ପଚରାଉଚରା କରିଥିଲେ ।

ବିଏମସିର ଅତିରିକ୍ତ କମିଶନର ଶ୍ରୀ ସାହୁ ଆଜି ଅପରାହ୍ନରେ ସେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ଛାତିରେ ଯନ୍ତ୍ରଣା ଓ ତଳି ପେଟରେ ବହୁ ଆଘାତ ଲାଗିଥିବାରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା । ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବିଏମ୍ସି ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଆମ୍ବୁଲାନ୍ସରେ ନିଆଯାଇ କ୍ୟାପିଟାଲ୍ ହସ୍ପିଟାଲରେଭର୍ତ୍ତି (୯ ପୃଷ୍ଠାରେ)

## ତିନି ଦାବିରେ ଅଟଳ ଓଏଏସ୍ ସଂଘ

➤ ମୁଖ୍ୟମନ୍ତ୍ରୀ ନେଲେ ମନ୍ତ୍ରିସ୍ତରୀୟ ବୈଠକ

➤ ମୁଖ୍ୟ ସଚିବଙ୍କୁ ଭେଟିଲା ସଂଘ

ଭୁବନେଶ୍ୱର, ୨।୭ (ସବ୍ୟୁ): ବିଏମସି ଅତିରିକ୍ତ କମିଶନର ରନାକର ସାହୁଙ୍କୁ ମାଡ଼ ଘଟଣାର ପ୍ରତିବାଦରେ ରାଜ୍ୟବ୍ୟାପୀ ଓଏଏସ୍ ଅଧିକାରୀଙ୍କ ଆନ୍ଦୋଳନ ଜାରି ରହିଛି । ଓଏଏସ୍ ଅଫିସରଙ୍କ ସମୂହ ଛୁଟି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରିସ୍ତରୀୟ ବୈଠକ ଡାକିଥିଲେ । ସେପଟେ ମୁଖ୍ୟ ଶାସନ ସଚିବଙ୍କୁ ଓଏଏସ୍ ସଂଘ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ ।

ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀମାନଙ୍କୁ ନେଇ ବୈଠକ ବିସଥିଲା । ଏହି ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭୂତି ଜେନା ଓ ରବି ନାଏକ ପ୍ରମୁଖ (୯ ପୃଷ୍ଠାରେ)

◇ ତହସିଲ, ସବ୍‌ରେଜିଷ୍ଟ୍ରାର, ସଚିବାଳୟ ସୁଦ୍ଧା କାର୍ଯ୍ୟ ଠପ୍

◇ ବିଏମସି ଅଫିସରେ ପୋଲିସ କମିଶନରଙ୍କ ପଚରାଉଚରା

◇ ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁ ହସ୍ପିଟାଲରେ ଭର୍ତ୍ତି

### ଦଳୀୟ କାର୍ଯ୍ୟାଳୟରେ ଜଗନ୍ନାଥ ପ୍ରଧାନ

# 'ଆଲୋଚନା କଲି, ଘରକୁ ଯାଉଛି'

ଭୁବନେଶ୍ୱର, ୨।୭ (ସବ୍ୟୁ) : ବିଏମ୍ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ଭିତରେ ଘୋଷାଡି ଘୋଷାଡି ମାଡ ମାରିବା ଘଟଣାର ଅଡୁଆ ସୁତା ଏବେବି ଛିଡୁନି। ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଦାୟୀ କରାଯାଉଛି। ଓଏଏସ୍ ସଂଘ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଅଟଳ ଥିବାବେଳେ ଆଜି ସନ୍ଧ୍ୟାରେ ଏକ ହଲଚଲ୍ ସୃଷ୍ଟି ହୋଇଥିଲା। ହଠାତ୍ ଜଗନ୍ନାଥ ପ୍ରଧାନ ବିଜେପି କାର୍ଯ୍ୟାଳୟକୁ ଆସିଥିଲେ । ତେବେ ଜଗନ୍ନାଥ ଆସିବା ପରେ କ'ଣ ଗୋଟେ ଘଟିବ ବୋଲି ଆଶା କରାଯାଉଥିଲା। ମାତ୍ର ସେଭଳି କିଛି ହେଲାନାହିଁ। କାର୍ଯ୍ୟାଳୟରୁ ବାହାରିବା ପରେ ଜଗନ୍ନାଥ କହିଛନ୍ତି ଯେ ସଭାପତି ଡାକିଥିଲେ, ଆସିଥିଲି, ଆଲୋଚନା କଲି, ଏବେ



ମୁଁ ଘରକୁ ଯାଉଛି। ତେବେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଆଲୋଚନା କ'ଣ ହେଲା ସେ ସମ୍ପର୍କରେ କିଛି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି।

ଓଏଏସ୍ ସଂଘର ଆନ୍ଦୋଳନ ପରିପ୍ରେକ୍ଷୀରେ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ଘଟଣାକ୍ରମରେ ହଠାତ୍ ସୋସିଆଲ ମିଡିଆରେ ଜଗନ୍ନାଥ ପ୍ରଧାନଙ୍କର ଏକ ଟ୍ୱିଟ୍ ଆସିଥିଲା। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ ବିରୋଧୀ ଦଳ ବିଏମସି ଘଟଣାକୁ ନେଇ ଦୁଇଦିନ ହେବ ରାଜନୈତିକ ରୁଟି ସେକିବା ପାଇଁ ପ୍ରୟାସ କରୁଛି। ଆଗରୁ କହିଛି, ଏବେ ବି କହୁଛି ଏ ଘଟଣା ଦୁଃଖଦାୟକ ଓ ନିନ୍ଦନୀୟ। ଏହାକୁ କଡା ଶବ୍ଦରେ ନିନ୍ଦା କରୁଛି। ପ୍ରଶାସନିକ ଅଚଳାବସ୍ଥା ଆଡକୁ ଗତି କରୁଥିବାରୁ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପୁଜିବାକୁ ଯାଉଛି। ଏ ସବୁକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଆମ ସରକାରଙ୍କ ହିତ ପାଇଁ ଆଇନକୁ ସମ୍ମାନ ଦେଉଛି। ଆଇନ୍ ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ସେଥିରେ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି। ସୋସିଆଲ ମିଡିଆରେ ଏହି ଟ୍ୱିଟ ପରେ ଶ୍ରୀ ପ୍ରଧାନ ଦଳୀୟ କାର୍ଯ୍ୟାଳୟକୁ ଆସିଥିଲେ। ହଠାତ୍ ଖାରବେଳନଗର ଥାନାରେ ପୋଲିସ ବ୍ୟବସ୍ଥାକୁ (୯ ପୃଷ୍ଠାରେ)

# ବାହୁଡା ପ୍ରସ୍ତୁତି : ତିନି ରଥର ଦକ୍ଷିଣ ମୋଡ଼



ପୁରୀ, ୨।୭(ସବ୍ୟୁ): ବିଗ୍ରହ ମାନଙ୍କର ନବଦିନାତ୍ମକ ବାହୁଡା ଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଛି। ବିଧି ଅନୁଯାୟୀ ଆଷାଢ଼ ମାସ ଶୁକ୍ଳ ପକ୍ଷ ସପ୍ତମୀ ତିଥି ଅବସରରେ ଆଜି ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ ତିନି ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇଛି। ଆଡ଼ପ ମଣ୍ଡପରେ ବିରାଜମାନ ବିଗ୍ରହମାନଙ୍କର ଦୈନନ୍ଦିନ ନୀତି କାନ୍ତି ମଙ୍ଗଳ ଆଳତି ଅବକାଶ ତଡ଼ପ ଲାଗି ଆଦି ଅନୁଷ୍ଠିତ ହୋଇ ଥିଲା। ସକାଳ ଧୂପ ପରେ ତିନି ରଥ ଦକ୍ଷିଣ ମୋଡ଼ ନୀତି ଅନୁଷ୍ଠିତ ହୋଇଥିଲା। ଆଡ଼ପ ମଣ୍ଡପ ଯଜ୍ଞ ବେଦୀରେ ଅଧିଷ୍ଠିତ ବିଗ୍ରହମାନଙ୍କର ତିନି ରଥ ଦକ୍ଷିଣ ମୋଡ଼ ପାଇଁ ଆଜ୍ଞାମାଳ ବିଜେ ହୋଇ ଥିଲା। ଅପରାହ୍ନ ୨ ଟାରେ ଗୁଣ୍ଡିଚା ମନ୍ଦିରରୁ ରଥ ନିକଟକୁ ଆଜ୍ଞା ମାଳ ବିଜେ ହୋଇ ଥିଲା। ତିନି ରଥରେ ମହାପ୍ରଭୁଙ୍କ ଆଜ୍ଞାମାଳ ସମର୍ପଣ କରା ଯାଇ ପୂଜାର୍ଚ୍ଚନା କରା ଯାଇ ଥିଲା। ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିଲା। ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରରେ (୯ ପୃଷ୍ଠାରେ)

### ତେଲେଙ୍ଗାନା ଫାର୍ମା କମ୍ପାନୀ ବିସ୍ଫୋରଣ

# ଚାରି ଓଡ଼ିଆ ମୃତ, ୪ ଆହତ, ୫ ନିଖୋଜ

ଭୁବନେଶ୍ୱର, ୨।୭ (ସବ୍ୟୁ) : ବିଗତ ଜୁଲାଇ ୧ ତାରିଖରେ ତେଲେଙ୍ଗାନା ରାଜ୍ୟର ସଙ୍ଗାରେଡ୍ଡୀ ଜିଲ୍ଲା ସ୍ଥିତ ସିଗାଚୀ ଫାର୍ମା କମ୍ପାନୀରେ ଘଟିଥିବା ଦୁର୍ଘଟଣାରେ ଏଯାବତ୍ ଓଡ଼ିଶାର ୪ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିବାବେଳେ ୫ଜଣ ବ୍ୟକ୍ତି ନିଖୋଜ ରହିଥିବାର ସୂଚନା ମିଳିଛି। ଏଥିସହ ୪ଜଣ ଓଡ଼ିଆ ବ୍ୟକ୍ତି ଆହତ ହୋଇ ନିକଟତମ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।



ଏହି ସମସ୍ତ ଓଡ଼ିଆ ବ୍ୟକ୍ତି ସିଗାଚୀ ଫାର୍ମା କମ୍ପାନୀର କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଓଡ଼ିଆ ବ୍ୟକ୍ତିମାନଙ୍କର ଉଦ୍ଧାର କାର୍ଯ୍ୟ ସମେତ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ୨ଜଣ ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି।

୨ଜଣ ଅଧିକାରୀ - ଡ଼. ଚନ୍ଦ୍ର ଶେଖର ହୋତା ଏବଂ ପ୍ରୀତିଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ନିଖୋଜ ରହିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ସନ୍ଧାନ ନିମନ୍ତେ ସଙ୍ଗାରେଡ୍ଡୀ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଛନ୍ତି। ଏଥିସହିତ ଅଧିକାରୀମାନେ ଆହତ ହୋଇଥିବା ଓଡ଼ିଆ ବ୍ୟକ୍ତିମାନଙ୍କୁ ଚିକିତ୍ସାଳୟରେ ଭେଟିଛନ୍ତି । ଆହତ ହୋଇଥିବା ବ୍ୟକ୍ତିମାନଙ୍କର ଚିକିତ୍ସା ନିମନ୍ତେ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି।

ଦୁଇ ଅଧିକାରୀଙ୍କୁ ପଠାଇଲେ ରାଜ୍ୟ ସରକାର

ହସ୍ପିଟାଲ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛନ୍ତି

ମୃତ୍ୟୁବରଣ କରିଥିବା ଓଡ଼ିଆ ବ୍ୟକ୍ତିମାନଙ୍କର ମୃତ ଶରୀରକୁ ଓଡ଼ିଶାକୁ ଫେରେଇ ଆଣିବା ସହ ସେମାନଙ୍କ ପରିବାର ବର୍ଗକୁ ସାହାଯ୍ୟ କରିବା ନିମନ୍ତେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ (୯ପୃଷ୍ଠାରେ)

## ୫ ଲକ୍ଷ ଚିଟଫଣ୍ଡ ଜମାକାରୀଙ୍କୁ ମିଳିବ କ୍ଷତିପୂରଣ ରାଶି

ଭୁବନେଶ୍ୱର, ୨।୭ (ସବ୍ୟୁ) : ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ସରଳୀକୃତ ଏବଂ ଜିଲ୍ଲା ସ୍ତରକୁ ବିକେନ୍ଦ୍ରୀକରଣ କରାଯାଇଛି।

ଏତଦ୍ଦ୍ୱାରା ଟଙ୍କା ଫେରସ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ୧,୨୬,୩୩୭ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୪୭.୦୭ କୋଟି ଟଙ୍କା ଫେରସ୍ତ କରିସାରିଛନ୍ତି। ଆସନ୍ତା ୩-୪ ମାସ ମଧ୍ୟରେ, ଆଉ ୫ ଲକ୍ଷ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ସୂଚାଇ ଦିଆଯାଇ ପାରେ ଯେ, ୨୦୧୪ରୁ ୨୦୨୪ ମସିହା, ଦୀର୍ଘ ୧୦ (୯ ପୃଷ୍ଠାରେ)

## ରେଳଧାରଣା ଉପରେ ଧସିଲା ମାଟି: ୨ ଟ୍ରେନ୍ ବାତିଲ

କୋରାପୁଟ, ୨।୭ (ସବ୍ୟୁ): କୋରାପୁଟ ଜିଲ୍ଲାର ଉପର ମୁଣ୍ଡରେ ପ୍ରବଳ ବର୍ଷାର ପ୍ରଭାବରେ ରେଳଧାରଣା ଉପରେ ମାଟି ଧସିଛି। ଟ୍ରେନ ଆସିବାର କିଛି ସମୟ ପୂର୍ବରୁ ପାହାଡ଼ ଧସି ରେଳଲାଇନ୍ ଅବରୋଧ ହୋଇଛି । ରେଳଧାରଣା ଉପରେ ମାଟି ଧସିବା କାରଣରୁ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି। କୋରାପୁଟ-ଜୟପୁର ରେଳପଥର ଜରଟି ନିକଟରେ ବୁଧବାର ଏହି ଘଟଣା ଘଟିଛି । ରେଳବାଇ ପକ୍ଷରୁ କୁହାଯାଇଛି ଏହି ଅପ୍ରୀତିକର ଘଟଣା ଯୋଗୁଁ ୨ଟି ଟ୍ରେନ୍ ବାତିଲ କରାଯାଇଛି । ଜଗଦଲପୁରରୁ ଆସୁଥିବା ରାଉରକେଲା ଏକ୍ସପ୍ରେସ୍ ଓ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ କୋରାପୁଟ ପହଞ୍ଚିବାରେ ବିଳମ୍ବ ହେଉଛି । ସେହିପରି ବିଶାଖାପାଟଣା-କିରଣ୍ଡୁଲ ଟ୍ରେନ୍ ପ୍ରଭାବିତ ହୋଇଛି । ଜରଟି-ମାଲିଗୁଡ଼ା ମଧ୍ୟରେ ୨୦୮ କିମି ଠାରେ ଭୂସ୍ଖଳନ ହୋଇଛି । ଅପରାହ୍ନ ପ୍ରାୟ ୩ଟା ସମୟରେ କେକେ ଲାଇନର କୋରାପୁଟ ଓ ଜୟପୁର ମଧ୍ୟରେ ଥିବା ଜରଟି ରେଳ ଷ୍ଟେସନ ନିକଟରେ ଘଟଣା ଘଟିଛି । ଜଗଦଲପୁରରୁ ଆସୁଥିବା ରାଉରକେଲା ଏକ୍ସପ୍ରେସ୍ ଓ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ କୋରାପୁଟ ପହଞ୍ଚିବାରେ ବିଳମ୍ବ ହେଉଛି । ସେହିପରି ବିଶାଖାପାଟଣା-କିରଣ୍ଡୁଲ ଟ୍ରେନ୍ ପ୍ରଭାବିତ ହୋଇଛି । ଜରଟି-ମାଲିଗୁଡ଼ା ମଧ୍ୟରେ ୨୦୮ କିମି ଠାରେ ଭୂସ୍ଖଳନ ହୋଇଛି । ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ (୯ ପୃଷ୍ଠାରେ)

## ଦଳାଚକଟା ଘଟଣାରେ ୪ ଜଣିଆ କମିଟି

ଭୁବନେଶ୍ୱର, ୨।୭ (ସବ୍ୟୁ) : ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଗଠିତ କମିଟିରେ ଆଉ ୪ ଓଏସ୍ ଅଧିକାରୀଙ୍କୁ ସାମିଲ କରାଯାଇଛି। ଉନ୍ନୟନ କମିଶନର ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଏହି ଘଟଣାର ତଦନ୍ତ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଅନୁଗର୍ଗଙ୍କୁ ସହଯୋଗ କରିବା ପାଇଁ ବରିଷ୍ଠ ଓଏସ୍ ଅଫିସର ତଥା ଇଷ୍ଟେଟ୍ର ନିର୍ଦ୍ଦେଶ ମାନସରଞ୍ଜନ ସାମଲ, ଗୃହ ଓ ନଗର ଉନ୍ନୟନର ଅତିରିକ୍ତ ସଚିବ ବିନୟ କୁମାର ଦାସ, ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବ ରଶ୍ମିରଞ୍ଜନ ନାୟକ, ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁଙ୍କୁ ଅନୁଗର୍ଗଙ୍କୁ ସହଯୋଗ କରିବାକୁ କମିଟିରେ ସାମିଲ କରାଯାଇଛି। ସେମାନେ ତଦନ୍ତରେ ସହଯୋଗ କରି ଦିନକୁ ପ୍ରାୟ ୨ ଘଣ୍ଟା ଯଥା ଅପରାହ୍ନ ୩ଟାରୁ (୯ ପୃଷ୍ଠାରେ)

# ଆକସ୍ମିକ ମୃତ୍ୟୁର କାରଣ କୋଭିଡ ଟୀକା ନୁହେଁ

ନୂଆଦିଲ୍ଲୀ : କୋଭିଡ୍ ଟିକା ସହ ଯୁବ, ବୃଦ୍ଧଙ୍କର ଆକସ୍ମିକ ମୃତ୍ୟୁର କୌଣସି ସମ୍ପର୍କ ନାହିଁ। ତେବେ ଏଥିଲାଗି ଜୀବନଶୈଳୀ ଓ ପାରିପାର୍ଶିକ ସ୍ଥିତି ମୁଖ୍ୟ ଆଧାର ବୋଲି ହୋଇଥିବା ଏକ ଅଧ୍ୟୟନରୁ ଜଣାପଡିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିବା ସହ ଦିନକ ପୂର୍ବରୁ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧେରମୟା କୋଭିଡ୍ ଟିକା ସହ ହୃଦଘାତକୁ ଯୋଡି ଯେଉଁ ବୟାନ ଦେଇଥିଲେ ତାହା ଆପାତତ୍ ଖଣ୍ଡନ ହୋଇଛି ।

ବସି ବସି ହୃଦ୍‌ଘାତରେ ଲୋକ ଶିକାର ହେବା ଓ ହଠାତ୍ ହୃଦ୍‌ଘାତକ ଆସିବାର କୋଭିଡ୍ ଟିକାର ଏକ କାରଣ ବୋଲି ଧାରଣା ସୃଷ୍ଟି ହୋଇଥିଲା।




ଆଇସିଏମ୍ଆର ଓ ଏମ୍ସ୍ ପକ୍ଷରୁ ଏନେଇ ଅନୁଧ୍ୟାନ କରାଯାଇଛି। ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୪୭ ହସ୍ପିଟାଲରେ ଏହି ଅଧ୍ୟୟନ ହୋଇଥିଲା। ଏହି ରିପୋର୍ଟରେ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ, ହୃଦ୍‌ଘାତ ବା ହୃଦୟ ସମ୍ବନ୍ଧିତ ରୋଗ ସହ କୋଭିଡ୍ ଟିକାର କୌଣସି ସଂଯୋଗ ନାହିଁ। ଯେତେବେଳେ ୪୦ ବର୍ଷରୁ କମ୍ ଓ

### ଏମ୍ସ, ଆଇସିଏମ୍ଆରର ରିପୋର୍ଟ

### ହୃଦ୍‌ଘାତର କାରଣ ଅଧିକାଂଶ ବଂଶଗତ

ବୟସ୍କମାନଙ୍କର ଅକସ୍ମାତ୍ ମୃତ୍ୟୁ ହେଲା ସେ ସମୟରେ ଏହାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା । ଗତ କିଛି ବର୍ଷ ମଧ୍ୟରେ ପ୍ରମୁଖ ସେଲିବ୍ରିଟି ସିଦ୍ଧାର୍ଥ ଶୁକ୍ଲା(୪୦), ଗାଏକ କେ.କେ(୫୩), ଅଭିନେତା ପୁନିତ ରାଜକୁମାର(୪୬) , ଚଳଚିତ୍ର ନିର୍ମାତା ରାଜ କୌଶଲ,(୫୦) ଓ କମେଡିଆନ୍ ରାଜୁ ଶ୍ରୀବାସ୍ତବ (୫୮) ହଠାତ୍ ମୃତ୍ୟୁ ହେଲା ସେତେବେଳେ ଏହି ଚିନ୍ତା ଅଧିକ ହୋଇଥିଲା। ଆଇସିଏମ୍ଆର୍ ଓ ଏନ୍‌ସିଡିସି ପକ୍ଷରୁ ଏହି ଆକସ୍ମିକ ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ବିଶେଷ କରି ୧୮ରୁ ୪୫ ବର୍ଷ ମଧ୍ୟରେ ବୟସ୍କ ମାନଙ୍କର ମୃତ୍ୟୁ ସମ୍ପର୍କରେ ଅନୁଧ୍ୟାନ କରାଯାଇଥିଲା । (୯ ପୃଷ୍ଠାରେ)

### ସାଳନ୍ଦୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା

# ଗାଁ ଦାଣ୍ଡରେ ବନ୍ୟାଜଳ, ଲୋକେ ଜଳବନ୍ଦୀ

ଭଦ୍ରକ, ୨।୭ (ସବ୍ୟୁ): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଖୋଲିଲା ହଦଗଡ଼ ଡ୍ୟାମର ୪ଟି ଗେଟ । ସାଳନ୍ଦୀ ନଦୀରେ ଆସିଲା ଚଳିତ ବର୍ଷର ପ୍ରଥମ ବନ୍ୟା । ଭଦ୍ରକ ବ୍ଲକର ବେନ୍ତାଳ ଖଣ୍ଡତଡା,ଅର୍ଣ୍ଣପାଳ ଏବଂ ବିଷ୍ଣୁପୁର ପଞ୍ଚାୟତରେ ଚାଷ ଜମି ସହିତ ଗାଁରେ ପଶିଲା ବନ୍ୟା ପାଣି । ବିଶେଷ କରି ବେନ୍ତାଳ ପଞ୍ଚାୟତର ୫ନମ୍ବର ଏବଂ ୬ନମ୍ବର ୱାର୍ଡରେ ଥିବା ଲୋକଙ୍କ ଘର ଭିତରେ ବନ୍ୟାପାଣି ପ୍ରବେଶ କରିଛି । ଫଳରେ ମଙ୍ଗଳବାର ରାତି ଠାରୁ ଲୋକମାନେ ବନ୍ୟାଘେରରେ ରହିଛନ୍ତି । ଗାଁ ଦାଣ୍ଡରେ ବନ୍ୟା ପାଣି ସୁଅ ଛୁଟିଛି । ଲୋକମାନେ ଏକ ପ୍ରକାର ଜଳବନ୍ଦୀ ହୋଇ ପଡିଛନ୍ତି । ସେହିପରି ଚାଷ ଜମିରେ ବନ୍ୟାପାଣି ମାଡି ଯିବା ଯୋଗୁଁ ଧାନ ତଳି ନଷ୍ଟ ହେବାର ଆଶଙ୍କା ଦେଖାଯାଇଛି । ତେବେ ଆଡିବନ୍ଧ ଦୁର୍ବଳ ସାଙ୍ଗକୁ ଉଚତା ବୃଦ୍ଧି ନହେବା ଯୋଗୁଁ ବନ୍ୟାପାଣି ସେମାନଙ୍କ ଘରେ ପ୍ରବେଶ କଲା ବୋଲି ବିପନ୍ନ ଲୋକମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

ଖବରପାଇ ଜଳ ସେଚନ ବିଭାଗର ସହକାରୀ ଯନ୍ତ୍ରୀ ଓ ତାଙ୍କ ଟିମ ପହଂଚିବା ପରେ ଉତ୍ୟକ୍ତ ଲୋକମାନେ ତାଙ୍କ ସହିତ ପାଟି ତୁଣ୍ଡ କରିଥିଲେ । ଏପରିକି ସେମାନଙ୍କ ଦାୟିତ୍ୱ ହୀନତା ପାଇଁ ସେମାନେ ବନ୍ୟାଘେରରେ ଥିବା ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ ସାଳନ୍ଦୀ ନଦୀର ରାଜଘାଟ ଠାରେ ବିପଦ ସଂକେତ ୧୭ମିଟର ଥିଲାବେଳେ ବର୍ତ୍ତମାନ ୧୫.୩୦ଉପରେ ଜଳସ୍ତର ରହିଛି ବୋଲି ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ କହିବା ସହିତ ସ୍ଥିତି ଦେଖିଲା ପରେ ୨ଗୋଟି ଗେଟ ବନ୍ଦ ପାଇଁ ହଦଗଡ଼ ଡ୍ୟାମ କତ ରୁପକ୍ଷଙ୍କୁ କୁହାଯାଇଛି । ତେବେ ବର୍ତ୍ତମାନ ପ୍ରାୟ ୪ହଜାର କ୍ୟୁସେକ ପାଣି ଆସୁଛି । ତେଣୁ ବନ୍ୟା ପରିସ୍ଥିତି ତଳିଆ ଅଂଚଳରେ ସୃଷ୍ଟି କରିଛି ବୋଲି ସେମାନେ କହିବା ସହିତ ଆଜି ରାତି ସୁଦ୍ଧା ପାଣି କମିବ ବୋଲି କହିଛନ୍ତି । ହଦଗଡ଼ ଡ୍ୟାମର ୪ଗୋଟି ଗେଟ ଖୋଲା ଯିବା ପରେ ସାଳନ୍ଦୀ ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି (୯ ପୃଷ୍ଠାରେ)



## ଇତିହାସ

୧୭୬୦– ମରାଠା ସେନା ଦିଲ୍ଲୀକୁ ନିଜ ଅଧୀନରେ ରଖିଲେ ।
୧୮୮୬– ନ୍ୟୁୟର୍କ ଟ୍ରିବ୍ୟୁନ୍ ପ୍ରଥମ ପ୍ରିଣ୍ଟିଂ ମେସିନ୍‌ର ବ୍ୟବହାର କଲା ।
୧୯୦୮– ବାଲ ଗଙ୍ଗାଧର ତିଲକଙ୍କୁ ଦେଶଦ୍ରୋହୀ ଅଭିଯୋଗରେ ଇଂରେଜ ସରକାର ଗିରଫ କଲା ।
୧୯୨୮– ଲଣ୍ଡନରେ ପ୍ରଥମ ରଙ୍ଗୀନ ଟିଭି କାର୍ଯ୍ୟକ୍ରମର ପ୍ରସାରଣ କରାଗଲା ।
୧୯୭୨– ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏବଂ ପାକିସ୍ତାନ ମଧ୍ୟରେ କାଶ୍ମୀର ସମ୍ବନ୍ଧିତ ବୁଝାମଣା ।
୧୯୯୦– ମକ୍କାରୁ ମୀନା ଯାଉଥିବା ସୁଡଙ୍ଗରେ ୧୪୨୬ ହଜ୍ ଯାତ୍ରୀଙ୍କ ମୃତ୍ୟୁ ।
୧୯୯୯– ପରମବୀର ଚକ୍ର ସମ୍ମାନିତ ଭାରତୀୟ ସୈନିକ ମନୋଜ କୁମାର ପାଣ୍ଡେଙ୍କ ପରଲୋକ ।
୨୦୦୫– ମହେଶ ଭୂପତି ଏବଂ ମେରୀ ପିଅର୍ସ ୱିମ୍ବଲଡନ୍ ଟେନିସ୍‌ର ଟାଇଟେଲ୍ ଜିତିଲେ ।
୨୦୦୮– ବିଶ୍ୱସ୍ତରରେ ପ୍ରଥମକରି ପ୍ଲାଷ୍ଟିକ୍ ବ୍ୟାଗ୍ ମୁକ୍ତ ଦିବସ ପାଳନ କରାଗଲା ।

# ରହସ୍ୟମୟ ଶ୍ରୀଜଗନ୍ନାଥ–୨

**୬. ଗଣତନ୍ତ୍ର ଓ ସମାନତାର ସୂତ୍ରଧର–** ପ୍ରଭୁ ଶ୍ରୀଜଗନ୍ନାଥ ଘୋଷଯାତ୍ରାରେ ସ୍ୱୟଂ ଗଜପତି ମହାରାଜା ଛେରାପହଁରା କରନ୍ତି । ଜଜପତି ମହାରାଜା ଏଠାରେ ପ୍ରଭୁଙ୍କ ଦାସ ସାଜନ୍ତି । ରାଜା, ପ୍ରଜା ଓ ଭଗବାନଙ୍କ ସମନ୍ୱୟ ତଥା ଏକତାର ପ୍ରତୀକ ସ୍ୱୟଂ ଜଗନ୍ନାଥ । ଏହି ବୈଶିଷ୍ଟ୍ୟ ଅନ୍ୟ କୌଣସି ଧର୍ମପୀଠରେ ଦେଖାଯାଏ ନାହିଁ । ଜଗନ୍ନାଥ ହିଁ ପ୍ରଥମ ଗଣଦେବତା, ଯେଉଁ ପୀଠରେ ରହିଛି ଗଣତନ୍ତ୍ରର ମୂଳତତ୍ତ୍ୱ । ଗଣତନ୍ତ୍ରର ମୂଳମନ୍ତ୍ର ହେଲା ସମାନତା ବା ସମସ୍ତଙ୍କର ସମାନ ଅଧିକାର । ଏହି ତତ୍ତ୍ୱକୁ ପ୍ରଭୁ ଜଗନ୍ନାଥ ପ୍ରତିପାଦନ କରନ୍ତି । ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଜଗନ୍ନାଥ ମହାପ୍ରଭୁ ସମସ୍ତଙ୍କର । ଘୋଷଯାତ୍ରା ସମୟରେ ଦେବତା, ରାଜା ଓ ପ୍ରଜାମାନଙ୍କର ଯେଉଁ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ, ତାହା ହିଁ ଏହି ପୀଠର ଗାଣତାନ୍ତ୍ରିକ ବୈଶିଷ୍ଟ୍ୟକୁ ସୂଚାଇଥାଏ ।

**୭. ବିରଳ ଦର୍ଶନ–** ପ୍ରାୟତଃ ଅଧିକାଂଶ ଧର୍ମପୀଠରେ ଠାକୁରଙ୍କୁ ବର୍ଷସାରା ଦର୍ଶନ କରିହୁଏ, କିନ୍ତୁ ଜଗନ୍ନାଥ ଧାମର ଠାକୁର ପ୍ରତ୍ୟେକ ବର୍ଷ ଘୋଷଯାତ୍ରାର ପନ୍ଦରଦିନ ପୂର୍ବରୁ ଅଣସର ଯାଆନ୍ତି । ଲୋକବିଶ୍ୱାସ ଅନୁଯାୟୀ ଏହି ସମୟରେ ଠାକୁର ଜ୍ୱରରେ ପଡ଼ନ୍ତି । ଦଇତାପତି (ବ୍ରାହ୍ମଣ ବିଦ୍ୟାପତି ଓ ବିଶ୍ୱାବସୁ ଶବର କନ୍ୟା ଲଳିତାଙ୍କ ଔରଷରୁ ଜାତ)ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବର୍ଷତମାମ ଠାକୁରଙ୍କ ଦର୍ଶନ କରିପାରନ୍ତି ନାହିଁ ।

**୮. ବ୍ରହ୍ମର ନିଦର୍ଶନ–** ସାରା ବିଶ୍ୱ 'ଶ୍ରୀଜଗନ୍ନାଥ' ହିଁ ଏକମାତ୍ର ଲିଙ୍ଗବିହୀନ ଠାକୁର । ଜଗନ୍ନାଥ, ପୁରୁଷବାଚକ ଶବ୍ଦ ହେଲେ ମଧ୍ୟ ପ୍ରକୃତରେ ସେ କୌଣସି ନିର୍ଦ୍ଦିଷ୍ଟ ଲିଙ୍ଗର ସୂଚକ ନୁହଁନ୍ତି, ତେଣୁ ସେ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ, ପରମାତ୍ମା, ବ୍ରହ୍ମମୟ ବା ଜଗତମୟ । ଶ୍ରୀଜଗନ୍ନାଥଙ୍କୁ ବୈଷ୍ଣବମାନେ ପୁରୁଷୋତ୍ତମ ବିଷ୍ଣୁ ଭାବରେ, ଶୈବମାନେ ପ୍ରକୃତିମୟ ଶିବ ରୂପରେ, ଶାକ୍ତମାନେ ସ୍ତ୍ରୀ ଶକ୍ତିର ଉତ୍ସ ଆଦ୍ୟାଶକ୍ତି ମାତା ଦକ୍ଷିଣକାଳୀ ରୂପରେ, ଜ୍ୟୋତିଷାଚାର୍ଯ୍ୟମାନେ ଘନନୀଳ ବର୍ଣ୍ଣ ଶନିମହାଗ୍ରହ ରୂପରେ ବର୍ଣ୍ଣନା କରିଛନ୍ତି । ଲିଙ୍ଗ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଜାତି ବା ପ୍ରଜାତିର ସୂଚକ ହେଲାବେଳେ ସାର୍ବଜନୀନ ଭାବେ ଶ୍ରୀଜଗନ୍ନାଥ ସମସ୍ତଙ୍କ ପ୍ରିୟ ଓ ଗ୍ରହଣୀୟ । ସବୁଧର୍ମର ଆରାଧ୍ୟ ଦେବତା କୌଣସି ଏକ ନିର୍ଦ୍ଦିଷ୍ଟ ଲିଙ୍ଗ ଭିତରେ ଆବଦ୍ଧ ରହିଥିଲାବେଳେ ଶ୍ରୀଜଗନ୍ନାଥ ହିଁ ଏକମାତ୍ର ଦେବତା, ଯିଏ ଏସବୁର ଊର୍ଦ୍ଧ୍ୱରେ ରହି ସମ୍ପୂର୍ଣ୍ଣ ଜଗତକୁ ପ୍ରତିପାଳନ କରୁଛନ୍ତି । ସେ ପୁରୁଷମାନଙ୍କ ମଧ୍ୟରେ ପୁରୁଷଶ୍ରେଷ୍ଠ ବା ପୁରୁଷୋତ୍ତମ, ସ୍ତ୍ରୀମାନଙ୍କ ମଧ୍ୟରେ ଆଦ୍ୟାଶକ୍ତିର ମୂଳ ଉତ୍ସ ଭାବରେ ବନ୍ଦନୀୟ ଓ ଗ୍ରହଣୀୟ ।



**୯. ଐଶ୍ୱର୍ଯ୍ୟମୟ ସଂସ୍କୃତି–** ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର 'ଶ୍ରୀକ୍ଷେତ୍ର' ନାମରେ ନାମିତ । 'ଶ୍ରୀ' ଅର୍ଥାତ୍ ଦେବୀ ଲକ୍ଷ୍ମୀ । 'ଶ୍ରୀ' ହିଁ ସେହି କ୍ଷେତ୍ରର ଅଧିଷ୍ଠାତ୍ରୀ । ସେହି କ୍ଷେତ୍ରକୁ କେବେ ହେଲେ 'ଶ୍ରୀ' ଛାଡ଼ି ଯାଆନ୍ତି ନାହିଁ । ତେଣୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର 'ଶ୍ରୀମନ୍ଦିର' ଭାବେ ପରିଚିତ । ସାଧାରଣତଃ ଅନ୍ୟାନ୍ୟ ଦେବଦେବୀଙ୍କ ଆସ୍ଥାନସ୍ଥଳୀକୁ ମନ୍ଦିର କୁହାଯାଉଥିବାବେଳେ ଜଗନ୍ନାଥଙ୍କ ମନ୍ଦିର 'ଶ୍ରୀମନ୍ଦିର' ନାମରେ ପରିଚିତ । ଜଗନ୍ନାଥ ଧାମର ସେହି ଐଶ୍ୱର୍ଯ୍ୟମୟ ସଂସ୍କୃତି ବିଭିନ୍ନ ଧର୍ମାବଲମ୍ବୀଙ୍କୁ ଆକର୍ଷିତ କରେ ।

**୧୦. ମହାପ୍ରସାଦ–** ସବୁ ଧର୍ମକ୍ଷେତ୍ରରେ ଠାକୁରଙ୍କୁ ଅର୍ପିତ ନୈବେଦ୍ୟ 'ପ୍ରସାଦ' ଭାବରେ ପରିଚିତ ହେଲାବେଳେ, ଶ୍ରୀଜଗନ୍ନାଥଙ୍କ ପ୍ରସାଦ 'ମହାପ୍ରସାଦ' ଭାବେ ଖ୍ୟାତ । ତାହା ମଧ ସେହି କ୍ଷେତ୍ରର ଅନ୍ୟତମ ବୈଶିଷ୍ଟ୍ୟ । ସେହି କ୍ଷେତ୍ରରେ ଷାଠିଏ ପଉଟି ଅନ୍ନ ସହ ଚଉଷଠି ପ୍ରକାର ବ୍ୟଞ୍ଜନ ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ଠାରେ ଲାଗିହୁଏ । ସେହି ବ୍ୟଞ୍ଜନ ଆଡ଼ପ ମଣ୍ଡପ ଓ ଭୋଗମଣ୍ଡପରେ ପ୍ରଭୁଙ୍କୁ ଅର୍ପଣ ହେଲାପରେ ଯାଇ ମହାପ୍ରସାଦରେ ପରିଣତ ହୁଏ । ସେହି କ୍ଷେତ୍ରର ବିଶେଷତ୍ୱ ହେଲା ଯେଉଁ ଅନ୍ନପ୍ରସାଦ ଠାକୁରଙ୍କ ପାଇଁ ପ୍ରସ୍ତୁତ ହୁଏ, ସେ ସବୁ ଜଗନ୍ନାଥଙ୍କ ଭୋଗମଣ୍ଡପକୁ ବୁହା ହୋଇ ପୂଜାପଣ୍ଡାଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଏ । ଅନ୍ୟ କ୍ଷେତ୍ରରେ ଏହା ବ୍ୟତିକ୍ରମ ଦେଖାଯାଏ । ଠାକୁରଙ୍କ ପାଇଁ ପ୍ରସ୍ତୁତ ଭୋଗର କିଛିମାତ୍ର ଅମଣିଆ ଭୋଗ ଠାକୁରଙ୍କ ନିକଟକୁ ଯାଏ ଏବଂ ସେହି ଭୋଗର କିଛି ଅଂଶ ପ୍ରସ୍ତୁତ ଅମଣିଆ ଭୋଗରେ ମିଶାଇ ପ୍ରସାଦ ହୁଏ ।

**(ଡକ୍ଟର ପ୍ରଦୀପ କୁମାର ଚୌଧୁରୀ)**

# ଶୁଖିଲା ନଡିଆକୁ ନାହିଁ ଟ୍ରେନ୍ ଯାତ୍ରାର ଅନୁମତି



ଭାରତୀୟଙ୍କ ଜୀବନରେ ଟ୍ରେନ୍‌ର ଖୁବ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଥିରେ ପ୍ରତିଦିନ ଦୂର ହେଉ କି ପାଖ ଅନେକ ଲୋକ ଯିବା ଆସିବା କରିଥାଆନ୍ତି । ପ୍ରତିଦିନ କିଏ ଚାକିରି ପାଇଁ ହେଉ କି ବ୍ୟବସାୟ ପାଇଁ ହେଉ ଟ୍ରେନ୍ ଯୋଗେ ବିଭିନ୍ନସ୍ଥାନକୁ ଯିବା ଆସିବା କରିଥାଆନ୍ତି । ତେବେ ଟ୍ରେନ୍‌ରେ ଅନେକ ସାମଗ୍ରୀ ନନେବା ପାଇଁ ନିୟମ ରହିଛି, ଯେପରି ଗ୍ୟାସ୍ ସିଲିଣ୍ଡର, ନିଆଁ ଲାଗୁଥିବା କେମିକାଲ, ବିସ୍ଫୋରକ ସାମଗ୍ରୀ ଆଦି ନେଇ ପାରିବନି । ତେବେ ଏଭଳି ଏକ ଫଳ ରହିଛି ଯାହାକୁ ଆମେ ଟ୍ରେନ୍‌ରେ ନେଇ ପାରିବା ନାହିଁ, ଏହି ଫଳଟିକୁ ଆମେ ଦୈନନ୍ଦିନ ଜୀବନରେ ଖୁବ ବ୍ୟବହାର କରିଥାଉ । ଟ୍ରେନ୍‌ରେ ଯାତ୍ରୀମାନେ ଶୁଖିଲା ନଡିଆ ନନେବାର ନିୟମ ରହିଛି । ନଡିଆର କତାରେ ଖୁବ ଶୀଘ୍ର ନିଆଁ ଲାଗୁଥିବାରୁ ଏହାକୁ ଟ୍ରେନ୍‌ରେ ନେବା ପାଇଁ ମନା କରାଯାଇଛି । ଯଦି କୌଣସି ବ୍ୟକ୍ତି ନଡିଆ ନେବାବେଳେ ଧରା ପଡନ୍ତି ତେବେ ତାଙ୍କୁ ଦଣ୍ଡ ମିଳିପାରେ ବୋଲି ସୂଚନା ରହିଛି । ସେହିଭଳି କିଛି ପଶୁ ମଧ ରହିଛନ୍ତି ଯାହାଙ୍କୁ ଟ୍ରେନ୍‌ରେ ନେବାପାଇଁ ସ୍ୱତନ୍ତ୍ର ଅନୁମତିର ଆବଶ୍ୟକ ପଡିଥାଏ ।

## ସୋସିଆଲ କୋଟ୍ସ



"ଦିଶା ଭକାନୀ ଜଣେ ଖୁବ ଭଲ ଲୋକ । ମୋ ସହିତ ତାଙ୍କର ସମ୍ପର୍କ ଖୁବ ଭଲ । ସେ ମୋତେ ଖୁବ ଭଲ ପାଆନ୍ତି । ତାଙ୍କ ପାଖରୁ ମୁଁ ଅନେକ କିଛି ଶିଖିଛି ।
**ନିଧି ଭାନୁଶାଲୀ, ଅଭିନେତ୍ରୀ**



"ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ନକରାତ୍ମକତା ଦେଖିବାକୁ ମିଳୁଛି । ସମସ୍ତେ ଖାଲି ମିଛ ଖବରକୁ ପ୍ରଚାର ପ୍ରସାର କରିବାରେ ଲାଗିଛନ୍ତି ।
**ଅସିତ୍ ମୋଦି, ଶୋମେକର**



"ଆମ ଶେର କାହାଣୀ ଭଲଥିଲା, ହେଲେ ଦର୍ଶକ ଏହାକୁ ଧୀରେ ଧୀରେ ପସନ୍ଦ କରିବା ଛାଡିଥିଲେ । ଯାହାର ପ୍ରଭାବ ଏହାର ଟିଆର୍‌ପି ଉପରେ ପଡିଥିଲା, ଯାହା ଖସିବାରେ ଲାଗିଥିଲା ।
**ପ୍ରଣମ ସିଂ, ଅଭିନେତା**




# ପ୍ରେମ ସମ୍ପର୍କରେ ମୋହର

ଖୁବଶୀଘ୍ର ତ୍ରିପ୍ତି ଡିମ୍‌ରିଙ୍କର ଫିଲ୍ମ ଧଡକ ୨ ପରଦାକୁ ଆସିବ । ଏହା ଆଗରୁ ତ୍ରିପ୍ତି ନିଜର ସମୟ ଗୋଆରେ କାଟୁଛନ୍ତି । ତେବେ ଏଠିକାର କିଛି ଫଟୋ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ନିଜେ ତ୍ରିପ୍ତି ପୋଷ୍ଟ କରିଛନ୍ତି । ତେବେ ଏଥିରେ କିଛି ଟୁଇଷ୍ଟ ଦେଖିବାକୁ ମିଳିଛି । ତ୍ରିପ୍ତିଙ୍କର କିଛି ପୋଷ୍ଟକୁ ରିସେୟାର କରିଛନ୍ତି ତାଙ୍କ ଗୁଜବ ପୁରୁଷବନ୍ଧୁ ସାମ୍ ମର୍ଚାଣ୍ଟ । ସାମ୍ ଏହାକୁ ରିସେୟାର ମାରିବା ପରେ ସମସ୍ତେ ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ କରିଛନ୍ତି । ଉଭୟ ନିଜର ପ୍ରେମ ସମ୍ପର୍କ ଉପରେ ମୋହର ମାରିଥିବାନେଇ ଫ୍ୟାନ୍‌ମାନେ ଆଲୋଚନା କରୁଛନ୍ତି । ପୂର୍ବରୁ ମଧ ଅନେକ ଇଭେଣ୍ଟରେ ଉଭୟଙ୍କୁ ଏକାଠି ସେଲିବ୍ରେଟ କରୁଥିବାର ଦେଖିବାକୁ ମିଳିଛି । ତ୍ରିପ୍ତି ଫିଲ୍ମ ଆନିମଲ ପାଇଁ ଘରେଘରେ ପରିଚିତ ହୋଇ ପାରିଥିଲେ । ତାଙ୍କର ଆହୁରି ଅନେକ ପ୍ରୋଜେକ୍ଟ ମଧ ରହିଛି ଯେଉଁଥିରେ ସେ ନିଜର ନିଖୁଣ ଅଭିନୟର ପରିଚୟ ପ୍ରଦାନ କରିଛନ୍ତି ।

# ପାଣିରେ ମିଳାଇବ ମେମୋରି ଚିପ୍

ବୈଜ୍ଞାନିକମାନେ ବିଭିନ୍ନ ସମୟରେ ନୂଆନୂଆ ଉଦ୍ଭାବନ କରୁଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ସେହିକ୍ରମରେ ସାଉଥ୍ କୋରିଆ ବୈଜ୍ଞାନିକମାନେ ଏକ ମେମୋରି ଡିଭାଇସର ଉଦ୍ଭାବନ କରିଛନ୍ତି ଯାହା ପାଣିରେ ଖୁବ ସହଜରେ ମିଳାଇଯିବ । ବର୍ତ୍ତମାନ ଯୁଗରେ ଇ–ୱେଷ୍ଟ ବା ଟେକ୍ନିକାଲ ଆବର୍ଜନା ସମସ୍ତଙ୍କର ଚିନ୍ତାର କାରଣ ସାଜିଛି । ଏହାକୁ ସମାଧାନ କରିବାକୁ ସମସ୍ତେ ଚେଷ୍ଟା କରୁଛନ୍ତି । ଏହାର ସମାଧାନ ଭାବେ ଏହି ମେମୋରି ଡିଭାଇସ୍‌କୁ ଉଦ୍ଭାବନ କରାଯାଇଛି । ଏହା ଖୁବ ସହଜରେ ଡାଟା ସଂରକ୍ଷିତ କରି ରଖିବା ସହିତ ପରିବେଶ ପାଇଁ କୌଣସି କ୍ଷତିକାରକ ହେବ ନାହିଁ । ଏହା ପ୍ରଥମ ଏଭଳି ମେମୋରି ଚିପ୍ ହେବ ଯାହା ନିଜକୁ ନିଜେ ନଷ୍ଟ କରିପାରିବ । ଏହାର ପରିବେଶ ଉପରେ କୌଣସି ନକରାତ୍ମକ ପ୍ରଭାବ ନାହିଁ । ଏହାଯେ କେବଳ ପରିବେଶ ଉପଯୋଗୀ ତାହା ନୁହେଁ ଏଥିରେ ପାଖାପାଖି ୧୦ ହଜାରରୁ ଅଧିକ ସେକେଣ୍ଡର ଡାଟା ଷ୍ଟୋର କରି ରଖିହେବ । ଏହାକୁ ନେଇ ଅଧିକ ଗବେଷଣା ଜାରି ରହିଛି, ଖୁବ ଶୀଘ୍ର ଏହାର ଆହୁରି ଫିଚର ସାମନାକୁ ଅଣାଯିବ ବୋଲି ବୈଜ୍ଞାନିକମାନେ ମତ ରଖିଛନ୍ତି । ସେହିଭଳି ଏହା ମଣିଷ ସମାଜ ପାଇଁ କୌଣସି କ୍ଷତିକାରକ ନୁହେଁ ବୋଲି ବୈଜ୍ଞାନିକ ମତ ରଖିଛନ୍ତି ।




# ଟମାଟୋ ଚାଟ୍

**ସାମଗ୍ରୀ–** କଟା ଟମାଟୋ ଏକ କପ, ଘିଅ, ପିଆଜ କଟା, କଞ୍ଚା ଲଙ୍କା, ସିଝା ଆଳୁ, ଧନିଆ ପତ୍ର, ଜିରା ଗୁଣ୍ଡ, ଲେମ୍ବୁ ରସ, କଳା ଲୁଣ, କିସ୍‌ମିସ୍, ଚିନି, ଚାଟ ମସଲା, ଶୁଖିଲା ଲଙ୍କା, ପୋଦିନା ଚଟଣି, ପନିର ।

**ପ୍ରଣାଳୀ–** ପ୍ରଥମେ ପ୍ୟାନ୍‌ରେ ଘିଅ ଗରମ କରନ୍ତୁ । ଏହାପରେ ଏଥିରେ କଞ୍ଚାଲଙ୍କା ଓ ଅଦା ପକାଇ ଭାଜନ୍ତୁ । ଅଳ୍ପ ସମୟ ଭାଜିବା ପରେ ଏଥିରେ ଟମାଟୋ ଓ ଲୁଣ ପକାଇ ଭାଜନ୍ତୁ । ଏହାପରେ ସିଝା ଆଳୁକୁ ଚକଟି ଦିଅନ୍ତୁ । ଏହା ଅଳ୍ପ ସମୟ ସିଝିବା ପରେ ଏଥିରେ ପାଣି ଦେଇ ଫୁଟାନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ପାଣି ଫୁଟିବା ପରେ ଏଥିରେ ଚିନି ପକାଇ ମିଳାଇବା ଯାଏଁ ଫୁଟାନ୍ତୁ । ଫୁଟିବା ପରେ ଏଥିରେ ଅନ୍ୟ ସମସ୍ତ ସାମଗ୍ରୀକୁ ପକାଇ ଗୋଳାନ୍ତୁ । ଏହାପରେ ଗୋଟିଏ ପ୍ଲେଟରେ ଟମାଟୋ ମିଶ୍ରଣକୁ ରଖନ୍ତୁ ଏହା ଉପରେ ଚିନିର ପ୍ରସ୍ତୁତ ସିରା ପକାନ୍ତୁ । ଶେଷରେ ଏଥିରେ ଭଜା କାଜୁ, ଛଣା ସେଉ, ଧନିଆ ପତ୍ର ଦେଇ ପ୍ରସ୍ତୁତ କରନ୍ତୁ ଟମାଟୋ ଚାଟ୍ ।



# ରୋବଟ ରୋକିବ ସାଇନସ୍ ସମସ୍ୟା

ସାଇନସ ଏଭଳି ଏକ ସ୍ୱାସ୍ଥ୍ୟ ସମସ୍ୟା ଯାହା ରୋଗୀଙ୍କୁ ଚିଡଚିଡା କରିଦେଇଥାଏ । ଏହି ରୋଗଟି କମିବା ପାଇଁ ଖୁବ ଅଧିକ ସମୟନେଇଥାଏ । ସେହିଭଳି ଅନେକ ଏଭଳି ରୋଗୀ ମଧ ଥାଆନ୍ତି ଯେଉଁମାନେ ନାକରେ ହେଉଥିବା ଏହି ସମସ୍ୟାକୁ ରୋକିବା ପାଇଁ ଅନେକ ଔଷଧ ଖାଇଥାଆନ୍ତି । ଏହାର ଲକ୍ଷଣ ଭାବେ ନାକରୁ ପାଣି ବାହାରିବା, ନାକ ଓ ମୁହଁରେ ଯନ୍ତ୍ରଣା ଆଦି ଦେଖିବାକୁ ମିଳିଥାଏ । ତେବେ ଏହି ସଂକ୍ରମଣକୁ ରୋକିବା ପାଇଁ ଚୀନର ବୈଜ୍ଞାନିକମାନେ ରୋବଟର ସାହାଯ୍ୟ ନେଇଛନ୍ତି । ସେମାନେ ଏଭଳି ଏକ ରୋବଟର ଉଦ୍ଭାବନ କରିଛନ୍ତି, ଯାହାକୁ ନାକରେ ଛଡା ଯିବ । ଏହାର ଆକାର ଏକ ଧୂଳିକଣା ଭଳି ହୋଇଥାଏ, ଯାହାକି ସହଜରେ ନାକରେ ପ୍ରବେଶ କରିପାରିବ । ଏହା ଏକ ମାଇକ୍ରୋ ରୋବଟ, ଯାହାକୁ ସହଜରେ ନାକରେ ସ୍ଥାନିତ କରାଯାଇପାରିବ ଯାହାପରେ ସେ ତାର କାର୍ଯ୍ୟ କରିବ । ଏହାକୁ ଏକ ଅପ୍ଟିକାଲ ଫାଇବର ସହାୟତାରେ ଆକ୍ଟିଭେଟ କରାଯାଇ ପାରିବ । ଏହି ରୋବଟ ଆମ ନାକଭିତରେ ସାଇନସ୍ ସଂକ୍ରମଣ କରାଉଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିବ, ଯାହାଫଳରେ ସଂକ୍ରମଣ କମିବ । ଏହାକୁ ନେଇ ବର୍ତ୍ତମାନ ଅଧିକ ଗବେଷଣା ଜାରି ରହିଛି । ଏହାର ଆହୁରି କ୍ଲିନିକାଲ ଟ୍ରାଏଲ ପରେ ଏହାକୁ ବଜାରକୁ ଛଡାଯିବବୋଲି ପ୍ରସ୍ତୁତକାରୀ ବୈଜ୍ଞାନିକ ମତ ଦେଇଛନ୍ତି ।



## ସରକାରୀ ଦପ୍ତରରେ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ

# ଆସୁନାହାନ୍ତି ଅଧିକାରୀ, ଫାଙ୍କା ପଡ଼ିଛି କାର୍ଯ୍ୟାଳୟ

କଟକ,(ସବ୍ୟୁ):କିଏ ଜାତିଗତ ପ୍ରମାଣପତ୍ର ପାଇଁ ଆସୁଛି ତ ଆଉ କିଏ ଲାଇସେନ୍ସ ପାଇଁ ଆସୁଛି କିନ୍ତୁ ସେମାନଙ୍କ କାର୍ଯ୍ୟ ହୋଇପାରୁନଥିବାରୁ ନିରାଶ ହେବାକୁ ପଡୁଛି । ଗତଦୁଇ ଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ତହସିଲ ଏବଂ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଏଭଳି ସ୍ଥିତି ଲାଗି ରହିଛି । ସରକାରୀ କାର୍ଯ୍ୟାଳୟକୁ ପ୍ରଶାସନିକ ଅଧିକାରୀମାନେ ଆସୁନାହାନ୍ତି । ସାମୂହିକ ଛୁଟିରେ ଥିବାରୁ ସରକାରୀ କାର୍ଯ୍ୟ ପ୍ରଭାବିତ ହୋଇଛି । ସବୁଠି ଅଧିକାରୀଙ୍କ ଚୌକି ଫାଙ୍କା ପଡ଼ିଥିବାବେଳେ କୌଣସି ଫାଇଲ୍ ଅନୁମୋଦନ ହୋଇପାରୁନାହିଁ । ସାଧାରଣ ଲୋକଙ୍କୁ ସରକାରୀ ସେବା ଠିକ୍ ମିଳିପାରୁ ନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ବର୍ଷା ଦିନ ଥିବାରୁ ଜରୁରୀକାଳୀନ କାର୍ଯ୍ୟ ବନ୍ଦ ନ ରଖିବାକୁ ଜିଲାପାଳ ସବୁ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜନ ସାଧାରଣ ଏଥିଯୋଗୁଁ କୌଣସି ଅସୁବିଧାର ସମ୍ମୁଖୀନ ହେବନାହିଁ ବୋଲି ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି ।

ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଅତିରିକ୍ତ ଆୟୁକ୍ତଙ୍କୁ ମାଡ଼ ଘଟଣାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଓଏଏସ ସଂଘର ପ୍ରତିବାଦ ଜାରି ରହିଛି । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଉଛି । ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ଏହାର ପ୍ରଭାବ କଟକ ଜିଲାରେ ମଧ ଦେଖିବାକୁ ମିଳିଛି । ଜିଲାରେ ୧୧୫ ପ୍ରଶାସନିକ ଅଧିକାରୀ ସାମୂହିକ ଛୁଟିରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ୬୮ ଜଣ ଥିବାବେଳେ ଓଡ଼ିଶା ରାଜସ୍ୱ ସେବା (ଓଆରଏସ)ରେ ୪୭ ଅଧିକାରୀ କାର୍ଯ୍ୟାଳୟକୁ ଆସୁନାହାନ୍ତି । ଜିଲାର ସବୁ ତହସିଲ କାର୍ଯ୍ୟାଳୟ, ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଏନଏସି, ପୌରପାଳିକା କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ଠିକ୍ରେ ହୋଇପାରୁନାହିଁ ।

### ଜରୁରୀକାଳୀନ କାର୍ଯ୍ୟ କରିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

କଟକ ସହରରେ ଜିଲାପାଳଙ୍କ କାର୍ଯ୍ୟାଳୟ, ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ), କଟକ ମହାନଗର ନିଗମ (ସିଏମସି) ସମେତ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଅଧିକାରୀ କାର୍ଯ୍ୟାଳୟକୁ ଆସୁନଥିବାବେଳେ କୌଣସି ଜରୁରୀ ବୈଠକ ସମ୍ଭବ ହୋଇପାରୁନାହିଁ କି ଜରୁରୀ ଫାଇଲ ଅନୁମୋଦନ କରାଯାଇପାରୁନାହିଁ । ଏବେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ନାମଲେଖା ପ୍ରକ୍ରିୟା ଜାରି ରହିଛି । ଛାତ୍ରଛାତ୍ରୀମାନେ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର ଏବଂ ରେସିଡେଣ୍ଟ ସାର୍ଟିଫିକେଟ ପାଇଁ ଆବେଦନ କରିଛନ୍ତି । ଏହି ପ୍ରମାଣପତ୍ରକୁ ଅନୁମୋଦନ ପାଇଁ ତହସିଲଦାରଙ୍କ ଅନୁମୋଦନ ବା ସ୍ୱାକ୍ଷର ବାଧ୍ୟତାମୂଳକ ହେଲେ ସେମାନେ କାର୍ଯ୍ୟାଳୟକୁ ଆସୁନଥିବାରୁ ଛାତ୍ରଛାତ୍ରୀଙ୍କୁ ଉକ୍ତ ପ୍ରମାଣପତ୍ର ମିଳିପାରୁନାହିଁ । ଜମିଜମା ସଂକ୍ରାନ୍ତୀୟ ଆଦି କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି । ଏବେ ଲଗାଣ ବର୍ଷା ଜାରି ରହିଛି । ଏପରି ସମୟରେ ଜରୁରୀକାଳୀନ ସେବା ବନ୍ଦ ଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ମଧ ଛୁଟିରେ । ତେଣୁ କିଭଳି ଉକ୍ତ କାର୍ଯ୍ୟ ହେବ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ମଡର୍ଣ୍ଣ ଏବିସି

# ଏଚ୍ଏସ୍ସି ଟପ୍ଟେନ୍ ଆସାଇନ୍ମେଣ୍ଟସ ଉନ୍ମୋଚିତ

କଟକ,(ସବ୍ୟୁ): ସ୍ଥାନୀୟ ଲିଙ୍କ ରୋଡସ୍ଥିତ ଏମବିଡ଼ି ଗ୍ରୁପ କାର୍ଯ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା–୨୦୨୬ ପାଇଁ ମଡର୍ଣ୍ଣସ ଏବିସି ଏଚଏସସି ଟପ୍ଟେନ୍ ଆସାଇନ୍ମେଣ୍ଟସ ଉନ୍ମୋଚିତ ହୋଇଯାଇଛି । ବୁଧବାର ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ବିକାଶ ସମିତିର ଓଡ଼ିଶାର ସଭାପତି କିଶୋର ଚନ୍ଦ୍ର ମିଶ୍ର ଏହାକୁ ଉନ୍ମୋଚନ କରି ପରୀକ୍ଷା ପ୍ରସ୍ତୁତି ନିମନ୍ତେ ଏହା ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ସହାୟକ ହେବ ବୋଲି କହିଥିଲେ । ଏହି ଟେଷ୍ଟପେପର୍ସର ବିଶେଷ ଆକର୍ଷଣ ହେଉଛି ୨୦୨୫ ଦଶମ ବାର୍ଷିକ ପରୀକ୍ଷାରେ ପ୍ରତ୍ୟେକ ଜିଲାରୁ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କର ସ୍ୱହସ୍ତ ଲିଖିତ ଉତ୍ତରଖାତାକୁ ପୃଥକ ଭାବେ ପ୍ରକାଶିତ କରାଯାଇ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ସ ସହିତ ବିନା ମୂଲ୍ୟରେ ଉପଲବ୍ଧ କରାଯାଇଛି । ବୋର୍ଡର ନୂତନ ପ୍ରଶ୍ନପତ୍ର ଢାଞ୍ଚାରେ ପ୍ରସ୍ତୁତ ଏହି ଟେଷ୍ଟପେପର୍ସରେ ପ୍ରତ୍ୟେକ ବିଷୟର ବିଗତ ୧୨ ବର୍ଷର ଦଶମ ବାର୍ଷିକ ପରୀକ୍ଷାରେ ପଡ଼ିଥିବା ପ୍ରଶ୍ନପତ୍ର ସହିତ ଉତ୍ତର, ଅଧ୍ୟାୟଭିତ୍ତିକ ସୂଚନା ଓ ବିଶ୍ଳେଷଣ, ବିଷୟ ଅନୁଯାୟୀ ସମ୍ଭାବିତ ବହୁ ବିକଳ୍ପ ପ୍ରଶ୍ନୋତ୍ତର (ଏମ୍ସିକ୍ୟୁଜ୍), ଦୀର୍ଘ ଓ ସଂକ୍ଷିପ୍ତଧର୍ମୀ ପ୍ରଶ୍ନୋତ୍ତର ଦିଆଯାଇଛି । ଏଥିରେ ଅର୍ଦ୍ଧବାର୍ଷିକୀ ପରୀକ୍ଷା ପାଇଁ ପ୍ରତ୍ୟେକ ବିଷୟରେ ୧ ସେଟ୍ ଆଦର୍ଶ ପ୍ରଶ୍ନପତ୍ର ସହିତ ଉତ୍ତର ଓ ୧୫ ରୁ ୨୦ ସେଟ୍ ଲେଖାଏଁ ଅଭ୍ୟାସ ପ୍ରଶ୍ନପତ୍ର ଦିଆଯାଇଛି । ଏହା ୨୦୨୬ ମସିହାର ପରୀକ୍ଷାର୍ଥୀଙ୍କ ପରୀକ୍ଷା ପ୍ରସ୍ତୁତିରେ ସହାୟକ ହେବ ବୋଲି ମଡର୍ଣ୍ଣ ପବ୍ଲିଶର୍ସର ଜୋନାଲ ହେଡ ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି । ଏହି ଟେଷ୍ଟପେପର୍ସ ପରୀକ୍ଷାର୍ଥୀଙ୍କୁ ୧୦୦ ପ୍ରତିଶତ ସଫଳତା ପାଇବାରେ ସାହାଯ୍ୟ କରିପାରିବ ବୋଲି ପ୍ରକାଶନ ସଂସ୍ଥା ପକ୍ଷରୁ କୁହାଯାଇଛି । ଏହି ଟେଷ୍ଟପେପର୍ସ ପ୍ରତ୍ୟେକ ପୁସ୍ତକ ବିକ୍ରେତାଙ୍କ ନିକଟରେ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି ।

# ବିଏଡ୍ ଅନିୟମିତତା – ସିଟି ମୁହାଁ ଛାତ୍ରଛାତ୍ରୀ

ଭୁବନେଶ୍ୱର,(ତଥ୍ୟ): ବିଏଡ ନାମଲେଖାକୁ ରାଜ୍ୟ ସରକାର ସ୍ଥଗିତ କରିବାପରେ ଏବେ ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାମୁହାଁ ହୋଇଛନ୍ତି । ସିଟି ପରୀକ୍ଷା ଦେବାପାଇଁ ବର୍ତ୍ତମାନ ସୁଦ୍ଧା ୫୦ ହଜାରରୁ ଅଧିକ ଆବେଦନ ହୋଇଥିବାବେଳେ ବିଏଡରୁ ହତାଶ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ସିଟି ପରୀକ୍ଷା ଦେବାକୁ ମନ ବଳାଇଛନ୍ତି । ଚଳିତବର୍ଷ ପ୍ରାୟ ଦେଢ ଲକ୍ଷ ଛାତ୍ରଛାତ୍ରୀ ବିଏଡ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ଲକ୍ଷେରୁ ଅଧିକ ଛାତ୍ରଛାତ୍ରୀ ସଫଳ ହୋଇଥିଲେ । ରାଜରେ ଥିବା ପ୍ରାୟ ୨୭୦୦ଆସନରେ ନାମଲେଖା ପାଇଁ ଏମାନେ ଆବେଦନ କରିଥିଲେ । ହେଲେ ନାମଲେଖା ପାଇଁ ପ୍ରଥମ ତାଲିକା ପ୍ରକାଶ ପାଇବା ସମୟରେ ବିଏଡ ପରୀକ୍ଷାରେ ଅନିୟମିତା ହେବାନେଇ ଅଭିଯୋଗ ଆସିବାରୁ ସରକାର ନାମଲେଖା ପ୍ରକ୍ରିୟାକୁ ସ୍ଥଗିତ ରଖିଛନ୍ତି । ଉଲ୍ଲେଖନୀୟ ଯେ ବିଏଡ ପରୀକ୍ଷାଫଳ ପ୍ରକାଶ ପାଇବା ସମୟରେ କେତେ ଛାତ୍ରଛାତ୍ରୀ କେତେ ପ୍ରତିଶତ ନମ୍ବର ରଖିଛନ୍ତି ତାହା ପ୍ରକାଶ ପାଇନଥିଲା । ଫଳରେ କୃତକାର୍ଯ୍ୟ ତାଲିକାରେ ଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ନାମଲେଖା ପାଇଁ ଆବେଦନ କରିଥିଲେ । ଏହାକୁ ନେଇ କେତେକ ଗଣମାଧ୍ୟମରେ ଦୁର୍ନୀତି ହୋଇଥିବା ଖବର ପ୍ରକାଶନ ପରେ ସରକାର ବିଏଡ ଖାତା ଯାଞ୍ଚ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି । ତେବେ ଏହି ଯାଞ୍ଚ କେବେ ହେବ ଓ କିଭଳି ହୋଇ କେଉଁ ତାରିଖରେ ସରିବ ସେ ନେଇ କୌଣସି ସ୍ପଷ୍ଟ ସୂଚନା ପ୍ରକାଶ ପାଉନାହିଁ । ଫଳରେ ବିଏଡ ପଢିବାକୁ ପରୀକ୍ଷା ଦେଇଥିବା ଲକ୍ଷାଧିକ ଛାତ୍ରଛାତ୍ରୀ ଆଶା ଓ ଆଶଙ୍କାରେ ରହିଛନ୍ତି । ଇତି ମଧ୍ୟରେ ସିଟି ପରୀକ୍ଷା ଲାଗି ଆବେଦନ ଚାଲିଥିବାରୁ ବିଏଡ ଆଶାୟୀମାନେ ବି ସିଟି ପରୀକ୍ଷାପାଇଁ ଆବେଦନ କରିବାରେ ଲାଗିଛନ୍ତି । ବିଏଡ ନହେଲେ ଅତି କମରେ ସିଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷକତା କରିବାକୁ ସେମାନେ ଆଗଭର ହୋଇଛନ୍ତି । ସିଟି ପରୀକ୍ଷାରେ ଅଧିକ ଆସନ ଥିବାରୁ ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଅବସ୍ଥା ଏଭଳି ହୋଇଛନ୍ତି ସ୍ନାତକ ଓ ସ୍ନତକୋର ଛାତ୍ରଛାତ୍ରୀମାନେ ସିଟି ପରୀକ୍ଷାରେ ବସିବାକୁ ଆବେଦନ କରୁଛନ୍ତି । ତେଣୁ ଏଥର ସିଟି ପରୀକ୍ଷାରେ କେବଳ ଅଧିକ ସଂଖକ ଛାତ୍ରଛାତ୍ରୀ ପରୀକ୍ଷା ଦେବେନାହିଁ, ପରୀକ୍ଷାରେ ବି ପ୍ରତିଯୋଗିତା ବୃଦ୍ଧି ପାଇବ । ତେଣୁ ସିଟି ପରୀକ୍ଷାରେ ଯେଭଳି ବିଏଡ ଭଳି ଅନିୟମିତତା ହେବନାହିଁ ତାହା ଉପରେ ନଜର ରଖିବାକୁ ଏବେ ଠାରୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଦାବି କଲେଣି ।


TPNODL
ଟିପି ନର୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)


**ପିଏମ୍ - ସୂର୍ଯ୍ୟ ଘର: ମାଗଣା ବିଜୁଳି ଯୋଜନା**

ସୌର ବିପ୍ଲବରେ ଅଂଶୀଦାର ହୁଅନ୍ତୁ

- ସରକାରୀ ସବସିଡି
- ବିଦ୍ୟୁତ୍ ବିଲ ହ୍ରାସ
- ସହଜ ସଂସ୍ଥାପନ
- ସ୍ୱଳ୍ପ ରକ୍ଷଣାବେକ୍ଷଣ
- ଦୀର୍ଘସ୍ଥାୟୀ
- ପରିବେଶ ସୁରକ୍ଷାରେ ସହାୟକ

ସୋଲାର ପ୍ୟାନେଲ ସ୍ଥାପନାରେ ସରକାରଙ୍କ ଦ୍ୱାରା ସବସିଡି

| କିଲୋୱାଟ | କେନ୍ଦ୍ର ସରକାରଙ୍କ ସବସିଡି | ରାଜ୍ୟ ସରକାରଙ୍କ ସବସିଡି | ସମୁଦାୟ ସବସିଡି |
|---|---|---|---|
| ୧ | ୩୦,୦୦୦.୦୦ ଟଙ୍କା | ୨୫,୦୦୦.୦୦ ଟଙ୍କା | ୫୫,୦୦୦.୦୦ ଟଙ୍କା |
| ୨ | ୬୦,୦୦୦.୦୦ ଟଙ୍କା | ୫୦,୦୦୦.୦୦ ଟଙ୍କା | ୧୧୦,୦୦୦.୦୦ ଟଙ୍କା |
| ୩ | ୭୮,୦୦୦.୦୦ ଟଙ୍କା | ୬୦,୦୦୦.୦୦ ଟଙ୍କା | ୧୩୮ ,୦୦୦.୦୦ ଟଙ୍କା |



ଅଧିକ ବିବରଣୀ ପାଇଁ
www.pmsuryaghar.gov.in
କିୟୁଆର ସ୍କାନ କରନ୍ତୁ
ରାଷ୍ଟ୍ରୀୟ ଗ୍ରାହକ ସେବା: 15555
ଟିପିଏନଓଡ଼ିଏଲ ଗ୍ରାହକ ସେବା: 1800-3456-718 / 1912
*Conditions apply
tpnodl.odisha | tpnodl.odisha | tpnodl_balasore | www.tpnodl.com


## ୩୪ ଲକ୍ଷ ଟଙ୍କାର ୪ ଡ୍ରେନ ପ୍ରକଳ୍ପ ଶିଳାନ୍ୟାସ

କଟକ,(ସବ୍ୟୁ): ସିଏମସି ଅନ୍ତର୍ଗତ ୫୩ ନଂ ୱାର୍ଡ଼ର ପୃଷ୍ଟି ବଗିଚାରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ବିଧାୟକ ସୌଭିକ ବିଶ୍ୱାଳ ୩୪ ଲକ୍ଷ ଟଙ୍କାର ୪ ଡ୍ରେନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡ଼ ସଭାପତି ସାରଙ୍ଗ ପାଣି ଷଡ଼ଙ୍ଗୀ, ଅମର ସାମନ୍ତରାୟ, ଡ. ବ୍ୟୋମକେଶ କାନୁନଗୋ, ଜନୀକାନ୍ତ ପରିଜା, ବିଜୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଷ୍ଟିୱାର୍ଟ ସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ମିଶନ ରୋଡ ସ୍ଥିତ ଡାୟୋସେସନ ଓମେନ ଫେଲୋସିପ ଫର ଖ୍ରୀଷ୍ଟିଆନ ସର୍ଭିସେସ୍ କଟକ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଷ୍ଟିୱାର୍ଟ ସ୍କୁଲ ଜୁନିୟର ବ୍ଲକ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି କଟକ ଧର୍ମାଞ୍ଚଳର ବିଶପ ରାଇଟ ରେଭେରେଣ୍ଡ ସୁରେନ୍ଦ୍ର କୁମାର ନନ୍ଦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ଷ୍ଟିୱାର୍ଟ ସ୍କୁଲ ଅଧ୍ୟକ୍ଷା ଡି.ମାର୍ଟିନା, ସିନୋଡିକାଲ ଓମେନ ଫେଲୋସିପର ସମ୍ପାଦିକା ସୁଚେତା ମହାନ୍ତି ଯୋଗ ଦେଇଥିଲେ । ଡାୟୋସେସନ ଓମେନ ଫେଲୋସିପର ସମ୍ପାଦିକା ମର୍ସି ରାଉତ, ପୂର୍ବତନ ଉପସଭାପତି ଶୁଭଶ୍ରୀ ସାମନ୍ତରାୟ, କୋଷାଧ୍ୟକ୍ଷା ସ୍ମୃତିରେଖା ପଣ୍ଡା, କେ ଜ୍ୟୋତି ପ୍ରମୁଖ ଉପସ୍ଥିତ ଥିଲେ ।


BAJAJ FINSERV

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ । ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇପାରିବେ: http://172.30.1.235:3000/?W0UB2QG9W
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି ।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ । ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ । ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ପୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି । କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(11-07-25) ଅନୁଗୋଳ ଗାନ୍ଧୀ ରୋଡ I; PJD6SGL11872450, 12181905, 12168013. ଆଠଗଡ଼-ବୀରକିଶୋରପୁର GL; PCQ8SGL11881686, 11919030, 11918865, 12058463, 12093596, 12129387, 12173412, 12211364, 12223221, 12257498, 12257921, 12275278, 12295207. ଯାଜପୁର ମଙ୍ଗଳପୁର; PLF4SGL12261432, 12274099. ଯାଜପୁର ରୋଡ ବ୍ୟାଙ୍କ ଷ୍ଟ୍ରିଟ; PKI2SGL12109883. କଣିହା BGL; PV26SGL11894073, 11896560, 11908441, 11950710, 11960852, 12000078, 12168658. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍ I; PGT6SGL11819134, 11983801. ଖାଲେସୁର ମାଛୁଆଟି GL; PGN9SGL11365993, 11459472, 11526883, 11941750, 12068853, 12069164, 12140426, 12212632, 12238023, 12274536, 12291260. ତାଳଚେର - ହଡାଚୋଡା ଛକ I; PJU8SGL11990343, 12005225, 12110898, 12147154. (12-07-25) ବଲାଙ୍ଗୀର - ଗୋପାଳଜୀ ରୋଡ୍ I; PJD7SGL11836702, 11961173, 12011017, 12010549, 12033054, 12140987, 12133357, 12155320, 12297102. ଭବାନୀପାଟଣା BGL; PU41SGL11817901, 12032410, 12065921, 12149050, 12251652. କୁଚିଣ୍ଡା BGL; P93KSGL11823058, 11880114, 11898954, 11934601, 11942584, 12009972, 12032559, 12048685, 12053578, 12075812, 12077175, 12091437, 12103838, 12140472, 12126409, 12190875, 12235808, 12253716. ସୁନ୍ଦରଗଡ଼ ହସ୍ପିଟାଲ୍ ରୋଡ୍ I; PJU9SGL11832661, 11898430, 11944278, 12037568, 12072839, 12131307. (14-07-25) ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍ GL; PEI4SGL11685687, 11849546, 11853504, 11862424, 11897300, 11907731, 11926011, 11950329, 11946043, 11944509, 11958125, 11980847, 12002536, 12009307, 12040215, 12034805, 12103055, 12090698, 12102579, 12119607, 12130283, 12173841, 12193685, 12194358, 12216120, 12215469, 12219082, 12238608. ବାରିପଦା - KC ସର୍କଲ; P4C7SGL11834169, 12036198, 12096131, 12212392, 12236104, 12233238, 12240269, 12263608, 12263986. ବାସୁଦେବପୁର - AB କଲେଜ ଚୌକ I; PJE1SGL11516143, 11745313, 11872756, 11986383, 12137269, 12152782, 12156037, 12211886, 12236027, 12254168, 12292578. ଭଦ୍ରକ ଗାଲାକ୍ସି ବାଇପାସ୍ GL; PCR1SGL11946935, 11966776, 12216029, 12257770, 12272927, 12291489. ଯାଜପୁର ଟାଉନ୍ ଶୀତଳେଶ୍ୱର I; PJU7SGL11858396, 11858739, 12009036, 12118576, 12218963, 12249592. କେନ୍ଦୁଝର-ମାଇନିଂ ରୋଡ୍ GL; PCQ7SGL11818625, 11873000, 11893605, 11927955, 11964407, 11985365, 12034163, 12118914, 12136437, 12128475, 12136560, 12133131, 12170699, 12172101, 12195848, 12213392, 12212201, 12219458, 12243147, 12235823, 12250674, 12252221. ନୂଆପଡ଼ା ମେନ ରୋଡ୍ ; P86HSGL11825686, 11818209, 12117850, 12149862, 12252844, 12259778, 12290770. (15-07-25) ବରଗଡ଼ - ଖାରଜଟୀ କାଲା GL; PGC3SGL11820409, 11815122, 11834992, 11835431, 11906834, 11915404, 11942314, 11958615, 11981983, 12008700, 12038905, 12051090, 12058547, 12051992, 12073330, 12069528, 12110947, 12126415, 12137853, 12235373, 12230048, 12255361, 12256757, 12274148, 12289920. ଝାରସୁଗୁଡ଼ା GL; PG62SGL11840036, 11990737, 12074845, 12119694, 12117692, 12195505, 12221872, 12241682, 12249019, 12264265, 12252128, 12294874, 12294163. ରାଜଗାଙ୍ଗପୁର ମେନ ରୋଡ; P504SGL11990420, 11991099, 11991512, 12092774, 12127876, 12127335, 12172368, 12191907, 12239357, 12283499, 12282859, 12282906, 12281154. ରାଉରକେଲା-କୋଏଲ ନଗର GL; PER3SGL11830623, 11853346, 11944254, 11945364, 11983283, 12056272, 12060568, 12117917, 12182069, 12218123, 12256420. (16-07-25) ବାଲୁଗାଁ-ମେନ ରୋଡ GL; PCQ9SGL9864197, 10355598, 11800958, 11883094, 11981829, 12115467. ବ୍ରହ୍ମପୁର GL; PB63SGL11286182, 11359775, 12277429. ଜଗତସିଂହପୁର - ଦୁର୍ଗାବଜାର; PU42SGL11384634, 11528756, 11616891, 11708489, 11724296, 11861423, 11852064, 11896275, 11952995, 11958565, 12039667, 12053137, 12129196, 12150619, 12188952, 12191882, 12219637, 12213375, 12217826, 12214311, 12242288, 12235656, 12252057, 12294168. ଖୋର୍ଦ୍ଧା ମେନ ଟାଉନ GL; PDA3SGL11272889, 11414327, 12131564, 12249315. କୋରାପୁଟ; PU40GOL1795171, L2146945, L2181380, L2249781. ଫୁଲବାଣୀ BGL; P93ASGL11848963, 12003191, 12054920, 12094656, 12157745, 12177077, 12192562, 12188478, 12275857, 12290308. ଟାଙ୍ଗୀ-ମେନ ରୋଡ GL; PG01SGL11381646, 11532261, 11638261, 11637358, 11687199, 11880322, 11910691, 11909693, 11989433, 11988478, 12000465, 12005894, 12003259, 12000497, 12048686, 12048558, 12067388, 12075900, 12093531, 12116247, 12173873, 12181366, 12241781, 12249649, 12260706, 12253058, 12283041. (17-07-25) ଜୟପୁର-ଏମ.ଜି ରୋଡ GL; PGH2SGL11672365, 11834143, 11832663, 11929174, 11943406, 11963770, 12011810, 12058205, 12055368, 12052581, 12077573, 12068623, 12089881, 12118483, 12131695, 12172505, 12201015, 12200751, 12193902, 12195252, 12252416, 12254248, 12271680. ନବରଙ୍ଗପୁର - ପଟେଲ ମାର୍ଗ GL; PCR3SGL11837581, 11851287, 11877904, 11891761, 11907371, 11927609, 11928684, 11944715, 11987286, 12050987, 12053151, 12048948, 12047717, 12058398, 12134897, 12173570, 12193553, 12189816, 12191032, 12194359, 12232988, 12228356, 12253149, 12273733, 12276407, 12274282, 12276937, 12275899, 12293532, 12299392. ରାୟଗଡ଼-ସି.ଏସ୍.ଆର୍ ରୋଡ GL; PCR4SGL11914694, 11986403, 12118327, 12117705, 12119720, 12239284. ଉମରକୋଟ - ଗୁଳିପାଟଣା I; PJE3SGL11747104, 11766685, 11899658, 11991266, 12039487, 12048556, 12071089, 12132555, 12251771. (18-07-25) କଟକ ଓ୍ୱାଲାକ କମ୍ପ୍ଲେକ୍ସ GL; PCR2SGL11860094, 11882236, 11911964, 11927071, 12003164, 12054823, 12075292, 12099460, 12114874, 12170361, 12221780, 12213432, 12279104, 12297166, 12291336, 12298429. ନିମାପଡ଼ା - ଗଣେଶ ବଜାର୍ I; PJE2SGL11527304, 11834698, 11834148, 11890499, 11917137, 11982768, 11987908, 12137743, 12127004, 12149346, 12179151, 12191260, 12195898, 12220122, 12219518, 12213909, 12217157, 12232637, 12240974, 12238789, 12273584, 12300367, 12298211. ପିପିଲି - ଢାବା ଚୌକ I; PGE1SGL10669105, 10742864. (19-07-25) ଭୁବନେଶ୍ୱର ଖଣ୍ଡଗିରି; PER5SGL11852525, 11860720, 11919482, 12036396, 12109193, 12136056, 12132711, 12157913, 12297123. ଭୁବନେଶ୍ୱର BGL; P423SGL11814836, 11836983, 11874551, 11891619, 11929258, 11946515, 11943006, 11963892, 11985760, 11986585, 12000720, 12004920, 12058977, 12070872, 12089551, 12119409, 12199649, 12215635, 12215297, 12255604, 12300392, 12294402, 12301677. କୁଜଙ୍ଗ-ମେନ ରୋଡ୍; P09QSGL11306735, 11410434, 11512982, 11529540, 11600582, 11616203, 11690868, 11805797, 11800899, 11880659, 11900516, 11894564, 11918123, 11911914, 11911880, 11911172, 11914965, 11915652, 11943033, 11950772, 11985503, 11985066, 11985904, 12038822, 12033838, 12073796, 12091210, 12090034, 12133846, 12129893, 12154286, 12148292, 12160281, 12173072, 12173303, 12180067, 12172751, 12222036, 12234994, 12227704, 12241821, 12262011, 12271697, 12290815, 12291819. କଟକ ମଧୁ ପାଟଣା କଲୋନି GL; PGG9SGL11915379, 12096401, 12119544, 12175486, 12215901, 12255423. ପୁରୀ ଭି.ଆଇ.ପି ରୋଡ GL; PEK3SGL11532320, 11854020, 12035123, 12033678, 12036936, 12135879, 12130074, 12151346, 12170261, 12177757, 12174779, 12181129, 12181980, 12214277, 12272613, 12270918, 12279859, 12296717, 12290701, 12296160.

ବଜାଜ ଫାଇନାନ୍ସ ଲିମିଟେଡ୍

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ




ଭୁବନେଶ୍ୱର,(ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ନବନିର୍ବାଚିତ ଛାତ୍ର କ୍ୟାବିନେଟର ଶପଥ ଗ୍ରହଣ ଏବଂ ପ୍ରଖ୍ୟାତ ସାମ୍ବାଦିକ, ସ୍ୱାସ୍ଥ୍ୟ ବିବିଧତା ପ୍ରବକ୍ତା ଏବଂ ଲେଖିକା ମୁଗ୍ଧା କାଲରାଙ୍କ ପ୍ରେରଣାଦାୟକ ଅଭିଭାଷଣ ସହିତ ଏକ ସ୍କୁଲର ୧୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ମୁଗ୍ଧା କାଲରା କହିଲେ, ମୁଁ ଦେଶର ଅନେକ କ୍ୟାମ୍ପସକୁ ଯାଇଛି, କିନ୍ତୁ ଏହି କ୍ୟାମ୍ପସକୁ ଆସି ମୁଁ ଗର୍ବିତ । ସେ ସ୍କୁଲର ଭିତ୍ତିଭୂମି ଓ ଛାତ୍ର-ଅନୁକୂଳ ସୁବିଧାଗୁଡ଼ିକୁ ପ୍ରଶଂସା କରି କହିଥିଲେ, କିଟ୍ ଏଭଳି ପରିବେଶ ସୃଷ୍ଟି କରିଛି ଯେଉଁଥି ପାଇଁ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ସ୍ୱତନ୍ତ୍ର ପିଲାଙ୍କ ସହ ଅନ୍ୟ ସାଧାରଣ ଛାତ୍ରମାନେ ଏକାଠି ପାଠ ପଢ଼ିପାରୁଛନ୍ତି । ଏହି ଅବସରରେ ସେ ଛାତ୍ରଛାତ୍ରୀମାନଙ୍କୁ ସହାନୁଭୂତି ଏବଂ ସାମାଜିକ ସଚେତନତା ସୃଷ୍ଟି କରୁଥିବା ଏପରି ଅନ୍ତର୍ଭୁକ୍ତିମୂଳକ ଅଭ୍ୟାସଗୁଡ଼ିକୁ ପ୍ରଶଂସା ଏବଂ ଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିଜ ବାର୍ତ୍ତା ଜରିଆରେ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଯୋଗଦେଇ ପିଲାମାନଙ୍କୁ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ଡ. ମୋନା ଲିସା ବଳ କହିଲେ, ଅନ୍ୟମାନଙ୍କଠାରୁ ନିଆରା ହେବା ପାଇଁ କେବେ ବି ଭୟ କରନାହିଁ । ତୁମମାନଙ୍କ ଚିନ୍ତାଧାରା ଅଲଗା ଜଣାପଡୁଥିଲେ ମଧ୍ୟ ଏଥିପାଇଁ କେବେ ବି ଭୟ କରନାହିଁ । କାରଣ ଏକ ଅଲଗା ଚିନ୍ତାଧାରା ଅନେକ ସମୟରେ ବିଶ୍ୱକୁ ପରିବର୍ତ୍ତନ କରିଥାଏ । ସର୍ବଦା ଉତ୍ତମ ଓ ଗଭୀର ଚିନ୍ତନ ତଥା ଦୃଢ଼ତାର ସହ ଆଗେଇ ଯିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ସ୍କୁଲ୍ ଅଧ୍ୟକ୍ଷ ଡ ସଞ୍ଜୟ ସୁଆର ଛାତ୍ରଛାତ୍ରୀଙ୍କ ସର୍ଜନାତ୍ମକ ଚିନ୍ତାଧାରା ବୃଦ୍ଧି ସହ ଶିକ୍ଷାରେ କିଭଳି ଅଧିକ ଭଲ କରିବେ ସେ ନେଇ ପରାମର୍ଶ ଦେଇଥିଲେ ।

## ବ୍ରାଉନ ସୁଗର ଜବତ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଫୋସିଟି ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୯ଗ୍ରାମ୍ ବ୍ରାଉନସୁଗର, ଗୋଟିଏ ବାଇକ୍ ଓ ୬୫୦ଟଙ୍କା ଜବତ କରିଛି ।

ପଟିଆ ଖେଳପଡିଆ ନିକଟରେ ଅସିମ୍ କୁମାର ଦାସ, ଅଭିଷେକ ମହାନ୍ତି ବ୍ରାଉନସୁଗର କାରବାର କରୁଥିବା ଖବର ମିଳିଥିଲା । ଖବର ଅନୁଯାୟୀ ପୋଲିସ ଟିମ୍ ସେଠାରେ ଚଢାଉ କରି ଦୁଇ ନିଶା ବେପାରୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବ୍ରାଉନସୁଗର ପ୍ରଭୃତି ଜବତ କରିଥିଲା । ଗିରଫ ଦୁଇଜଣ ବାଲେଶ୍ୱରର ଜଳେଶ୍ୱରରୁ ବ୍ରାଉନସୁଗର ଆଣି ଇନ୍‌ଫୋସିଟି ଥାନା ଅଞ୍ଚଳରେ ବିକ୍ରି କରନ୍ତି ବୋଲି ପୋଲିସ କହିଛି । ଗିରଫ ଅସିମ୍ ଶିଖରଚଣ୍ଡି ବସ୍ତିରେ ହୋଇଥିବା ବେଳେ ଅଭିଷେକ ଘର ପଟିଆ ମହାନ୍ତି ସାହିରେ । ଦୁହିଁଙ୍କୁ ବୁଧବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ହିରଣ୍ୟ ହତ୍ୟାକାଣ୍ଡକୁ ବିତିଲା ୪ଦିନ

# ଅନ୍ଧାରରେ ବାଡି ବୁଲାଉଛି ପୁଲିସ

ଖୋର୍ଦ୍ଧା,(ସବ୍ୟୁ): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବଦ୍ଧା ପୋଖରୀ ନିକଟ ରାସ୍ତା ପାର୍ଶ୍ୱରୁ ରବିବାର ସକାଳୁ ଜଟଣୀ ଥାନା ବିକାଶନଗରର ର ହିରଣ୍ୟ ବେହେରା ଓରଫ୍ ଗୁଡୁ (୨୯)ମୃତ ଦେହ ଉଦ୍ଧାର ଘଟଣାକୁ ୪ଦିନ ବିତିଛି । ପୁଲିସ ଅଭିଯୁକ୍ତକୁ ଧରିବା ଲାଗି ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ୩ଟି ଟିମ୍ ଗଠନ କରି ଜିଲ୍ଲାର ବିଭିନ୍ନ ଅଂଚଳରେ ତଦନ୍ତ ଜାରୀ ରଖିଛି । ଘଟଣା ସମ୍ପର୍କରେ ପୁଲିସ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା କରିଥିବା ଜଣାଯାଇଛି । ମାତ୍ର ଏ ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ନିକଟରେ ପୁଲିସ ପହଁଚି ପାରିନି, ବରଂ କେବଳ ଅନ୍ଧାରରେ ବାଡି ବୁଲାଉଛି । ପୁଲିସ ଘଟଣାସ୍ଥଳରୁ ଜବତ କରିଥିବା ମୃତକ ର ମୋବାଇଲ, ପଟେ ଚପଲ ଏବଂ ରକ୍ତ ଭିଜା ଗାମୁଛା କୁ ଧରି ତଦନ୍ତ ଜାରୀ ରଖିଛି ।ମୋବାଇଲ ରୁ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବାବେଳେ



ଏଥିରେ ସମ୍ପୃକ୍ତ ଅପରାଧିଙ୍କ ଚେର ପୁଲିସ ହାତରେ ଲାଗିଥିବା କୁହାଯାଉଛି । ଖୁବ୍ ଶୀଘ୍ର ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ଅନ୍ୟମାନଙ୍କୁ ଗିରଫ କରିବ ବୋଲି ଏସଡିପିଓ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ନିଶା କାରବାର କୁ ନେଇ ଜଟଣୀ ଥାନା ଅଂଚଳରେ ହିରଣ୍ୟକୁ ଅତି ନିର୍ମମଭାବେ ହତ୍ୟା କରାଯାଇ ଏକ ଟାଟାଏସିଇ ଯୋଗେ ଖୋର୍ଦ୍ଧା ଅଣାଯାଇ ବଦ୍ଧାପୋଖରୀ ନିକଟରେ ଫୋପାଡିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା ସୂଚନା ମିଳିଛି ।

ଗତ ରବିବାର ସକାଳ ପ୍ରାୟ ୬ଟା ସମୟରେ ପୋଖରୀ ନିକଟ ରାସ୍ତା କଡରୁ ଜଟଣୀ ଥାନା ବିକାଶନଗର ରେ ରହୁଥିବା ରେଙ୍ଗଳ ର ଦିଲ୍ଲିପ ବେହେରାଙ୍କ ବଡପୁଅ ହିରଣ୍ୟ ବେହେରା ଓରଫ୍ ଗୁଡୁ (୨୯)ର ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ପ୍ରଥମେ ପରିଚୟ ମିଳିନଥିବାବେଳେ କିଛି ସମୟ ପରେ ସେ ଜଟଣୀ ର ବୋଲି ଚିହ୍ନଟ ହୋଇଥିଲା । ମୃତକଙ୍କ ବାପା ଦିଲ୍ଲିପଙ୍କ ଅଭିଯୋଗ କ୍ରମେ ପୁଲିସ୧୫୬/୨୫ରେ ହତ୍ୟାମାମଲା ରୁଜୁ କରି ତଦନ୍ତ ଚଳାଇଛି । ତଦନ୍ତଭାର ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କୁ ଦିଆଯାଇଛି ।

# ମାସିକ ପତ୍ରିକା 'କାଦମ୍ବିନୀ'ର ୨୬ ତମ ସ୍ୱନକ୍ଷତ୍ର ଉତ୍ସବ

ପୁରୀ,(ସବ୍ୟୁ): ସର୍ବଜନାଦୃତ ମାସିକ ଓଡିଆ ପତ୍ରିକା 'କାଦମ୍ବିନୀ'ର ୨୬ତମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜୟଦେବ ସଭାଗୃହରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ପ୍ରଫେସର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିଭାବରେ ଯୋଗଦେଇଥିଲେ ସଦାଶିବ କେନ୍ଦ୍ରୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ବିଶିଷ୍ଟ କବୟିତ୍ରୀ ଡ.ଅପର୍ଣ୍ଣା ମହାନ୍ତି, ବିଶିଷ୍ଟ ବ୍ୟଙ୍ଗକବି ଜ୍ଞାନ ହୋତା ଓ ବିଶିଷ୍ଟ କବି ପବିତ୍ର ମୋହନ ଦାଶ । ଏଥିରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ 'କାଦମ୍ବିନୀ' ସଂପାଦିକା ଡ.ଇତି ସାମନ୍ତ । ବିଶିଷ୍ଟ ସାହିତ୍ୟିକ ଭାସ୍କର ମିଶ୍ର, ବିଶିଷ୍ଟ ସାହିତ୍ୟିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ,



ବିଶିଷ୍ଟ ସାହିତ୍ୟିକା ସ୍ୱରାଜଲକ୍ଷ୍ମୀ ମିଶ୍ର, ବିଶିଷ୍ଟ ସାହିତ୍ୟିକ ମାନସରଞ୍ଜନ ମହାପାତ୍ର, ବିଶିଷ୍ଟ ଶିଶୁ ସାହିତ୍ୟିକ ବିରେନ୍ଦ୍ର ମହାନ୍ତି ଓ ବିଶିଷ୍ଟ ସାହିତ୍ୟିକ ଓ ସଂଗଠକ ଶ୍ୟାମପ୍ରକାଶ ସେନାପତି ଯୋଗ ଦେଇଥିଲେ । ଏହି ଅବସରରେ 'କାଦମ୍ବିନୀ'ର ଚଳିତ ସ୍ୱନକ୍ଷତ୍ର ସ୍ୱତନ୍ତ୍ର ଏବଂ 'କୁନିକଥା'ର ଜୁଲାଇ ସଂଖ୍ୟା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଇଂ.ଶ୍ରୀନିବାସ ଘଟୁଆରୀ । ଧନ୍ୟବାଦ ଅର୍ପଣ କରିଥିଲେ 'କାଦମ୍ବିନୀ' ସଂପାଦିକା ଡ.ଇତି ସାମନ୍ତ । 'କାଦମ୍ବିନୀ'ର ୨୬ତମ ଜନ୍ମଦିନ ଉପଲକ୍ଷେ 'ସଂସ୍କୃତି ଓ ସଂସ୍କୃତି' ଏବଂ 'ଓଡିଶା ସଚେତନ ନାଗରିକ ଫୋରମ' ପକ୍ଷରୁ ଏକ ଶୁଭେଚ୍ଛାମୂଳକ କେକ୍ କଟାଯାଇଥିବାବେଳେ ସଂପାଦିକା ଡ.ଇତି ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦୁଇଟି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠାନର ସଂପାଦକ ଦିଲ୍ଲୀପ ହାଲି, ଉପଦେଷ୍ଟା ତପନ ଦାସ ଓ ପରିଚାଳନା ସଂପାଦକ ମଣ୍ଟୁ ସିଂ ଉପସ୍ଥିତ ଥିଲେ । ଉତ୍ସବରେ ଚାରିଶହରୁ ଉର୍ଦ୍ଧ୍ୱ ସାହିତ୍ୟ ଓ ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ ।

# ପିଏନ୍‌ବି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଭୁବନେଶ୍ୱର ଗସ୍ତ

ଭୁବନେଶ୍ୱର,(ସବ୍ୟୁ): ରାଷ୍ଟ୍ରାୟ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଭୁ ପ୍ରସାଦ ମହାପାତ୍ର ଭୁବନେଶ୍ୱର ଗସ୍ତରେ ଆସିଥିଲେ । ତାଙ୍କର ଏହି ଗସ୍ତ ଅବସରରେ ସେ ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ । ଅନୁସୂଚୀତ ଜାତି/ ଜନଜାତି ଏବଂ ଓବିସି ବିକାଶ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୀବ କୁମାର ମିଶ୍ର, ପିଡବ୍ଲୁଡି ଏବଂ ଖାଦ୍ୟ ଯୋଗାଣ ବିଭାଗର ପ୍ରମୁଖ ସଚିବ ଆଇଏଏସ୍ ସଞ୍ଜୟ କୁମାର ସିଂ ଏବଂ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶକ ଆଇଏଏସ୍ ଜ୍ୟୋତି ପ୍ରକାଶ ଦାଶ ପ୍ରମୁଖଙ୍କୁ ମଧ୍ୟ ସେ ଗସ୍ତ ସମୟରେ ସାକ୍ଷାତ କରିଥିଲେ । ଓଡିଶାର ବିକାଶରେ ବ୍ୟାଙ୍କର ଅଂଶଗ୍ରହଣ ଏବଂ ସମସ୍ତ ସରକାରୀ ପ୍ରାୟୋଜିତ ଯୋଜନାରେ ବ୍ୟାଙ୍କର ସହଯୋଗ ସମ୍ପର୍କରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ ମନ୍ତ୍ରୀଙ୍କୁ ସରକାରଙ୍କ ସହିତ ବ୍ୟାଙ୍କର ସମ୍ପର୍କକୁ ସୁଦୃଢ଼ କରିବାକୁ ଅନୁରୋଧ କରିଥିଲେ । ଏଥି ସହିତ ଶ୍ରୀ ମହାପାତ୍ର ସମସ୍ତ କର୍ତ୍ତୃପକ୍ଷଙ୍କୁ ବ୍ୟାଙ୍କରେ ନୂତନ ଭାବେ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନାର ଲାଭ ସମ୍ପର୍କରେ ବୁଝାଇ କହିଥିବା ସହ ଏହି ଯୋଜନା ସମ୍ପର୍କୀତ



ବୁକ୍‌ଲେଟ୍ ପ୍ରଦାନ କରିଥିଲେ । ସେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ମଣ୍ଡଳ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ । ଶ୍ରୀ ମହାପାତ୍ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ଏବଂ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଓଡିଶା ଅନ୍ତର୍ଗତ ସମସ୍ତ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସହ ସେମାନଙ୍କ ସହିତ ଆଲୋଚନା କରିଥିଲେ । ଏହି ଅବସରରେ ଅଞ୍ଚଳ ପ୍ରମୁଖ ଭୂଷଣ ଶର୍ମା, ଉପ-ଅଞ୍ଚଳ ପ୍ରମୁଖ କ୍ଷେତ୍ରବାସୀ ମିଶ୍ର ଏବଂ ଭୁବନେଶ୍ୱର ମଣ୍ଡଳର ମଣ୍ଡଳ ପ୍ରମୁଖ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଡପ ମଣ୍ଡପରେ ମହାପ୍ରଭୁଙ୍କୁ

# ଦର୍ଶନ କଲେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ

ପୁରୀ,(ସବ୍ୟୁ): ଜିଲ୍ଲାପାଳ ଚଞ୍ଚଳ କୁମାର ରାଣା ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଧବାର ପୁରୀ ଉତ୍କଳ ବାଳାଶ୍ରମ ଓ ନୀଳାଚଳ ସେବା ପ୍ରତିଷ୍ଠାନ ଶିଶୁ ଯତ୍ନ ଅନୁଷ୍ଠାନର ମୋଟ ୮୦ ଜଣ ଶିଶୁ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଦେବୀ ସୁଭଦ୍ରାଙ୍କୁ ଆଡପ ମଣ୍ଡପରେ ଦର୍ଶନ କରିଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତେବାସୀ ମାନେ ବୁଧବାର ଦିନ ୧୧ ଘଣ୍ଟା ସମୟରେ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରିଥିଲେ । ନବ ନିଯୁକ୍ତ ଜିଲ୍ଲାପାଳ ଶ୍ରୀ ରଣାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଦର୍ଶନ ପରେ ସମସ୍ତ ଦର୍ଶନାର୍ଥୀଙ୍କୁ ଜିଲ୍ଲାପାଳ ମହାପ୍ରସାଦ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଥଯାତ୍ରା ପରିଚାଳନା ମୁଖ୍ୟ ତଥା ପ୍ରମୁଖ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଓ ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ରହି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ପ୍ରଶାସନର ଏହି କାର୍ଯ୍ୟକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।



## ବରମୁଣ୍ଡା ପଡ଼ିଆରେ ଡକାୟତି ଯୋଜନା

# ୫ ଗିରଫ, ବନ୍ଧୁକ, ଗୁଳି ଜବତ

ଭୁବନେଶ୍ୱର, (ସବ୍ୟୁ) : ମଙ୍ଗଳବାର ରାତିରେ ବରମୁଣ୍ଡା ପଡିଆରେ ଦଳେ ଯୁବକ ବସିଥିବା ଖଣ୍ଡଗିରି ଥାନା ଆଇଆଇସି ଖବର ପାଇଥିଲେ । ଖବର ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ସେଠାକୁ ପଠାଇଥିଲେ । ପୋଲିସ ଟିମ୍ ବରମୁଣ୍ଡା ପଡ଼ିଆରୁ ୫ଜଣ ପେସାଦାର ଅପରାଧୀଙ୍କୁ ଗିରଫ କରିଥିବା ବେଳେ ଜଣେ ଖସିଯାଇଥିଲା । ଗିରଫ ଅପରାଧୀଙ୍କ ନିକଟରୁ ପୋଲିସ ବନ୍ଧୁକ, ଗୁଳି, ଭୁଜାଲି, କଟୁରୀ, ଫାର୍ସା, ଛୁରି, ୨ ହଜାର ଟଙ୍କା ଓ ୨ଟି ବାଇକ୍ ଜବତ କରିଛି ।

ପୋଲିସ ଗିରଫ କରିଥିବା ଅପରାଧୀମାନେ ହେଲେ ରଞ୍ଜିତ ଘଡେଇ, କାହ୍ନା ଦାସ, ଦୀପକ ପ୍ରଧାନ, ସୁକାନ୍ତ ମହାରଣା ଓ ଶେଖ ଅବିଦ୍ଦ । ଏମାନଙ୍କ ନାଁରେ ପୂର୍ବରୁ ବହୁ ସଙ୍ଗୀନ ଅପରାଧ ଥିବା ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ଜୋନ୍-୩ ଏସିପି । ଗିରଫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ବନ୍ଧୁକ କାରବାର, ହତ୍ୟା, ନିଶା କାରବାର, ହକାୟତି ଭଳି ସଙ୍ଗୀନ ଅପରାଧ ଥିବା ପୋଲିସ କହିଛି । ଏମାନେ ମୁଖ୍ୟତଃ ନିଶା କାରବାର କରନ୍ତି । ନିଶା କାରବାର ପାଇଁ ଆବଶ୍ୟକ ଟଙ୍କା ଯୋଗାଡ ପାଇଁ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିବା ପୋଲିସ କହିଛି । ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ଅଖିଳ ଭାରତୀୟ ଯୁବ କଂଗ୍ରେସ

# ଗଣମାଧ୍ୟମ ସଂଯୋଜକ ହେଲେ ସୁଦିପ ସାମଲ

ଭୁବନେଶ୍ୱର,(ସବ୍ୟୁ): ଅଖିଳ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସର ଗଣମାଧ୍ୟମ ବିଭାଗର ପ୍ରଭାରୀ ବରୁଣ ପାଣ୍ଡେ ଓଡ଼ିଶାର ସୁଦିପ ସାମଲଙ୍କୁ ଯୁବ କଂଗ୍ରେସର ଜାତୀୟ ଗଣମାଧ୍ୟମ ବିଭାଗର ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଶ୍ରୀ ସାମଲ ଏବେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ନିଯୁକ୍ତି ପାଇବାପରେ ଶ୍ରୀ ସାମଲ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଲୋକ ସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଯେଉଁଭଳି ଭାବରେ ପ୍ରୋତ୍ସାହନ ଦେଉଛନ୍ତି ଏହା ଧନ୍ୟବାଦ ଯୋଗ୍ୟ। ଯୁବ କଂଗ୍ରେସ ଏବଂ କଂଗ୍ରେସ ଦଳକୁ ମଜବୁତ କରିବାପାଇଁ ଗଣମାଧ୍ୟମ ବିଭାଗରେ ସୁଚାରୁରୂପେ କାମ କରିବାପାଇଁ ଏବଂ ଲୋକମାନଙ୍କର ସମସ୍ୟା ଗଣମାଧ୍ୟମ ଜରିଆରେ ଉତ୍‌ଥାପନ କରିବାପାଇଁ ଶ୍ରୀ ସାମଲ ପ୍ରୟାସ କରିବେ ବୋଲି ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି।



ଏହି ନିଯୁକ୍ତି ପାଇବାପରେ ଶ୍ରୀ ସାମଲ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍, ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ କିଷ୍ଣାଆଲାବରୁ, ରାଜ୍ୟ ଯୁବ କଂଗ୍ରେସର ସଭାପତି ରଣଜିତ ପାତ୍ର, ରାଜ୍ୟ ଯୁବ କଂଗ୍ରେସର ପ୍ରଭାରୀ ମହେଷ ଦେଶମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



ଭୁବନେଶ୍ୱର,(ସବ୍ୟୁ): ଶ୍ରୀମତୀ ବର୍ଷା ୟୁକୋ ବ୍ୟାଙ୍କର ନୂତନ ଭାବେ ଗଠିତ କଟକ ଜୋନର ଆଞ୍ଚଳିକ ମୁଖ୍ୟ ଭାବେ ଯୋଗ ଦେଇଛନ୍ତି । ସେ ବ୍ୟାଙ୍କ ମୁଖ୍ୟାଳୟରେ ରିସ୍କ ମ୍ୟାନେଜମେଣ୍ଟ ବିଭାଗର ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ । ଶ୍ରୀମତୀ ବର୍ଷା ୨୦୦୬ ମସିହାରେ ୟୁକୋ ବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ । ସେ କୋଲକାତାରେ ଖୁଚୁରା ଋଣ ହବ୍ ମୁଖ୍ୟ ସମେତ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିଥିଲେ । କଟକ ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମଇ କ୍ରେଡିଟ୍, କାସା ଜମା, ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ଉନ୍ନତ ଗ୍ରାହକ ସେବା ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି ।

# ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫

ଭୁବନେଶ୍ୱର,(ସବ୍ୟୁ):୨୦୨୬ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ/ସୁପାରିଶ ୧୫ ମାର୍ଚ୍ଚ ୨୦୨୫ରୁ ଆରମ୍ଭ ହୋଇଛି । ପଦ୍ମ ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ୩୧ ଜୁଲାଇ ୨୦୨୫ । ପଦ୍ମ ପୁରସ୍କାର ପାଇଁ ନାମାଙ୍କନ/ସୁପାରିଶ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ (https://awards.gov.in )ରେ ଅନଲାଇନରେ ଗ୍ରହଣ କରାଯିବ । ପଦ୍ମ ପୁରସ୍କାର, ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ, ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର । ୧୯୫୪ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ପୁରସ୍କାର ଗୁଡିକ ପ୍ରତି ବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଏ । ଏହି ପୁରସ୍କାର ବିଭିନ୍ନ କ୍ଷେତ୍ରରେ 'ଉତ୍କୃଷ୍ଟ କାର୍ଯ୍ୟ'କୁ ସ୍ୱୀକୃତି ଦେବା ପାଇଁ ଦିଆଯାଇଥାଏ। ପଦ୍ମ ପୁରସ୍କାର କଳା, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା, ଔଷଧ, ସମାଜସେବା, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ସିଭିଲ ସେବା, ବାଣିଜ୍ୟ ଏବଂ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ରରେ/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଇଥାଏ । ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇଁ ଯୋଗ୍ୟ । ଡାକ୍ତର ଏବଂ ବୈଜ୍ଞାନିକମାନଙ୍କ ବ୍ୟତୀତ ସମସ୍ତ ସରକାରୀ କର୍ମଚାରୀ ଏବଂ ପିଏସ୍‌ୟୁରେ କାମ କରୁଥିବା କର୍ମଚାରୀମାନେ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହନ୍ତି ।

ସରକାର ପଦ୍ମ ପୁରସ୍କାରକୁ ଜନତାଙ୍କ ପଦ୍ମରେ ପରିଣତ କରିବାକୁ ପ୍ରତିବଦ୍ଧ । ତେଣୁ ସମସ୍ତ ନାଗରିକମାନଙ୍କୁ ଅନୁରୋଧ କରାଯାଇଛି ଯେ ସେମାନେ ନାମାଙ୍କନ/ସୁପାରିଶ କରନ୍ତୁ । ନାଗରିକମାନେ ନିଜ ନାମ ମଧ୍ୟ ନାମାଙ୍କନ ପାଇଁ ପ୍ରସ୍ତାବ ଦେଇପାରିବେ । ମହିଳା, ସମାଜର ଦୁର୍ବଳ ଶ୍ରେଣୀ, ଅନୁସୂଚିତ ଜାତି ଏବଂ ଜନଜାତି, ଦିବ୍ୟାଙ୍ଗ ବ୍ୟକ୍ତି ତଥା ସମାଜର ନିଃସ୍ୱାର୍ଥପର ସେବା କରୁଥିବା ପ୍ରତିଭାଶାଳୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ସମନ୍ୱିତ ପ୍ରୟାସ କରାଯାଇପାରେ, ଯେଉଁମାନଙ୍କର ଉତ୍କର୍ଷତା ଏବଂ ସଫଳତା ପ୍ରକୃତରେ ସ୍ୱୀକୃତି ପାଇବାକୁ ଯୋଗ୍ୟ ଅଟେ । ନାମାଙ୍କନ/ସୁପାରିଶରେ ଉପରୋକ୍ତ ପୋର୍ଟାଲରେ ଉପଲବ୍ଧ ଫରମାର୍ଟରେ ନିର୍ଦ୍ଦିଷ୍ଟ ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଉଚିତ । ଯେଉଁଥିରେ ବର୍ଣ୍ଣନାତ୍ମକ ଆକାରରେ ଏକ ଉଦ୍ଧୃତି (ସର୍ବାଧିକ ୮୦୦ ଶବ୍ଦ) ଅନ୍ତର୍ଭୁକ୍ତ, ଯାହା ସୁପାରିଶ କରାଯାଇଥିବା ବ୍ୟକ୍ତି/ତାଙ୍କର ସମ୍ପୃକ୍ତ କ୍ଷେତ୍ର/ବିଭାଗରେ ବିଶିଷ୍ଟ ଏବଂ ଅସାଧାରଣ ସଫଳତା/ସେବା ସମ୍ପର୍କରେ ସ୍ପଷ୍ଟ ଭାବରେ ଉଲ୍ଲେଖ ହୋଇଥିବ । ଏ ସମ୍ପର୍କରେ ସମସ୍ତ ବିବରଣୀ ଗୃହ ମନ୍ତ୍ରଣାଳୟର ୱେବସାଇଟ (https://mha.gov.in) ଏବଂ ପଦ୍ମ ପୁରସ୍କାର ପୋର୍ଟାଲ (https://padmaawards.gov.in)ରେ ପୁରସ୍କାର ଏବଂ ପଦକ ଶୀର୍ଷକ ଅଧୀନରେ ମଧ୍ୟ ଉପଲବ୍ଧ ହେବ । ଏହି ପୁରସ୍କାରଗୁଡିକ ସମ୍ପର୍କିତ ସମସ୍ତ ଷ୍ଟାଟସ୍ ଏବଂ ନିୟମ ୱେବସାଇଟ https://padmaawards.gov.in/AboutAwards.asp ଡି ଲିଙ୍କ୍ ସହିତ ଉପଲବ୍ଧ ।

## ଇଣ୍ଡିଆନ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟ

ନୟାଗଡ଼, (ସବ୍ୟୁ): ନୟାଗଡ଼ ଥାନା ମାନଧାତାପୁର ଇଣ୍ଡିଆନ ବ୍ୟାଙ୍କରୁ ଡକାୟତି ହୋଇଛି। ବ୍ୟାଙ୍କ କର୍ମଚାରୀ ଏବଂ ଗ୍ରାହକଙ୍କୁ ବନ୍ଧୁକ ମୁନରେ ଅଟକ ରଖି ଡକାୟତ ଦଳ ବ୍ୟାଙ୍କ ଟ୍ରେଜେରୀରୁ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ କରି ନେଇଛନ୍ତି। ପ୍ରାୟ ୫ ରୁ ୬ ଜଣ ମୁଖାପିନ୍ଧା ଡକାୟତ ବୁଧବାର ଅପରାହ୍ନରେ ମାନଧାତାପୁର ଇଣ୍ଡିଆନ ବ୍ୟାଙ୍କ ଭିତରେ ପ୍ରବେଶ କରିଥିଲେ। ସେଠାରେ ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କ ପରିସରରେ ରହିଥିବା ଗ୍ରାହକମାନଙ୍କୁ ବନ୍ଧୁକ ମୁନରେ ଡକାୟତ ଦଳ ଅଟକ ରଖିଥିଲେ। ବ୍ୟାଙ୍କ କର୍ମଚାରୀଙ୍କୁ ମାଡ଼ ମାରି ଭୟ ସୃଷ୍ଟି କରିବା ସହିତ ଲକର ଚାବି ହାତେଇ ସେଥିରୁ ଲକ୍ଷାଧିକ ଟଙ୍କା ଏବଂ ବନ୍ଧକ ସୁନା ଅଳଙ୍କାର ଲୁଟି ନେଇଯିବାରେ ସକ୍ଷମ ହୋଇଛନ୍ତି। ଖବର ପାଇଁ ପୋଲିସ ବୟାଙ୍କ ଡକାୟତି ଘଟଣାର ତଦନ୍ତ ଆରମ୍ଭ କରିଛି। ଡକାୟତ ମାନେ ବୟାଙ୍କ ଡ଼କାୟତି କରି ବାଇକରେ ଫେରାର ହୋଇ ଯାଇଛନ୍ତି ଡକାୟତଙ୍କ ଆକ୍ରମଣରେ କେତେକ ବୟଙ୍କ କର୍ମଚାରୀ ଓ ଗ୍ରାହକ ଆହତ ହୋଇଛନ୍ତି । ସେମାନଙ୍କୁ ନୟାଗଡ଼ ଡ଼ାକ୍ତରଖାନରେ ଚିକିତ୍ସା କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ୍ ତଦନ୍ତଜାରି ରହିଥିବାରୁ ବ୍ୟାଙ୍କରୁ କେତେ ପରିମାଣର ଟଙ୍କା ଓ ସୁନା ଅଳଙ୍କାର ଲୁଟ ହୋଇଛି ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ି ନାହିଁ।

## ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,(ସବ୍ୟୁ) : ରୋଟାରୀ କ୍ଲବ ଭୁବନେଶ୍ୱର କନ୍ ଫ୍ଲୁଏନ୍ସ ପକ୍ଷରୁ ବୁଧବାର ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ସ୍ଥିତ ବ୍ଲଡ଼ ବ୍ୟାଙ୍କ ପରିସରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ର ସଭାପତି ରୁଦ୍ର ପ୍ରସନ୍ନ ହୋତା ଓ ସମ୍ପାଦକ ପ୍ରଣ୍ଡ କିଶୋର ଜେନାଙ୍କ ମିଳିତ ସହଯୋଗରେ ବହୁ ସଂଖ୍ୟାରେ ଯୁବ ରୋଟାରୀଆନ ମାନେ ରକ୍ତ ଦାନ କରିଥିଲେ। ଶିବିରରୁ ୩୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆଜି ବିଶ୍ୱ ଡାକ୍ତର ଦିବସ ଉପଲକ୍ଷେ କ୍ଲବ୍ ତରଫରୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଲଳିତ ବେହେରା ଓ ବ୍ଲଡ଼ ବ୍ୟାଙ୍କର ଡାକ୍ତର ଦେବାଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ରୋଟାରୀଆନ ଅଶୋକ ସାମଲ, ନୀଳାଚଳ ପ୍ରଧାନ,ବିଦ୍ୟୁତ୍ କୁମାର ସେଠି, ଆଲୋକ ସାମଲ , ଅଭିଲାଷ ପତି, ସତ୍ୟାନନ୍ଦ ସାହୁ, ପ୍ରତିକ୍ ମହାନ୍ତି ପ୍ରମୁଖ ବହୁ ରୋଟାରୀଆନ ଉପସ୍ଥିତ ଥିଲେ।

# କରଚୁଲିରେ ଅଗ୍ନିକାଣ୍ଡ: ଜଳିଗଲା ୪ ବଖରା



ବୁଗୁଡ଼ା, (ସବ୍ୟୁ): ବୁଗୁଡା ବ୍ଲକ ଅଧିନସ୍ତ କରଚୁଲି ଗ୍ରାମର ଗୁଡିସାହିରେ ଗତକାଲି ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଭାସ୍କର ଡାକୁଆ ଓ ଦେବ ଡାକୁଆଙ୍କ ଦୁଇ ବଖରା ଲେଖାଏଁ ଚାଳଘର ଜଳି ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ମଙ୍ଗଳବାର ରାତି ପ୍ରାୟ ଦୁଇଟା ବେଳେ ସେହି ଦୁଇ ପରିବାର ଲୋକେ ଶୋଇଥିବା ସମୟରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଅଗ୍ନିକାଣ୍ଡରେ ସେହି ଦୁଇଟି ପରିବାରର ଲକ୍ଷାଧିକ ଟଙ୍କାର ଆସବାବପତ୍ର ନିଆଁରେ ପୋଡିଯାଇଛି । ଗ୍ରାମବାସୀ ଏବଂ ପରିବାର ଲୋକେ ନିଆଁକୁ ଆୟତ୍ତ କରିବାପାଇଁ ଉଦ୍ୟମ କରିଥିଲେ ହେଁ ହୁତୁହୁତୁ ହୋଇ ଜଳୁଥିବା ନିଆଁକୁ ଲିଭାଇ ପାରିନଥିଲେ ।

ଖବର ପାଇ ବୁଗୁଡା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ଘର ସହ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ଛାରଖାର ହୋଇଯାଇଥିଲା । ତେବେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାର ଦ୍ୱୟ ସରକାରୀ ସହାୟତା ପାଇବା ପାଇଁ ହାତପାତି ବସିଥିବା ଜଣାଯାଇଛି ।

# ବାରିପଦାରେ ଫୁଟିଲା ଗୁଳି, ବୁଲିଲା ଭୁଜାଲି : ଆକ୍ରମଣରେ ଯୁବକ ଗୁରୁତର

ବାରିପଦା, (ସବ୍ୟୁ) : ବାରିପଦାରେ କେତେବେଳେ ଗୁଳି ଫୁଟୁଛି ତ କେତେବେଳେ କଥା କଥାକେ ଖଣ୍ଡା, ଭୁଜାଲି ଘୁରୁଛି। ଗତ କିଛିଦିନ ତଳେ ବାରିପଦା ସହରର କାଳିକାପୁର ଅଞ୍ଚଳରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହେବା ବେଳେ ବନ୍ଧୁକ ଗୁଳିରେ ଜଣେ ଯୁବକଙ୍କର ମୃତ୍ୟୁ ହେବାପରି ଅଭାବନୀୟ ଘଟଣା ଘଟିଯାଇଥିଲା। ଏହି ଘଟଣା ମନରୁ ନଲିଭିଣୁ ପୁଣି ବୁଧବାର ସ୍ୱଚ୍ଛ ଦିବାଲୋକ ଓ ଜନଗହଳିପୂର୍ଣ୍ଣ ସ୍ଥାନ ଷ୍ଟେସନବଜାର ପରିବାର ମାର୍କେଟ ନିକଟରେ ଜଣେ ମଦ ଦୋକାନୀ କର୍ମଚାରୀଙ୍କୁ ଭୁଜାଲିରେ ହାଣି ଦୁର୍ବୃତ୍ତ ଘଟଣାସ୍ଥଳରୁ ଛୁ ମାରିବା ଘଟଣା ତଥା ଦୁର୍ବୃତ୍ତଙ୍କ ଟେର୍ ପାଇନପାରିବାକୁ ନେଇ ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପ୍ରକାଶ ଯେ, ବାରିପଦା ଟାଉନ ଥାନା ଅନ୍ତର୍ଗତ ଷ୍ଟେସନ ବଜାର ହାଟ ନିକଟରେ ଏକ ମଦ କାଉଣ୍ଟରରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ବିହାର ରାଜ୍ୟର ମୁନାଯାଦବ୍ ପରିବାର ମାର୍କେଟରୁ ପରିବା ନେଇ ନିଜ ବାଇକ୍‌ରେ ବସି ଯିବାକୁ ଉଦ୍ୟମ କରୁଥିବା ସମୟରେ ହଠାତ୍ ଜଣେ ଅଚିହ୍ନା ବ୍ୟକ୍ତି ଆସି ତାଙ୍କ



ବେକରେ ଭୁଜାଲି ଲଗାଇଥିଲେ ଓ କଥା କଥାକେ ମୁନାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ଲହୁଲୁହାଣ ମୁନାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଚିକିତ୍ସା କରାଯାଇ କଟକ ବଡମେଡିକାଲକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ଛାନଭିନ୍ କରିଥିଲେ।

# ବେଆଇନ ମିଶ୍ରି କାରଖାନା ସିଲ୍, ମାଲିକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବଡବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଦ୍ୱିତୀୟ ଲାଇନରେ ଚାଲିଥିବା ଏକ ବେଆଇନ ମିଶ୍ରି କାରଖାନାରେ ପୋଲିସ ଚଢଉ କରିଛି । ସେଠାରୁ ବିପୁଳ ପରିମାଣର କଞ୍ଚାମାଲ ଜବତ କରି କାରଖାନା ମାଲିକଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ଜଣଙ୍କୁ ଭଦ୍ରିନାରାୟଣ ବୋଲି ପୋଲିସ କହିଛି । ଉକ୍ତ ଅଞ୍ଚଳରେ ବେଆଇନ ଭାବେ ମିଶ୍ରି ପ୍ରସ୍ତୁତ ହେଉଥିବା ଖବର ପାଇ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଟିମ ସେଠାରେ ପହଞ୍ଚି ଯାଞ୍ଚ କରିଥିଲେ । ଫେକଫ୍ରି ମାଲିକ ଏସମ୍ପର୍କିତ କୌଣସି କାଗଜ ଦେଖାଇ ପାରିନଥିଲେ । ଯାଞ୍ଚ ବେଳେ ଉକ୍ତ ଫେକଫ୍ରିରେ ମିଶ୍ରି ପ୍ରସ୍ତୁତ ପାଇଁ ମହଜୁଦ ଥିବା ୨୫ କେଜିର ୧୮୦ ଗୋଟି ପ୍ଲେଟ, ୩୦ ବସ୍ତା ଚିନି, ବିଭିନ୍ନ ସରଞ୍ଜାମ, ମେସିନ ଇତ୍ୟାଦି ଜବତ ହୋଇଛି । ଅସ୍ୱାସ୍ଥ୍ୟକର ଭାବେ ସେଠାରେ ମିଶ୍ରି ପ୍ରସ୍ତୁତ ହେଉଥିଲା ବୋଲି ପୋଲିସ କହିଛି । ୩/୪ ବର୍ଷ ହେଲା ଉକ୍ତ ଫେକଫ୍ରି ମାଲିକ ସେଠାରେ ବେଆଇନ ଓ ଅସ୍ୱାସ୍ଥ୍ୟକର ଭାବେ ମିଶ୍ରି ପ୍ରସ୍ତୁତ କରି ଜିଲ୍ଲା ଓ ଜିଲ୍ଲା ବାହାରେ ବିକ୍ରି କରୁଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ।

# ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ଚପରାସୀ ଧ୍ରୁବଚରଣ ପଲେଇଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଶ୍ରୀ ପଲେଇ ଜଣେ କର୍ତ୍ତବ୍ୟନିଷ୍ଠ, ସ୍ନେହ ବତ୍ସଳ ଓ ସମାଜସେବୀ ଭାବେ ପରିଚିତ । ବିଭିନ୍ନ ଉଚ୍ଚବିଦ୍ୟାଳୟ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଓ ବାରିପଦା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଉଚ୍ଚ ପ୍ରଶଂସିତ ଓ ସମ୍ମାନିତ ହୋଇପାରିଛନ୍ତି । ଉକ୍ତ ସମ୍ବର୍ଦ୍ଧନା ସଭାରେ ବାରିପଦା ଗୋଷ୍ଠୀ ଶିକ୍ଷାଦିକାରୀ କାର୍ଯ୍ୟାଳୟର ୧୩ଜଣ ସିଆରସିସି ଗୀତିକା ବେହେରା, ପୁଜାରିଣୀ ପଣ୍ଡା, କନକଲତା ମାଝି, ଧନପତି ମିଶ୍ର, ସୁଶୀଲ କୁମାର ପଣ୍ଡା, ଧନଞ୍ଜୟ ସାହୁ, ଭବାନୀ ସିଂହ, ରାଜକିଶୋର ସେଠୀ, ଅଭିରାମ ହେମ୍ବ୍ରମ, ଦେବରଞ୍ଜନ ସାହୁ, ଚୈତନ୍ୟ ହେମ୍ବ୍ରମ, କଲ୍ୟାଣଶିଷ ଦାସ ଏବଂ ନିର୍ମଳ ପାତ୍ର ଉପସ୍ଥିତ ରହି ଶ୍ରୀ ପଲେଇଙ୍କର ଗୁଣଗାନ୍ କରିବା ସହିତ ଦୀର୍ଘାୟୁ କାମନା କରଥିଲେ ।

# ହାତୀ ଉପଦ୍ରବ : ଜିଲ୍ଲା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଘେରିଲା ଜେଏମଏମ

ବାରିପଦା, (ସବ୍ୟୁ) : ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସି ଜିଲ୍ଲା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଘେରାଉ କରିବା ସଙ୍ଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବନପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ମୟୂରଭଞ୍ଜ ଏକ ପାହାଡ଼ ପର୍ବତ ଘେରା ସବୁଜ ସୁନ୍ଦର ଆଦିବାସୀ ବହୁଳ ଜିଲ୍ଲା । ଏଠାରେ ଥିବା ସମସ୍ତ ଜନସାଧାରଣ ଆଦିବାସୀ ମାନଙ୍କର ଜୀବିକା ହେଉଛି ଚାଷ କରିବା ସହିତ ବଣ ପାହାଡରୁ ମହୁ, ଲାଖ, ଝୁଣା ଓ ପତ୍ର ଆଦି ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି । କିନ୍ତୁ କିଛି ବର୍ଷ ହେବ ଆମ ଜିଲ୍ଲାରେ ହାତୀ ଉପଦ୍ରବ ବଢିବାକୁ ନେଇ ମୁଣ୍ଡ ବିନ୍ଧାର କାରଣ ହେଇପଡିଛି । ଯାହାଫଳରେ କି ସାଧାରଣ ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସ୍ଥାୟୀ ସମାଧାନ କରିବା ପାଇଁ ବାରମ୍ବାର ଗତ ବିଜୁ ଜନତାଦଳର ସରକାର ଏବଂ ମୋହନ ସରକାର ହାତୀ ଉପଦ୍ରବକୁ ରୋକିବା ଏବଂ ସ୍ଥାୟୀ ସମାଧାନ କରିବାରେ ପୁରାପୁରି ଫେଲ ମାରିଛନ୍ତି ବୋଲି ଜେଏମଏମ ପକ୍ଷରୁ କୁହାଯାଇଛି । ଯାହାଫଳରେ କି ସରକାରୀ ତଥ୍ୟ ଅନୁସାରେ ଗତ ୬ମାସ ମଧ୍ୟରେ



୩୩ଜଣ ଲୋକଙ୍କର ଜୀବନ ହାନି ହେଇଛି ଏବଂ ଭୟଙ୍କର ବାତାବରଣ ସମ୍ପୃକ୍ତ ଅଞ୍ଚଳ ଗୁଡ଼ିକରେ ସୃଷ୍ଟି ହେବା ସହିତ ଲୋକମାନେ ଶାନ୍ତିରେ ଜୀବନ ଯାପନ କରି ପାରୁନାହାନ୍ତି । ଉକ୍ତ ସମସ୍ୟାର ସ୍ଥାୟୀ ସମସ୍ୟାର ସମାଧାନ ହାତୀ ଉପଦ୍ରବରୁ ଲୋକଙ୍କ ଜୀବନ, ଚାଷଜମି, ଘର, ଗୃହପାଳିତ ପଶୁଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଗଠନ କରାଯାଉ, ହାତୀ ଦ୍ୱାରା ମୃତ ବ୍ୟକ୍ତି ବିଶେଷଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉ, ହାତୀ ଦ୍ୱାରା ନଷ୍ଟ ହେଉଥିବା ଫସଲ ବାବଦ କ୍ଷତିପୂରଣ ବଜାର ଦର ଅନୁସାରେ ମୂଲ୍ୟ ନିର୍ଦ୍ଧାରଣ କରି ଚାଷୀଙ୍କୁ ପ୍ରଦାନ କରାଯାଉ, ହାତୀ ଦ୍ୱାରା ଆଂଶିକ ଭାଙ୍ଗି ଥିବା ଘର ବାବଦରେ ରେ ସରକାରୀ ଧାର୍ଯ୍ୟ ୧୦ହଜାର ଟଙ୍କା ରୁ ୧ଲକ୍ଷ ଟଙ୍କା କୁ ବୃଦ୍ଧି ତତ୍‌ସହିତ ରୋଷେଇ ଘର ଓ ଗୁହାଳ ଘର ଭଙ୍ଗା ବାବଦରେ ୩ହଜାର ଟଙ୍କା ରୁ ୩୦ହଜାର ଟଙ୍କା ଏବଂ ଘର ଭାଙ୍ଗିବା ବାବଦରେକୁ ନଗଦ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଉ ଆଦି ବିଭିନ୍ନ ଦାବି ଜେଏମଏମ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇଛନ୍ତି। ତତ୍‌ସହିତ ଶିମିଳିପାଳ ପାଦ ଦେଶରେ ଥିବା ରାଜସ୍ୱ ଗ୍ରାମର ଗ୍ରାମବାସୀ ମାନେ ବନଜାତ ଦ୍ରବ୍ୟକୁ ସଂଗ୍ରହ କରଥାନ୍ତି ତଥା ମହୁ, ଲାଖ, ମହୁଲ, ଟୁଲ, ଝୁଣା, ପତ୍ର, ଇତ୍ୟାଦି ସଂଗ୍ରହ କରି ବାହାରେ ବିକ୍ରି କରିଥାନ୍ତି । ଏହି ସଂଗ୍ରହ ବେଳେ ନିର୍ଦ୍ଦୋଷ ଆଦିବାସୀ କିମ୍ବା ଗ୍ରାମବାସୀ ମାନଙ୍କୁ ଉକ୍ତ ବନଖଣ୍ଡ ଅଧିକାରୀ ମାନେ ଉକ୍ତ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମାମଲା କରି ହଇରାଣ ହରକତକୁ ବନ୍ଦ କରାଯାଉ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ କହିଛନ୍ତି । ଏହି ଦାବୀ ଗୁଡିକ ଏକମାସ ମଧ୍ୟରେ ପୂରଣ କରା ନଗଲେ ଆଗାମୀ ଦିନରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ମୟୂରଭଞ୍ଜ ରାଜ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜେଏମଏମ ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟପରିଷଦ ସଦସ୍ୟ ସନାତନ ମୁର୍ମୁ, କେନ୍ଦ୍ରୀୟ ସଭ୍ୟ ଦିବାକର ସୋରେନ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ତରେନ କୁମାର ସେନାପତି, ସୁଜିତ କୁମାର ବେହେରା, ପ୍ରିୟରଞ୍ଜନ ସୋରେନ, ଦୁର୍ଗା ସୋରେନ, ବିକ୍ରମ ମୁର୍ମୁ, ଶିରୀଶ ଟୁଡୁ, ଦାଖିନ ମୁର୍ମୁ ଏବଂ ଶତାଧିକ କର୍ମୀ ସାମିଲ ହୋଇ ଥିଲେ । ସର୍ବଶେଷରେ ରାସଗୋବିନ୍ଦପୁର ବ୍ଲକର ବଡ଼ଗାଁ ପଞ୍ଚାୟତର ସମିତି ସଭ୍ୟ ବରେନ୍ଦ୍ର ରାମ ଦିଶମ ଗୁରୁ ଶିବୁ ସୋରେନ ଓ ରାଜ୍ୟ ସଭାପତି ଅଞ୍ଜନୀ ସୋରେନ୍‌ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଇ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱକୁ ସମର୍ଥନ ଜଣେଇ ବିଧିବଧ ଭାବରେ ଶତାଧିକ କର୍ମୀଙ୍କ ସହିତ ଯୋଗଦାନ କରିଛନ୍ତି ।

## ପ୍ରେମିକାଙ୍କୁ ଛୁରି ଭୂଷି ହତ୍ୟା ଘଟଣା

# ଲଜିଂରେ କ୍ରାଇମସିନ ରିକ୍ରିଏସନ କଲେ ପ୍ରେମିକ, ରକ୍ତଭିଜା ଛୁରୀ ଜବତ

ବ୍ରହ୍ମପୁର, (ସବ୍ୟୁ) : ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆଁ ବସଷ୍ଟାଣ୍ଡ ନିକଟରେ ଥିବା ପୁଷ୍ପାଞ୍ଜଳି ଲଜିଂରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ହତ୍ୟା କରାଯାଇଥିଲା । ମୃତ ଯୁବତୀ ଜଣଙ୍କ ଲାଞ୍ଜିପଲି ରେଡିକା ସାହିର ପ୍ରିୟା କୁମାରୀ ମହାରଣା(୨୪) । ହତ୍ୟାକାରୀ ଯୁବକ ଜଣକ ଲାଞ୍ଜିପଲି ଉମା ନଗର ପ୍ରଥମ ଲାଇନର ଅଭୟ ମହାରଣା (୨୪) । ସେ ଗୋଶାଣିନୁଆଗାଁ ଥାନାରେ ଆତ୍ମସମର୍ପଣ କରି ଉକ୍ତ ଲଜିଂରେ ପ୍ରେମିକାଙ୍କୁ ହତ୍ୟା କରିଥିବା ପୋଲିସକୁ କହିଥିଲେ । ପୋଲିସ ଲଜିଂରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ । ଡାକ୍ତର ସେଠାରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ ।

ମୃତଦେହ ସଂରକ୍ଷଣ ରଖା ଯାଇଥିଲା । ବୁଧବାର ମୃତଦେହ ପଞ୍ଚନାମା ବେଳେ ଯୁବତୀଙ୍କ ବେକ ଓ ଶରୀରର ବିଭିନ୍ନ ସ୍ଥାନରେ ୨୦ ସ୍ଥାନରେ ଛୁରା ମାଡ଼ ହୋଇଥିବା ଜଣାପଡିଛି । ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକଙ୍କ ବାପା ପ୍ରଭାକର ମହାରଣାଙ୍କ ଅଭିଯୋଗ ଆଧାରରେ ପୋଲିସ ୩୨୭/୨୫ ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଅଭୟ ମହାରଣଙ୍କୁ ଗିରଫ କରିଛି । ପୋଲିସ ଅଭିଯୁକ୍ତଙ୍କୁ ଉକ୍ତ ଲଜିଂ ନେଇ ଯୁବତୀଙ୍କୁ ସେ କିଭଳି ଭାବେ ହତ୍ୟା କରିଥିଲେ ତାହାର କ୍ରାଇମସିନ ରିକ୍ରିଏସନ କରିଥିଲା । ସାଇଣ୍ଟିଫିକ ଟିମ ସହାୟତାରେ ସେଠାରେ ପହଞ୍ଚି ବିଭିନ୍ନ ନମୁନା ସଂଗ୍ରହ କରିଛି । ସେଠାରୁ ରକ୍ତଭିଜା ଛୁରୀ, ଅଭିଯୁକ୍ତଙ୍କ ମୋବାଇଲ ଓ ମୃତ ଯୁବତୀଙ୍କ ସ୍କୁଟି ଓ ଅଭିଯୁକ୍ତଙ୍କ ବାଇକ ଜବତ କରିଛି । ମୃତକଙ୍କ ଭିସେରା ସଂଗ୍ରହ ହୋଇଛି । ଅଭିଯୁକ୍ତଙ୍କୁ ଜେରା ବେଳେ ସେ କହିଛନ୍ତି ଯେ, ଉଭୟଙ୍କ ମଧ୍ୟରେ ଦୀର୍ଘବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା । ପ୍ରିୟା ଉଚ୍ଚଶିକ୍ଷିତା ଥିବାବେଳେ ସେ ଏକ ଘରୋଇ ହସ୍ପିଟାଲରେ ଲ୍ୟାବ ଆସିଷ୍ଟାଙ୍କ ଭାବେ କାମ କରୁଥିଲେ । ଅନ୍ୟପଟେ ଅଭୟ କିଛି କାମ କରୁନଥିଲେ । ପ୍ରେମିକାଙ୍କ ଅନ୍ୟତ୍ର ବାହାଘର ପାଇଁ ପ୍ରସ୍ତାବ ଆସିଥିବା ଅଭୟ ଜାଣିବାକୁ ପାଇଥିଲେ । ସେ ପ୍ରତିଶୋଧ ପରାୟଣ ହୋଇ ପ୍ରେମିକାଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ । ମଙ୍ଗଳବାର ଏକ ଲଜିଂ ଆସିବାକୁ ଅଭୟ ତାଙ୍କ ପ୍ରେମିକାଙ୍କ ଫୋନ କରି ସୋମବାର ସନ୍ଧ୍ୟାରେ ଜଣାଇଥିଲେ । ଯୋଜନା ମୁତାବକ ଅଭୟ ପ୍ରଥମେ ଉକ୍ତ ଲଜିଂ ଆସି ୧୧୨ ନଂ ବୁକ କରିଥିଲେ । ସେ ପ୍ରଥମେ ରୁମ ଭିତରକୁ ଯାଇ ଏକ ଛୁରୀ ଲୁଚାଇ ରାଖିଥିଲେ । କିଛି ସମୟ ପରେ ପ୍ରେମିକା ଜଣଙ୍କ ଉକ୍ତ ରୁମକୁ ଆସିଥିଲେ । ଦୀର୍ଘଘଣ୍ଟା ଧରି ସେମାନେ ସେଠାରେ ରହିଥିଲେ । ଶେଷରେ ପ୍ରେମିକାଙ୍କ ତଣ୍ଟିରେ ଛୁରୀ ଭୂଷିଥିଲେ । ପରେ ଛାତି ଓ ପେଟରେ ଏଭଳି ଅନେକ ସ୍ଥାନରେ ଭୂଷିଥିଲେ । ସେ ମରିଯିବା ଭାବି ଅପରାହ୍ନ ସାଢେ ୪ଟା' ରେ ଅଭୟ ରୁମରୁ ବାହାରି ସିଟି ହସ୍ପିଟାଲରେ ଯାଇ ଚିକିତ୍ସା ପରେ ଉକ୍ତ ଥାନାରେ ଆତ୍ମସମର୍ପଣ କରିଥିଲେ ବୋଲି ଅଭୟ ଜେରା ବେଳେ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି ।


# ବିଏମସି ଘର ଟିକସ ବୃଦ୍ଧି ପ୍ରସଙ୍ଗ: ପୁଣି ରହିତାଦେଶ ଜାରି କଲେ ହାଇକୋର୍ଟ

ବ୍ରହ୍ମପୁର, (ସବ୍ୟୁ): ମହାନଗର ନିଗମ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ବେଆଇନ୍ ଭାବରେ ଅହେତୁକ ଘରପାନୁ ବୃଦ୍ଧିକୁ ଯେଉଁପରି ଭାବରେ ନିଗମ କର୍ତୃପକ୍ଷ ବ୍ରହ୍ମପୁରବାସୀଙ୍କ ଉପରେ ଜୋର୍ ଜବରଦସ୍ତି ଲଦି ଦେଇଥିଲେ, ତାହା ବିରୁଦ୍ଧରେ ବରିଷ୍ଠ ଆଇନଜୀବୀ, ବିଜେପି ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ୨୦୨୧ ମସିହାରେ ଏହା ବିରୁଦ୍ଧରେ ମହାନଗର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଥିଲେ । ଏହା ପରେ ମହାନଗର ନିଗମ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନନେବାରୁ ବେଆଇନ ଘର ପାନୁ ବୃଦ୍ଧି ବିରୁଦ୍ଧରେ ସେ ଉଚ୍ଚତମ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ଡବ୍ଲ୍ୟୁ.ପି (ସି) ନମ୍ବର- ୧୧୨୯୦ /୨୦୨୧ ରେ ଆଇନଜୀବୀ ଶ୍ରୀ ପଣ୍ଡା ଏକ ମକଦ୍ଦମା ରୁଜୁ କରିଥିଲେ । ଉକ୍ତ ମକଦ୍ଦମାକୁ ବିଚାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ପ୍ରଥମେ ରହିତାଦେଶ ଜାରୀ କରି ବର୍ଦ୍ଧିତ ଘରପାନୁ ଆଦାୟ ଉପରେ ରୋକ ଲଗାଇଥିଲେ । ପରବର୍ତ୍ତି ସମୟରେ ଚୂଡ଼ାନ୍ତ ଆଦେଶରେ ମାନ୍ୟବର ଅଦାଲତ ମହାନଗର ନିଗମକୁ ଚାରି ମାସ ମଧ୍ୟରେ କାଉନସିଲ ବୈଠକ ଡାକି ଘରପାନୁ ବୃଦ୍ଧି ପ୍ରସଙ୍ଗରେ ପୁନଃ ବିଚାର ପାଇଁ ନିର୍ଦ୍ଦେଶ ଦେଇଥିଲେ।

କିନ୍ତୁ ଦୁର୍ଭାଗ୍ୟର କଥା ମହାନଗର ନିଗମ ବେଆଇନ୍ ଘର ଟିକସ ବୃଦ୍ଧିକୁ ଯଥାର୍ଥ ପ୍ରତିପାଦନ କରି ଘରପାନୁ ବୃଦ୍ଧି ଠିକ୍ ବୋଲି ନିଷ୍ପତ୍ତି ଗ୍ରହଣ କଲେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଆଇନଜୀବୀ ଶ୍ରୀ ପୀତବାସ ପଣ୍ଡା ମହାନଗର କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିରେ ସନ୍ତୁଷ୍ଟ ନହୋଇ ପୁଣି ଡବ୍ଲ୍ୟୁ.ପି (ସି) ୮୭୮୪/୨୦୨୫ ପ୍ରକାରେ ବେଆଇନ୍ ଘର ଟିକସ ବୃଦ୍ଧିକୁ ପୁଣି ବିରୋଧ କରି ମାନ୍ୟବର ଅଦାଲତରେ ମହାନଗର ନିଗମର ନିଷ୍ପତିକୁ ଚ୍ୟାଲେଞ୍ଜ କରିଥିଲେ । ବୁଧବାର ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପୁଣି ବର୍ଦ୍ଧିତ ଘରପାନୁ ବୃଦ୍ଧିକୁ ରୋକ୍ ଲଗାଇବା ସହ ବ୍ରହ୍ମପୁର ମହାନଗର ନିଗମ କର୍ତୃପକ୍ଷଙ୍କୁ ଅହେତୁକ ଘର ଟିକସ ବୃଦ୍ଧିର କାରଣ କଣ ବୋଲି ନୋଟିସ୍ ଜାରୀ କରିଛନ୍ତି ।

ଏଠାରେ ଉଲ୍ଲଖଯୋଗ୍ୟ ଯେ ୨୦୨୦ ମସିହାରେ ମହାନଗର ନିଗମ ଯେତେବେଳେ ଘର ଟିକସ ବୃଦ୍ଧି କରିଥିଲେ ସେତେବେଳେ ଜନ ଶୁଣାଣି କରିନାହାନ୍ତି କିମ୍ବା କାଉନସିଲ୍‌ର ଅନୁମତି ନେଇ ନଥିଲେ । ଏଥିପାଇଁ କୌଣସି ସରକାରୀ ବିଜ୍ଞପ୍ତି ମଧ୍ୟ ପ୍ରକାଶ କରିନଥିଲେ । ଉକ୍ତ ମକଦ୍ଦମାକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଇନଜୀବୀ ସିଦ୍ଧାର୍ଥ ପାଢ଼ୀ ପରିଚାଳନା କରୁଛନ୍ତି ।

# ୫୩ନଂ ୱାର୍ଡରେ ୩୪ଲକ୍ଷ ଟଙ୍କା ପ୍ରକଳ୍ପର ଶିଳାନ୍ୟାସ



କଟକ, (ସ୍ୱପ୍ର): ୫୩ନଂ ୱାର୍ଡ ଅନ୍ତର୍ଗତ ପୃଷ୍ଟି ବଗିଚାରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ୪ ଗୋଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ । ସେଥିମଧ୍ୟରେ ୧୨ଲକ୍ଷ ଟଙ୍କା ବ୍ୟୟରେ ପୀତବାସ ଗୋଛାୟତଙ୍କ ଘର ଠାରୁ ପ୍ରମୋଦ ସାହୁଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ଏବଂ ସତିଶ ସୋରେନଙ୍କ ଘର ଠାରୁ ପ୍ରମୋଦ ସାହୁଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ।

ସେହିପରି ୫ଲକ୍ଷ ଟଙ୍କା ବ୍ୟୟରେ ପି. କେ ସାହୁଙ୍କ ଘର ଠାରୁ ଦେବେନ୍ଦ୍ର ଷଣ୍ଡଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ, ୫ଲକ୍ଷ ଟଙ୍କା ବ୍ୟୟରେ ମିକ୍ସଚର ଗଳି ଠାରୁ ଶାନ୍ତନୁ ଦାସଙ୍କ ଘର ପର୍ଯ୍ୟନ୍ତ ସିସି ଡ୍ରେନ ଏବଂ ୧୨ଲକ୍ଷ ଟଙ୍କା ବ୍ୟୟରେ ମୁକେଶ ଜେନାଙ୍କ ଘର ଠାରୁ ଏମଏସଡବ୍ଲ୍ୟୁ -୧ ରେଡକ୍ରସ ଖେଳ ପଡିଆ ପର୍ଯ୍ୟନ୍ତ ସିସି ଡ୍ରେନ ଆଦି ଅନ୍ତର୍ଭୁକ୍ତ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ସାରଙ୍ଗ ପାଣି ଷଡ଼ଙ୍ଗୀ, ଅମର ସାମନ୍ତରାୟ, ଡ. ବ୍ୟୋମକେଶ କାନୁନଗୋ, ବରିଷ୍ଠ ମୂରବୀ ରଜନୀକାନ୍ତ ପରିଜା, ବିଜୟାନନ୍ଦ ସାହୁ, ନଗେନ ଦାସ, ରାଜନ ମହାପାତ୍ର, ଏସଏଚଜି ଗ୍ରୁପର ସବିତା ନାୟକ, ଡୁମୁଣି ସୋରେନ୍, ସଂଘମିତ୍ରା ପଟ୍ଟନାୟକ, ରୋଜାଲିନ ସାହୁଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡ ବାସୀନ୍ଦା ଉପସ୍ଥିତ ଥିଲେ ।

# ସମୂହ ଛୁଟିରେ ଗଲେ ବୁଗୁଡ଼ାର ୫ ଅଧିକାରୀ

ବୁଗୁଡା, (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ରେ କାର୍ଯ୍ୟରତ ଆଡିସନାଲ କମିସନର ବରିଷ୍ଠ ଓଏଏସ୍ ରନିାକର ସାହୁ କିଛି ଦୁର୍ବୃତ୍ତଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ଘଟଣା ସମ୍ପ୍ରତି ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଥିବା ବେଳେ ସାଧାରଣରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଛ । ଏହି ଘଟଣାର ଦୃଢ ପ୍ରତିବାଦ କରିବାକୁ ଯାଇ ବୁଗୁଡାର ତହସିଲଦାର ତାପସ ରାଉତ (ଓଏଏସ୍), ବିଡ଼ିଓ ଦୃତିକୃଷ୍ଣ ପାତ୍ର (ଓଏଏସ୍), ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା (ଓଆରଏସ୍) , ସବରେଜିଷ୍ଟର ସବିତା ଦଳାଇ (ଓଆରଏସ) , ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ (ଓଆରଏସ)) ପ୍ରମୁଖ ଅଧିକାରୀଗଣ ସମୂହ ଛୁଟିରେ ଯାଇଥିବା ଜଣାଯାଇଛି । ଫଳରେ ସମ୍ପୃକ୍ତ ବିଭାଗ ଗୁଡିକରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଜଣାଯାଇଛି ।

# ରାଇରଙ୍ଗପୁର କଲେଜ ଅଧକ୍ଷ ପ୍ରାଧାପକ ସୁନୀଲ କୁମାର ଜେନାଙ୍କ ଅବସର



ବାରିପଦା, (ସବ୍ୟୁ) : ଇଂରାଜୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ରାଇରଙ୍ଗପୁର କଲେଜର ଅଧକ୍ଷ ପଦରୁ ଅବସର ଗ୍ରହଣ କରିଛନ୍ତି । ଅବସରକାଳୀନ ବିଦାୟୀ ସମାରୋହରେ ଷ୍ଟାଫ୍ କ୍ଲବ୍ ଉପସଭାପତି ଅଧାପକ ପିତାମ୍ବର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଉଦ୍ଭିଦ ବିଜ୍ଞାନର ପ୍ରାଧାପକ ବିରନାରାୟଣ ଚ୍ୟାଉପଟ୍ଟନାୟକ ଓ ବାଣିଜ୍ୟ ବିଭାଗ ମୁଖ୍ୟ ବିଭୂତି ଭୂଷଣ ପାଣିଗ୍ରାହୀ ବିଦାୟୀ ଅଭିଭାଷଣ ରଖିଥିଲେ । ଏଥିସହ ପଦାର୍ଥ ବିଜ୍ଞାନର ମୁଖ୍ୟ ହେମନ୍ତ କୁମାର ଗିରି, ଓଡ଼ିଆ ବିଭାଗର ମୁଖ୍ୟ ଜିତେନ୍ଦ୍ର ମହାନ୍ତ, ବାଣିଜ୍ୟ ବିଭାଗର ଅଧାପିକା ମେନକା ମହାକୁଡ଼, ଓଡ଼ିଆ ଅଧାପିକା ଡଃ. ତନ୍ମୟୀ ରଥ ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ବିଦାୟୀ ଅଧକ୍ଷ ଓ ପିଟି ମେଜର ହେମେନ୍ଦ୍ର ରାଉତଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଏହାପରେ ନୂତନ ଅଧକ୍ଷ ଭାବେ ଯୋଗ ଦେଇଥିବା ପ୍ରାଧାପକ ମନୋହର ବାରିକଙ୍କୁ ସ୍ୱାଗତ କରି ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଶେଷରେ ଷ୍ଟାଫ୍ କ୍ଲବ୍ ସମ୍ପାଦକ ରାଜେଶ ରାମ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ଅଧକ୍ଷ ସୁନୀଲ କୁମାର ଜେନା ମୟୂରଭଞ୍ଜର ଜଣେ ବହୁମୁଖି ପ୍ରତିଭା ଅଟନ୍ତି । ମୟୂରଭଞ୍ଜର ସୁଯୋଗ୍ୟ ସନ୍ତାନ ଭାବରେ ସେ ମୟୂରଭଞ୍ଜକୁ ବହୁଭାବେ ଗୌରାବାନ୍ୱିତ କରିଛନ୍ତି । ଏକାଧାରରେ ସେ ଜଣେ ଶିକ୍ଷାବିତ୍, କ୍ରୀଡାବିତ୍, ଗୀତିକାର, ସଂଗୀତ ନିର୍ଦ୍ଦେଶକ, କବି, ନାଟ୍ୟକାର, ଉପନ୍ୟାସକାର, ସଂସ୍କୃତି ଗବେଷକ ଭାବରେ ବହୁ କାର୍ଯ୍ୟ କରିଛନ୍ତି । ବାରିପଦାରେ ପୂଜ୍ୟପୂଜା, ମୟୂରଭଞ୍ଜ ସାହିତ୍ୟ ପରିଷଦ, ବଲାଙ୍ଗୀର ମହୋତ୍ସବ, ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ, ମୟୂରଭଞ୍ଜ ଇନଟାକ୍ ଚ୍ୟାପଟର୍ ଓ ତୁଳସୀ ପରିବାର ପ୍ରଭୃତି ବହୁ ଅନୁଷ୍ଠାନର ପରିଚାଳନା କମିଟିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟରତ ଅଛନ୍ତି । ରାଇରଙ୍ଗପୁରର ପରିକ୍ରମା ଓ ବାମନଘାଟି ସାଂସ୍କୃତିକ ପରିଷଦର ମଧ୍ୟ ସଦସ୍ୟ ରହିଛନ୍ତି । ଜଣେ ଲୋକପ୍ରିୟ କ୍ରିକେଟ୍ ଖେଳାଳୀ ହିସାବରେ ସେ ମୟୂରଭଞ୍ଜ ଜିଲ୍ଲା ପାଇଁ ଓପନିଙ୍ଗ୍ ବ୍ୟାଟର୍ ଭାବରେ ୧୨ବର୍ଷ ଖେଳିଛନ୍ତି । ଏଥିସହ ଓଡ଼ିଶା ରାଜ୍ୟ ଦଳ (୧୯ବର୍ଷରୁ କମ୍) ପାଇଁ ପଶ୍ଚିମବଙ୍ଗ ବିରୁଦ୍ଧରେ ବାରବାଟୀ ଷ୍ଟାଡିୟମରେ ଖେଳିଥିଲେ ଓ ୧୯୮୧ ମସିହାରେ ଉକଳ ବିଶ୍ୱବିଦ୍ୟାଳୟରୁ ମଧ୍ୟ ପ୍ରତିନିଧିତ୍ୱ କରିଛନ୍ତି । ସେହିପରି ଝୁମର୍ ସଂଗୀତକୁ ଆଗକୁ ନେବା ପାଇଁ "କାଞ୍ଚାମରିଚ୍ ପାକାବିଲିତି, "ଟୁସୁ ଦୁଲାଲୀ, "ପିତଳ ସିଟି, "ଭାସାବାଦଲ୍ ପ୍ରଭୃତି କ୍ୟାସେଟ୍ ପ୍ରଯୋଜନା କରିଥିଲେ । ଏହାଛଡା "ରୟାଲ୍ ମ୍ୟୁଜିକ୍ ଭକ୍ତି, "ରୟାଲ୍ ମ୍ୟୁଜିକ୍ ଓଡ଼ିଆ ଓ "ରୟାଲ୍ ମ୍ୟୁଜିକ୍ ଝୁମର୍ ଆଦି ୩ଟିୟୁଟ୍ୟୁବ୍ ଚ୍ୟାନେଲ୍ ରହିଛି । ତାଙ୍କ ରଚିତ ଅନେକ ଭଜନ କ୍ୟାସେଟ୍, ସିଡି ଓୟୁଟ୍ୟୁବ୍ ମାଧ୍ୟମରେ ବେଶ୍ ଲୋକପ୍ରିୟତା ହାସଲ୍ କରିଛି । ଏହାଛଡା ମୟୂରଭଞ୍ଜର କଳା ସଂସ୍କୃତି ଉପରେ ବହୁ ଗବେଷଣା ସମ୍ପର୍କିତ ପ୍ରବନ୍ଧ ରଚନା କରିଛନ୍ତି । ତାଙ୍କ ରଚିତ ଗୀତିକବିତା ସଂକଳନ "ଶାଳଫୁଲର ମହକ ପ୍ରକାଶ ଅପେକ୍ଷାରେ । ଏହାବ୍ୟତୀତ୍ ତାଙ୍କର କେତୋଟି ଆଧୁନିକ ଓ ଆଧାତ୍ମିକ କବିତା ପୁସ୍ତକ ଓ ଉପନ୍ୟାସ ମଧ୍ୟ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ।

# ପଦ୍ମିନୀ କେୟାରରେ ଜାତୀୟ ଚିକିତ୍ସକ ଦିବସ

କଟକ, (ସ୍ୱପ୍ର): ପଦ୍ମିନୀ କେୟାର ହସ୍‌ପିଟାଲ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଓ ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ଅବସରରେ ଏକ ସୁସ୍ଥ ଓ ନିରାମୟ ସମାଜ ଗଠନରେ ଚିକିତ୍ସକମାନଙ୍କର ଅତୁଳନୀୟ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଡ୍ରିମ୍‌ସର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ପଦ୍ମିନୀ କେୟାର ହସ୍‌ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଡା.ଦୀପକ କୁମାର ସ୍ୱାଇଁ, ଡା. ସନ୍ତୋଷ କୁମାର ମହାନ୍ତି, ଡା. ଅଶାରାମ ପଣ୍ଡା, ଡା. ବିପ୍ଳବୀ ସାରଙ୍ଗଧର ଦାସ, ଡା. ସୁଜିତ୍ କୁମାର ନନ୍ଦ, ଡା. ସ୍ୱସ୍ତିକ୍ ଆଚାର୍ଯ୍ୟ, ଡା. ବିଷ୍ଣୁ ପ୍ରସାଦ ରଥ, ଡା. ଅଂଶୁମାନ ମହାପାତ୍ର, ଡା. ସୁଶାନ୍ତ ଶତପଥି, ଡା. ବିନୟ ଜୟସ୍ୱାଲ, ଡା. ମୋନାଲି ପଟ୍ଟନାୟକ, ଡା. ଶିଳ୍ପା ମିଶ୍ର, ଡା. ଦୀପ୍ତିମୟୀ ସାହୁ ଡା. ସୋର୍ୟମ୍ୟା ସୁଚରିତା ପଣ୍ଡା, ଡା ଅସ୍ମିତା ରାୟଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଓ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ତଥା ଖ୍ୟାତନାମା ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ଦିନରେ ଡାକ୍ତରଙ୍କ ତ୍ୟାଗ ଓ ସମର୍ପିତ ଭାବନାକୁ ସମ୍ମାନ ଜଣାଇ କେକ୍ କଟାଯାଇଥିଲା । ଏଥିସହିତ ଏକ ଆଲୋଚନା ଚକ୍ର ପଦ୍ମିନୀ ଅଡିଟୋରିୟମ୍ ରେ ଅନୁଷ୍ଠିତ ହୋଇଥିଲା । ଶୁଭେନ୍ଦୁ ସିଂ ଓ ଶିବ ରାମ ସୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ

କୁଆଖିଆ,(ସବ୍ୟୁ) : ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ମାର୍ଟ ଏନର୍ଜି, ସୁରକ୍ଷିତ ରାଷ୍ଟ୍ର ଶୀର୍ଷକ ଉପରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ -୨୦୨୫ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ନେହମୟୀ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଅଛି । ଏଥିରେ ମୁଖ୍ୟଅତିଥି ଭାବେ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର କମ୍ ଡେପୁଟି ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ସୋନାଲି ଶ୍ୱେତପଦ୍ମା ଯୋଗଦେଇ, ବିଦ୍ୟୁତ ଶକ୍ତି ସଞ୍ଚୟ ଏବଂ ସଦୁପଯୋଗ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ଆସିଷ୍ଟାଣ୍ଟ ଏକ୍ଜିକ୍ୟୁଟିଭ ଇଂଜିନିୟର କମ୍ ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ସମୀକ୍ଷା ମହାପାତ୍ର, ଟିଏ ବିରେନ୍ଦ୍ର କୁମାର ରାଉ, ଟି ଏ ରାମଚନ୍ଦ୍ର ସାହୁ ସ୍ମାର୍ଟ ବୋର୍ଡ଼ ମାଧ୍ୟମରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଶକ୍ତି କ୍ଲବ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟୁତ ଆଘାତ ଜନିତ ଦୁର୍ଘଟଣା ଏବଂ ବଜ୍ରପାତ ଉପରେ ସଚେତନ କରାଇଥିଲେ । ବୈଠକରେ ସହକାରୀ ଶିକ୍ଷକ ଅବିନାଶ ଆଇଚ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶକ୍ତି କ୍ଲବ ତତ୍ତ୍ୱାବଧାରକ ତଥା ବିଜ୍ଞାନ ଶିକ୍ଷକ ବିଷ୍ଣୁ ଚରଣ ସାହୁ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ସମସ୍ତ କୁ ଶପଥ ପାଠ କରାଯାଇ ପିଲାମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ କରାଯାଇଛି । ଶ୍ରେଷ୍ଠ ତିନିଜଣ ଆୟୁଷ ସାହାଣୀ, ବିଶ୍ୱପ୍ରକାଶ ଓଝା ଏବଂ ଅଭିଲିଶା ରଥ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଅଭିଭାବକ ମାନଙ୍କୁ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଥିବା ପ୍ରଚାର ପତ୍ରିକା ବଣ୍ଟନ କରାଯାଇଅଛି । ପରିଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ପଙ୍କଜିନି ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷକ ରମେଶଚନ୍ଦ୍ର ଗୁରୁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ର, ଶିଳ୍ପଲତା ସାହୁ, ଶୁଭରେଖା ପ୍ରଧାନ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ପୁଳାପୁଳା ବାଲିଗଦା

# ପଲେଇରେ ଖଣି ବିଭାଗ ଓ ତହସିଲ ପକ୍ଷରୁ ବାଲିଗଦା ଜବତ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଅଂଚଳ ଦୁଇ ପଟରେ ଦୁଇଟି ଚିରସ୍ରୋତା ନଦୀ ଲୁଣା ଓ ବିରୁପା ବହି ଯାଇଛି । ଏହି ଦୁଇଟି ନଦୀରେ ପ୍ରଚୁର ପରିମାଣରେ ମଧୁର ବାଲି ମିଳିଥାଏ । ପୂର୍ବରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଏହି ଦୁଇଟି ନଦୀର ବିଭିନ୍ନ ବାଲି ସୈରାତକୁ ତହସିଲ ପ୍ରଶାସନ ନିଲାମ କରୁଥିଲା । ହେଲେ ଏବେ ନିଲାମ ପ୍ରକ୍ରିୟା ଖଣି ବିଭାଗ ଅଧୀନକୁ ଗଲାପରେ ଏବେ ଜିଲ୍ଲାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଏହି ଦୁଇଟି ନଦୀର ବାଲି ସୈରାତ ଗୁଡ଼ିକ ନିଲାମ ନହୋଇ ପାରିବା ଫଳରେ ଚୋରା ବାଲି ମାଫିଆମାନେ ଏହାର ସୁଯୋଗ ନେଉଛନ୍ତି ।

ଲୁଚା ଚୋରାରେ ପୁଲିସ୍, ଖଣି ବିଭାଗ ଓ ତହସିଲ ପ୍ରଶାସନର ଆଖିରେ ଧୂଳି ଦେଇ ଏହି ଦୁଇଟି ନଦୀର ବିଭିନ୍ନ ଘାଟରୁ ବାଲି ଉଠାଇ ଲୋକମାନଙ୍କୁ ବିକ୍ରି କରି ମଲେମାଲ ହେଉଛନ୍ତି । ଏହି ବାଲି ବେପାରୀମାନେ ରାତାରାତି ବଡ଼ବଡ଼ ହାଇୱାରେ ବାଲି ଆଣି ବିଭିନ୍ନ ସରକାର ସ୍ଥାନରେ ଗଦା କରି ବେଧଡ଼କ ଭବେ ବେପାର କରୁଛନ୍ତି । ଆଜି ଏପରି ଘଟଣା ଦେଖିବାକୁ ମିଳିଛି ଡେରାବିଶ



ବ୍ଲକ ପଲେଇ ପଂଚାୟତ ଅନ୍ତର୍ଗତ କମାରଶାଳ ଛକ ନିକଟରେ । ଏହି ଛକରେ କେହି ବ୍ୟକ୍ତି ଗତକାଲି ରାତିରେ ପ୍ରାୟ ୧୦ରୁ ହାଇୱାରେ ବାଲି ଆଣି ଏଠାରେ ଜମା କରି ଟ୍ରାକ୍ଟର ମାଧମରେ ବିକ୍ରି କରୁଥିଲେ । ଏ ସମ୍ପର୍କରେ ସ୍ଥାନୀୟ କେହି ବ୍ୟକ୍ତି ଖଣି ଅଧିକାରୀ ଓ ତହସିଲ ପ୍ରଶାସନକୁ ଅବଗତ କରିଥିଲେ । ଘଟଣା ସ୍ଥଳରେ ଖଣି ଅଧିକାରୀ, ଡେରାବିଶ ତହସିଲଦାର ସରୋଜ କୁମାର ନାୟକ, ପୋଲିସ ଟିମ୍ ସହ ସଦଳବଳେ ପହଂଚି ବାଲି ଉପରେ ନାଲି ପତାକା ମାରିବା ସହ ଜବତ କରିଥିଲେ । ଏ ସମ୍ପର୍କରେ ଖଣି ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ ଆମେ ଏହି ବାଲିକୁ ଜବତ କରିଛୁ । ଶୁଣିଲୁ କୌଣସି ଜଣେ ଠିକାଦାର ଏଠାରେ ତାଙ୍କ ନିର୍ମାଣ କାର୍ଯ୍ୟ ପାଇଁ ବାଲି ଠୁଳ କରିଛନ୍ତି । ଆମେ ତାଙ୍କୁ କହିଛୁ ସେ ଏଠାରେ ଗଦା କରିଥିବା ବାଲିର ଉପଯୁକ୍ତ କାଗଜପତ୍ର ଏବଂ ଏହି ବାଲିରେ ନିର୍ମାଣ କାର୍ଯ୍ୟ ହେବାକୁଥିବା ସଂସ୍ଥାର ଅଧିକାରୀଙ୍କ ଲିଖିତ ଆଦେଶ ଦେବାକୁ । ଯଦି ସେ ସଠିକ କାଗଜାତ ଦେଖାଇ ନପାରନ୍ତି ତାହେଲେ ଏହି ବାଲିକୁ ନିଲାମ କରିଦିଆଯିବ । ହେଲେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପଲେଇ ପଂଚାୟତରେ ଏବେ କୌଣସି ସରକାରୀ କାର୍ଯ୍ୟ ହେଉନାହିଁ । ଯଦି ଆମ ପଂଚାୟତରେ କୌଣସି ସରକାରୀ କାର୍ଯ୍ୟ ହେଉନାହିଁ ତେବେ ଠିକାଦାର ଜଣକ ଅନ୍ୟ ପଂଚାୟତରେ ହେଉଥିବା କାର୍ଯ୍ୟ ପାଇଁ ଆମ ପଂଚାୟତରେ କାହିଁକି ସର୍ବସାଧାରଣ ରାସ୍ତା ଉପରେ ବାଲି ଜମା କରି ଗ୍ରାମ ରାସ୍ତା ଅବରୋଧ କରିଛନ୍ତି ? ଏହି ଘଟଣା କେବଳ ପଲେଇ ପଂଚାୟତରେ ନୁହେଁ ଡେରାବିଶ ବ୍ଲକ ଅଂଚଳର ସଂମସ୍ତ ପଂଚାୟତର ମୁଖ୍ୟ ରାସ୍ତା କଡ଼ରେ ଏହଭଳି ବାଲି ଗଦା ମାନ ଦେଖିବାକୁ ମିଳୁଛି । ଯାହାକୁକି କିଛି ମୁନାଫା ଖୋର ବାଲି ବେପାରୀ ଗ୍ରାମର ରାସ୍ତା ଓ ସରକାରୀ ରାସ୍ତା ଅବରୋଧ କରି ସେମାନଙ୍କ ବେପାର ଜମାଉଛନ୍ତି । ଅଜି ଖଣି ଅଧିକାରୀଙ୍କୁ ବାରିମୂଳ ପଂଚାୟତ ଅନ୍ତର୍ଗତ କେନ୍ଦ୍ରୀୟ ବିଦ୍ୟାଳୟ ବିଦ୍ୟାଳୟ ନିକଟରେ କେନ୍ଦ୍ରାପଡ଼ା – ଇନ୍ଦୁପୁର ରାସ୍ତା କଡ଼ରେ ଗଦା ହୋଇଥିବା ବାଲି ଗଦା ସମ୍ପର୍କରେ ପଚାରିବାରୁ ତାହା ଉପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଛୋଟି-ଇନ୍ଦୁପୁର ବିରୁପା ନଦୀବନ୍ଧ ରାସ୍ତାରେ ବିରାଟ ଗର୍ତ୍ତ

ଡେରାବିଶ,(ସବ୍ୟୁ) :ଡେରାବିଶ ବ୍ଲକ ଚୌକି ପଂଚାୟତ ଅନ୍ତର୍ଗତ ବିରୁପା ନଦୀ ବନ୍ଧ ରାସ୍ତାରେ ଛୋଟି ଠାରେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ଏହି ନଦୀ ବନ୍ଧ ରାସ୍ତାଟି ଛୋଟି ଠାରୁ ଇନ୍ଦୁପୁର ପର୍ଯ୍ୟନ୍ତ ଯାଇଥିବା ବେଳେ ଦୈନିକ ଶହଶହ ବାଇକ୍, ଚାରିଚକିଆ ଯାନ ଚଳଚଳ କରିଥାଏ । ଜନିତ ଲଘୁଚାପ ଜନିତ ବର୍ଷାରେ ନଦୀବନ୍ଧର ଏହି ସ୍ଥାନରେ ବନ୍ଧରୁ ବର୍ଷା ପାଣି ଗଡ଼ି ଏଭଳି ଗର୍ତ୍ତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି । ତେବେ ଏହି ଗର୍ତ୍ତ ନଦୀବନ୍ଧ ରାସ୍ତା ଉପରେ ହୋଇଥିବା ବେଳେ ଏହା ଗଭୀରତା ପାଖାପାଖି ୨ରୁ ଅଢ଼େଇ ମିଟର ହୋଇଥିବା ବେଳେ ପ୍ରସ୍ଥ ପାଖାପାଖି ୧ ମିଟର ରହିଛି ।

ଯଦି କୌଣସି ବାଇକ୍ ଆରୋହୀ କିମ୍ବା ଚାରିଚକିଆ ଚାଳକ ସାମାନ୍ୟ ଅସାବଧାନ ହୁଅନ୍ତି ତେବେ ସେମାନଙ୍କ ଗାଡ଼ି ଏହି ଖାଲରେ ପଡ଼ି ଦୁର୍ଘଟଣା ଗ୍ରସ୍ତ ହେବା ସହିତ ନଦୀବନ୍ଧ ଭୁସୁଡ଼ିଯିବାର ସମ୍ଭାବନା ସୃଷ୍ଟି ହୋଇଛି । ଏହି ଖାଲ ହେବା ଫଳରେ ନଦୀ ବନ୍ଧ ରାସ୍ତା ଦୁର୍ବଳ ହୋଇପଡୁଛି । ତେଣୁ ଜଳସେଚନ ବିଭାଗ ପକ୍ଷରୁ ତୁରନ୍ତ ଏହି ବଡ଼ ଗାତଟିକୁ ମରାମତି କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ରାଜନଗର ପଞ୍ଚାୟତ ସମିତି ବୈଠକ

ରାଜନଗର,(ସବ୍ୟୁ) : ରାଜନଗର ପଞ୍ଚାୟତ ସମିତି ବୈଠକ ସରଗରମ ଆଲୋଚନା ମଧ୍ୟରେ ଶେଷ ହୋଇଛି । ବର୍ଷେ ହେଲା ରାଜନଗରରେ ଉନ୍ନୟନ କାମ ଠପ ହୋଇପଡ଼ିଥିବାରୁ ସରପଞ୍ଚ ଓ ସମିତି ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ । ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି ବର୍ଷେ ହେଲା କୌଣସି ଉନ୍ନୟନ କାମ ହୋଇପାରୁନାହିଁ , ଏଥିପାଇଁ ଦାୟୀ କିଏ ବୋଲି କହିଥିଲେ । ଅନ୍ୟ ସଭ୍ୟ, ସରପଞ୍ଚମାନେ ଏହାକୁ ସମର୍ଥନ କରିଥିଲେ । ବିଡିଓ ଅନିରୁଦ୍ଧ ବେହେରା ଏଥିରେ ହସ୍ତକ୍ଷେପ କରି ବାରମ୍ବାର ବିଡିଓ ପରିବର୍ତ୍ତନ ହେବା , ଉନ୍ନୟନ ବିଭାଗରେ କିରାଣୀ ନଥିବାରୁ ଠିକ ସମୟରେ ଫାଇଲ ଖୋଲା ହୋଇ ପାରୁନି କି ବିଲ ହୋଇ ପାରୁନି । ବୈଠକରେ ସରଗରମ ଆଲୋଚନା ପରେ ବିଡିଓ ଉନ୍ନୟନ ବିଭାଗ କିରାଣୀ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଚିଠି ଲେଖିବେ , ଜେଇମାନଙ୍କୁ ବିଡିଓ ତାଗିଦ କରିବା ସହିତ ୧ ମାସ ଭିତରେ ସମସ୍ତ ଫାଇଲ ଖୋଲାହେବ , କାମର ବିଲ ଠିକ ସମୟରେ ହେବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ ।

ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ସମସ୍ତେ ରାଜନଗର ବ୍ଲକରେ ଉନ୍ନୟନ ମୂଳକ କାମ କିପରି ହେବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କ୍ୟାମ୍ପସ ମଧ୍ୟରେ ମେଡ଼ିସିନ ଷ୍ଟୋର ଥିବାରୁ ୫ କୋଟି ଟଙ୍କାର ବିଲଡିଙ୍ଗ ହୋଇପାରୁନି ବୋଲି ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀ ରଞ୍ଜନ ମହାନ୍ତି କହ ଏହାର ସମାଧାନ ପାଇଁ କହିଥିଲେ । ବୈଠକରେ ଜିଲ୍ଲାପରିଷଦ ସଦସ୍ୟା ଖୁକୁମୀନା କୁଆଁର, ସାଂସଦଙ୍କ ପ୍ରତିନିଧି ଭାବେ ପୂର୍ବତନ ସମିତି ସଭ୍ୟ ସନ୍ତୋଷ କୁମାର ମହାନ୍ତି , ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ , ୩୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଖୁକୁମୀନା କୁଆଁର , ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ନାୟକ,ଜିପିଓ ଧର୍ମେନ୍ଦ୍ର ଦାଶଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପାଗା ବଜାରରେ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ

ସାଲେପୁର,(ସବ୍ୟୁ) :ମଧୁସୂଦନ ବଜାର କମିଟି ଓ ରୋଟାରୀ କ୍ଲବ ମିଳିତ ଆନୁକୁଲ୍ୟରେ ମଧୁବଜାର ପାଗା ଛକ ଠାରେ ସର୍ବସାଧାରଣଙ୍କ ତୃଷା ନିବାରଣାର୍ଥେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉନ୍ମୋଚନ କରାଯାଇଥିବା ଜଣାପଡିଛି । ମଧୁବାଜର କମିଟିର ସମ୍ପାଦକ ସୁନାକର ବରାଳଙ୍କ ପୌରହିତ୍ୟରେ ରୋଟାରୀ କ୍ଲବର ପୂର୍ବତନ ସଭାପତି ଡ଼ ଶୁବାଶିନୀ ଲେଙ୍କା ନାଲି ଫିତା କାଟି ଉନ୍ମୋଚନ କରିଥିଲେ ।



ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ କ୍ଲବର ବର୍ତ୍ତମାନର ସଭାପତି ସୁଜାତା ପ୍ରିୟଦର୍ଶିନୀ , ସାମ୍ବାଦିକ ପ୍ରଦୀପ ପରିଡା, ରୋଟରୀୟନ୍ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ , ଇଂ ଶୁନେଶ୍ୱର ସ୍ୱାଇଁ, ଶଶୀ ଶେଖର ସାମଲ, ଶୁଜିତାବ ଶତପଥୀ, ଅତୋଷି କରମାକର, ଇଂ ପ୍ରଶାନ୍ତ ମହାନ୍ତି, ସଞ୍ଜିବ ଶତପଥୀ, ପରମାନନ୍ଦ ମୁଦୁଲିଏବଂ ବଜାରର ପ୍ରମୁଖ ଉଦ୍ୟୋକ୍ତା ଉପସଭାପତି ମାୟାଧର ଦଲାଲ, , ସୁରେନ୍ଦ୍ର ସ୍ୱାଇଁ, ଭାଗ୍ୟଧର ଷଣ୍ଢ, ଜିବନାନନ୍ଦ ବେହେରା, କାହ୍ନୁ ଗାହାଣ,ରମେଶ ଘଡ଼େଇ, ମୃତ୍ୟୁଜୟ ଦଲାଲ, ସେକ ଅଫସର,ବାବୁଲି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ତହସିଲ କାର୍ଯ୍ୟାଳୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ପାଲଟିଛି । ଏହି କାର୍ଯ୍ୟାଳୟରେ ପରିସ୍ରା ଓ ଝାଡ଼ା ପାଇଁ ୨ଗୋଟି ପାଇଖାନା ରହିଥିବା ବେଳେ ଏହାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି ।

ଏହି ଦୁଇ ଗୋଟି ପାଇଖାନାକୁ ଭଲଭାବରେ ସଫାସୁତୁରା କରାନଯିବାରୁ ଏଥିରୁ ବାହାରୁଥିବା ଦୁର୍ଗନ୍ଧରେ ନାକ ଫାଟିପଡୁଛି । ଗ୍ରାଉଣ୍ଡ ଫ୍ଲୋରରେ ଥିବା ପାଇଖାନାର ମୁଖ୍ୟ ଦ୍ୱାର କବାଟ ନଥିବା ବେଳେ ଏହା ଭିତରେ ବିଭିନ୍ନ ରଙ୍ଗ ଡ଼ବା ଓ ଅନାବନା ଜିନିଷପତ୍ର ରହିଥିବାର ଦେଖାଯାଇଛି । ପ୍ରଥମ ମହଲାର ପାଇଖାନାକୁ ସଫାସୁତୁରା କରାନଯିବା ସହିତ ଏଥିରେ ଫିନାଇଲ ତଥା ବିଭିନ୍ନ ବିଶୋଧନ ଦ୍ରବ୍ୟ ବ୍ୟବହାର କରାଯାଉନଥିବାରୁ ଏଥିରୁ ଦୁର୍ଗନ୍ଧ ବାହାରୁଛି । ଏହି ଦୁର୍ଗନ୍ଧମୟ ପରିବେଶ ମଧ୍ୟରେ କାର୍ଯ୍ୟାଳୟର କର୍ମଚାରୀ ଓ ଅଧିକାରୀ ମାନେ ବସି କାର୍ଯ୍ୟ କରୁଥିବାବେଳେ ସେମାନଙ୍କର ମଧ୍ୟ କୌଣସି ପ୍ରତିକ୍ରିୟା ଦେଖାଯାଉନାହିଁ । ବିଭିନ୍ନ କାର୍ଯ୍ୟରେ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଏହୁ ଦୁଗନ୍ଧମୟ ପରିବେଶ ମଧ୍ୟରେ ଅଣନିଶ୍ୱାସୀ ହୋଇପଡୁଛନ୍ତି । ଅଳ୍ପ ଦିନ ଏହି ତହସିଲ କାର୍ଯ୍ୟାଳୟର ଗୃହକୁ ରଙ୍ଗ କରାଯାଇ ଅବ୍ୟବହୃତ ଗୃହକୁ ସଜଡ଼ାଯିବା ଏବଂ ଭାଙ୍ଗି ଯାଇଥିବା ଝରକା କବାଟ ଓ ଚଟାଣ ଆଦିକୁ ମରାମତି କାର୍ଯ୍ୟ କରାଯାଇଥିଲା ବେଳେ ପାଇଖାନାଟି ଏଭଳି ଦହନୀୟ ଅବସ୍ଥାରେ ପଡ଼ିରହିଥିବାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଫଳରେ ଲୋକମାନେ ବାହାରେ ପରିସ୍ରା କରୁଥିବା ଓ ମହିଳା ମାନେ ପରିସ୍ରା ପାଇଁ ହଇରାଣ ହରକତ ହେଉଥିବା ଦେଖାଯାଇଛି । ଏହାଛଡ଼ା କାର୍ଯ୍ୟାଳୟରେ ଲୋକମାନଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା ମଧ୍ୟ ସଠିକ୍ ଭାବେ ନଥିବା ଅଭିଯୋଗ ହେଉଛି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ଚାଷ ଜମିରୁ ଦୀର୍ଘଦିନର ଜବରଦଖଲ ଉଚ୍ଛେଦ

ମହାକାଳପଡ଼ା, (ସବ୍ୟୁ ): ମହାକାଳପଡ଼ା ତହସିଲ ଅଧୀନ ପେଟଛେଲା ରାଜସ୍ୱ ସର୍କଲ ଓ ମହାକାଳପଡ଼ା ଥାନାଞ୍ଚଳ ମୌଜା –ବାଟକୁଳି ରେ ପ୍ରାୟତଃ ୨୩ଏକର ଚାଷ ଜମି କୁ ମଙ୍ଗଳପୁର ଅଞ୍ଚଳ ର ଲୋକେ ବଳପୂର୍ବକ ଦୀର୍ଘ ଦିନ ହେବ ଜବରଦଖଲ କରି ଚାଷ କରୁଥିଲେ । ବିଭିନ୍ନ ଅଞ୍ଚଳ ର ଚାଷୀ ଦୀର୍ଘ ଦିନ ଧରି ଭୋଗ ଦଖଲ ରୁ ବଂଚିତ ରହିବା ପରେ ମିଳିତ ଭାବେ ପ୍ରଶାସନିକ ସହଯୋଗ ରେ ଜବରଦଖଲ ଉଛେଦ ପାଇଁ ପ୍ରୟାସ କରିଥିଲେ । ଏପରିକି ସଭିଏଁ ମହାକାଳପଡ଼ା ତହସିଲଦାର ଙ୍କୁ ଜମି ଚିହ୍ନଟ କରି ଜବରଦଖଲ ମୁକ୍ତ ପାଇଁ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ସ୍ଥାନୀୟ ତହସିଲଦାର ଜମିଜମା ରେକର୍ଡ ତନଖିବା ସହିତ ଓ ପ୍ରଜା ଭାବେ ନିୟମିତ ରାଜସ୍ୱ ବିଭାଗୀୟ ଖଜଣା ପୈଠ କରିଆସୁଥିବାରୁ ସହଯୋଗ ର ହାତ ବଢ଼ାଇଥିଲେ । ରାଜସ୍ୱ ବିଭାଗୀୟ ଅଧିକାରୀ, ମହାକାଳପଡ଼ା ପୋଲିସ ପ୍ରଶାସନ ସଦଳବଳେ ସରଜମିନ ତଦନ୍ତ କରିବା ସହିତ ପ୍ରଜାଙ୍କ ନାମେ ରେକର୍ଡଭୁକ୍ତ ଖତିୟାନ ର ପ୍ଲଟ ଗୁଡିକ ଚିହ୍ନଟ କରିଥିଲେ । ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତି ରେ ଶାନ୍ତି ଶୃଙ୍ଖଳା ସହକାରେ ଜମି ଚିହ୍ନଟ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ଜବରଦଖଲକାରି ମାନେ ଜମି ଚିହ୍ନଟ ସମୟରେ କୌଣସି ବାଧା ବିଘ୍ନ ସୃଷ୍ଟି କରିପାରି ନଥିଲେ ।

# ଯକୃତ ରୋଗରେ ପୀଡିତ ଛାତ୍ରଙ୍କୁ
# କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟିର ସହାୟତା



କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା କ୍ରେଡିଟ କୋ ଅପରେଟିଭ ସୋସାଇଟ୍ ତରଫରୁ ବାପା ଛେଉଣ୍ଡ ସ୍ୱର୍ଗତ ମମତାଜ ଖାନଙ୍କ ପୁତ୍ର ଅଷ୍ଟମ ଶ୍ରେଣୀର ଛାତ୍ର ଅସଲାମ ଖାନଙ୍କୁ ଚିକିତ୍ସା ପାଇଁ ସାହାଯ୍ୟ ପ୍ରଦାନ କରାଯାଇଛି । ଛାତ୍ରଟିର ଦୁଇଟି ଯାକ କିଡନୀ ଖରାପ ଥିବାରୁ ସପ୍ତାହରେ ୩ଥର ଡାଇଲିସିସ୍ କରିବାକୁ ପଡେ । ତାଙ୍କ ପରିବାର ରେ କୌଣସି ରୋଜଗାର କରିବାର ବାଟ ନଥିବାରୁ ଖବର ପାଇ ସୋସାଇଟ୍ ତରଫରୁ ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ବଡଚଣା ବ୍ଲକ ସ୍ଥିତ ଅଳତି ଭରତପୁର ପଂଚାୟତ ର ପଣସଦା ଗ୍ରାମକୁ ଯାଇ ତାଙ୍କୁ ୧୦ ହଜାର ଟଙ୍କା ସାହାଯ୍ୟ ପ୍ରଦାନ କରିବା ସହିତ ତାଙ୍କ ମା ରଇସା ବିବିଙ୍କୁ ପ୍ରତ୍ୟେକ ମାସକୁ ତାଙ୍କ ପରିବାର ଚଳାଇବା ପାଇଁ ସହାୟତା ପ୍ରଦାନ କରିବାକୁ ଶ୍ରୀ ସାହୁ ପ୍ରତିଶୃତି ଦେଇଛନ୍ତି । ଏହି ଆର୍ଥିକ ସହାୟତା ପ୍ରଦାନ ସମୟରେ ବାଲିଚନ୍ଦ୍ରପୁର ଶାଖା ପରିଚାଳିକା ସନ୍ତୋଷୀ ସାମଲ, ଜମା ସଂଗ୍ରହକାରୀ ଏଜେଣ୍ଟ ରଂଜିତ ଦାସ, ଦେବେନ୍ଦ୍ର ପରମାଣିକ, ରାକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# କବି ସୁରେଶ ପ୍ରଧାନଙ୍କୁ ଭାରତ ଗୌରବ ରତ୍ନ ସମ୍ମାନ



କୁଜଙ୍ଗ , (ସବ୍ୟୁ) : ନୂଆଦିଲ୍ଲୀର ବିଶ୍ୱ ସଂସ୍କୃତି ଓ ପର୍ଯ୍ୟାବରଣ ସଂରକ୍ଷଣ ଆୟୋଗଙ୍କ ଦ୍ୱାରା ଆୟୋଜିତ ଜାତୀୟ ସେମିନାର ରେ କୁଜଙ୍ଗ ଅଞ୍ଚଳ ର ବିଶିଷ୍ଟ କବି ଓ ସୁସାହିତ୍ୟିକ ଡ଼. ସୁରେଶ କୁମାର ପ୍ରଧାନଙ୍କୁ ଭାରତ ଗୌରବ ରତ୍ନ ସମ୍ମାନ ରେ ନୂଆଦିଲ୍ଲୀ ଠାରେ ସମ୍ମାନିତ କରାଯାଇଛି । ଗତ ୨୮ ତାରିଖ ଦିନ ଆୟୋଜିତ ଏକ ସାରସ୍ୱତ ଉତ୍ସବରେ ସଂସ୍ଥାର ନିର୍ଦ୍ଦେଶକ ଡ଼. ଶୁଭମ୍ କୁମାରଙ୍କ ସହିତ କମାଣ୍ଡର ବିଜୟ ଶଙ୍କର ବାଓ୍ୱେଲା, କର୍ଣ୍ଣେଲ ଅଶୋକ କୌଲ , କର୍ଣ୍ଣେଲ ବେଦପ୍ରକାଶ ଭାର୍ଗବ, କ୍ୟାପଟେନ ସୁରେଶ କୁମାର, ଅଯୋଧ୍ୟା ବିଶ୍ ହିନ୍ଦୁ ପରିଷଦର ସ୍ୱାମୀ କ୍ରିଷ୍ଣାଚରଣାନନ୍ଦ ଙ୍କ ସହିତ ରାଜ୍ୟସଭା ସଦସ୍ୟା ସ୍ୱାତୀ ମାଲିଓ୍ୱାଲ୍, ବଲିଉଡ୍ ଅଭିନେତା ବିନ୍ଦୁ ଦାରା ସିଂହ, ବୀରଚକ୍ର ବିଜେତା ତେଜେନ୍ଦ୍ର ପାଲ, ଡ଼. ରାକେଶ ରଞ୍ଜନ ଓ ଡ଼. ସପ୍ତର୍ଷି ବୋଷ ପ୍ରମୁଖ ଉପସ୍ଥିତ ଥିଲେ । ଡ଼. ସୁରେଶ ପ୍ରଧାନଙ୍କ ଏହି କୃତିତ୍ୱ ପାଇଁ କୁଜଙ୍ଗ ପାରାଦ୍ୱୀପ ଓ ରାଜ୍ୟର ବହୁ ସାହିତ୍ୟିକ ,କବି ,ନାଟ୍ୟକାର ତଥା ବୁଦ୍ଧିଜୀବୀ ମାନେ ଶୁଭେଚ୍ଛା ଜ୍ଞାପନ କରିବା ସହ ସାଧୁବାଦ୍ ଜଣାଇଛନ୍ତିଛ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଡ଼. ସୁରେଶ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି ।

# ବଳଦେବଜୀଉ ମହାପ୍ରଭୁଙ୍କ ପୀଠରେ ହେରା ପଞ୍ଚମୀ

ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁର ଜିଲ୍ଲା ରେ ପ୍ରସିଦ୍ଧି ଲାଭ କରିଥିବା ସିଦ୍ଧଳ ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ହେରା ପଞ୍ଚମୀ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ମା ଲକ୍ଷ୍ମୀ ଶ୍ରୀ ମନ୍ଦିରରୁ ସୁସଜିତ ପାଲିଙ୍କି ରେ ଏକ ଶୋଭାଯାତ୍ରାରେ ବଡଦାଣ୍ଡରୁ ଶ୍ରୀ ଗୁଣ୍ଡିଚା ମନ୍ଦିର ଯାଇଥିଲେ । ସେଠାରେ ମହାପ୍ରଭୁ ଙ୍କ ଉପରେ କ୍ରୋଧନ୍ୱିତ ହୋଇ ରଥ ଭାଙ୍ଗି ଶ୍ରୀ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବା ପରେ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସାଂସ୍କୃତିକ ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଜେ ସୋନାଲ ପ୍ରଦୀପ ପ୍ରଜ୍ୱଳନ କରି ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।

# ଜାରକା ରୋଟାରୀ ଓ ଇନରହ୍ୱିଲ କ୍ଲବରେ ଜାତୀୟ ଡାକ୍ତର ଦିବସ ପାଳିତ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଜାରକା ରୋଟାରୀ ଓ ଇନର ହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଜାତୀୟ ଡାକ୍ତର ଦିବସ ଗତକାଲି ପାଳିତ ହୋଇଯାଇଛି । ରୋଟାରୀ କ୍ଲବର ନବ ନିର୍ବାଚିତ ସଭାପତି ଇଂ ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜାରକାସ୍ଥିତ ରୋଟାରୀ କ୍ଲବ କାଯ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଶତପଥୀ ଅତିଥି ଭାବେ ଯୋଗଦେଇ ସମାଜକୁ ଡାକ୍ତର ମାନଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଡା.ସୁଧୀର କୁମାର ସାହୁ, ଡା.ମାନସ ରଞ୍ଜନ ସ୍ୱାଇଁ, ଡା. ବିଶ୍ୱରଞ୍ଜନ କର, ଡା. ପ୍ରିୟବ୍ରତ ପଣ୍ଡା, ଡା. ବିଦ୍ୟାଧର ପାତ୍ର, ଡା. ଦେବପ୍ରିୟ ଷଡଙ୍ଗୀ, ଡା. ଅଜିତ କୁମାର ସାମଲଙ୍କ ସମେତ ଚାଟାର୍ଡ ଆକାଉଣ୍ଟାଣ୍ଟ ମହାମାୟା ପ୍ରତାପ ସ୍ୱାଇଁ ପ୍ରମୁଖଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ରୋଟାରି କ୍ଲବ ସମ୍ପାଦକ ଦୀପକ କୁମାର ଜେନା ସୂଚନା ପ୍ରଦାନ କରିଥିବା ବେଳେ ଇନରହୁଇଲ କ୍ଲବ ର ସଭାପତି ଲୋପାମୁଦ୍ରା ଷେଣ୍ଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମିନତୀ ସାହୁ, ମାଧୁରୀ ଶତପଥୀ, ଶକୁନ୍ତଳା ମହାନ୍ତି, ରଶ୍ମିତା ନାୟକ କଳ୍ପନା ପରିଡା, ଅଜନ୍ତା ପାଣିଗ୍ରାହୀ,ବିଶ୍ୱମିତ୍ରା ସାହୁ, କଳ୍ପନା ଖୁଂଟିଆ, ଶୁଭଲକ୍ଷ୍ମୀ କର,ଉପାସନା ଶତପଥୀ, ଅରୁଣାରଶ୍ମି ସାମଲ, ଅର୍ଚ୍ଚନା ସ୍ୱାଇଁ, ଗୋଲାପ ମଞ୍ଜରୀ ପଣ୍ଡା, କାଦମ୍ବିନୀ ମିଶ୍ର, ସରୋଜିନୀ ପଣ୍ଡା ଏବଂ ରୋଟାରି କ୍ଲବର ଆଇନଜୀବୀ ରାଜେନ୍ଦ୍ର ପଲେଇ, ଜୟପ୍ରକାଶ ତ୍ରିପାଠୀ, ପ୍ରଦୀପ୍ତ କୁମାର ବରାଳ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ବିନୋଦ କୁମାର ପରିଡା, ପ୍ରମୋଦ କୁମାର ସାମଲ, ଧରଣୀଧର ଦାଶ,ହରିହର ପଣ୍ଡା,ଅଜାମ୍ବର ସାହୁ,ତ୍ରିଲୋଚନ ବିଶ୍ୱାଳ, ଇନ୍ଦ୍ରମଣି ନାୟକ,ଦେବେନ୍ଦ୍ର ସାହୁ, ଚକ୍ରଧର ଲେଙ୍କା, ଯୁଧିଷ୍ଠିର ରାଉତ, ଆଇନଜୀବୀ ଆଲୋକ ଜେନା,ଜୟଗୁରୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ । ଇନରହୁଇଲ କ୍ଲବ ର ନବନିର୍ବାଚିତ ସମ୍ପାଦିକା ପ୍ରଭାତନଳିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବେଶ ଶୁଣାଣି ପରେ ଅମାନିଆ ଜଟିଆ ଷ୍ଟିଲ୍ !

ବ୍ୟାସନଗର (ଜିପ୍ର)/ଦାନଗଦି, (ସବ୍ୟୁ) : ଯାଜପୁର ଜିଲ୍ଲା ଜଖପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଟିଆ ଷ୍ଟିଲ ପକ୍ଷରୁ କିଛି ଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ଥିବା କିଛି ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ପ୍ରକିୟା ଆରମ୍ଭ କରିଥିଲେ । ମାତ୍ର ଏହି ପ୍ରକିୟାକୁ ପାଖାପାଖି ଦୁଇ ତିନି ମାସ ବିତିଯିବା ପରେ ମଧ୍ୟ କୌଣସି ନିଷ୍ପତି ହୋଇପାରୁନାହିଁ । ଯାହା କୁ ନେଇ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଓ ସାଧାରଣ ଲୋକଙ୍କ ଭରସା ଧିରେ ଧିରେ ଉଠିବା ପୂର୍ବରୁ ସଂପୃକ୍ତ ଯୁବକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କଲେ ଜଣାପଡ଼ିବ କି ଜଟିଆ ଷ୍ଟିଲ ପକ୍ଷରୁ ଦେଇଥିବା ପ୍ରତିଶ୍ରୁତି କିଛି ଅଂଶରେ ଶତ । କାରଣ ବିଶେଷ ସୂତ୍ରରୁ ପ୍ରକାଶ କି ଜଟିଆ ଷ୍ଟିଲ ପକ୍ଷରୁ ହୋଇଥିବା ବା ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକଙ୍କୁ ଦେଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହି ଜୀବ ଏଥି ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଛି । ଜଟିଆ ଷ୍ଟିଲରେ କାର୍ଯ୍ୟରତ ଶ୍ରମିକମାନଙ୍କୁ କୈଣସି ସରକାରୀ ସୁବିଧା ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ । ଏମିତି କି କାର୍ଯ୍ୟରତ ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଥିବା ବ୍ୟକ୍ତି ବିଶେଷଙ୍କ କୈଣସି ଗେଟ୍ ପାସ୍ ନାହିଁ କି ଠିକାଦାର ଙ୍କ ଲେବର ଲାଇସେନ୍ସ ନାହିଁ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି । ଠିକ୍ ସେହିପରି ଏହି ସବୁ ଘଟଣାକୁ ଦୃଷ୍ଟି ରେ ରଖି ଯାଜପୁର ଜିଲ୍ଲାର କିଛି ସରକାରୀ ଅଧିକାରୀଙ୍କ ସମ୍ପର୍କୀୟଙ୍କୁ ଜଟିଆ ଷ୍ଟିଲ ଚାକିରି ପ୍ରଦାନ କରିଛନ୍ତି । ତେଣୁ ଆଗକୁ ଦେଖିବାକୁ ବାକି ରହିଲା କି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ନା ଯଥା ପୂବଂ ତଥା ପରଂ ନୀତି ଅବଲମ୍ବନ କରୁଛନ୍ତି ।

ଗତ ୨୦୨୩ ମସିହା ଏପ୍ରିଲ ମାସ ୨୯ ତାରିଖରେ ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା ପ୍ରତିଶ୍ରୁତି କୁ ପାଣିର ଗାର ସଦୃଶ ଭୂଲି ଯିବା ପରେ ସ୍ଥାନୀୟ ଅଞ୍ଚଳର ଥିବା ଲୋକଙ୍କ ପାଇଁ ଫାଟକରେ ନୋଏଣ୍ଟ୍ରି ଲଗାଇ ନିୟମିତ ଶିଳ୍ପ ସଂସ୍ଥା ମଧ୍ୟରେ ବେଆଇନ କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି । ଲଘୁ ଖଣିଜ ବିଭାଗର ବିନା ଅନୁମତିରେ ମୋରମ ତାଡି ସମତଳ କରିବା ପରେ ବଞ୍ଚିତ ମୋରମ କ'ଣ ହେଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି । ନିଯୁକ୍ତି ପ୍ରଦାନ କରିବା, ପ୍ରଦୂଷଣ ନିୟନ୍ତ୍ରଣ କରିବା ନେଇ ପରିବେଶ ମଞ୍ଜୁରୀ ଜନଶୁଣାଣୀ ଶିବିରରେ ଦେଇଥିବା କଥାକୁ ଭୂଲି ଯାଉଛି ଜଟିଆ ଷ୍ଟିଲ । ଜଟିଆ ଷ୍ଟିଲର ମନମାନୀକୁ ବନ୍ଦ କରିବା ପାଇଁ ନୂତନ ସରକାରଙ୍କ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଗତ ୨୯.୦୪.୨୦୨୩ ରେ ପରିବେଶ ମଞ୍ଜୁରୀ ଜନଶୁଣାଣିରେ ମିଳିଥିବା ସୂଚନା ଅନୁଯାୟୀ ଜଟିଆ ଷ୍ଟିଲ ଜଖପୁରା ମଉଜାରୁ ୪୪ ଏକର ଜମରେ ନିଜର କାରଖାନା ସ୍ଥାପନ କରିବା ପାଇଁ ଆସିଥିବା ବେଳେ, ମୋଟ ପ୍ରକଳ୍ପର ମୁଲ୍ୟ ୨୨୦ କୋଟି ଟଙ୍କାର ହୋଇଥିବା ବେଳେ ୨୧୦ ଜଣ ନିଯୁକ୍ତି ପାଇବାର କାର୍ଯ୍ୟ ନିର୍ବାହୀ ସାରାଂଶ ରେ ସ୍ପଷ୍ଟୀକରଣ ରହିଛି । ମାତ୍ର କାର୍ଯ୍ୟ ଆରମ୍ଭ କରିବା ପରେ ସ୍ଥାନୀୟ ଅଞ୍ଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିନଥିବା ସହିତ ସ୍ଥାନୀୟ ଅଞ୍ଚଳରେ ଥିବା ଯୁବକ ଯୁବତୀ ମାନଙ୍କୁ ଅଣଦେଖା କରି ବାହାରୁ ନିଯୁକ୍ତି ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି । ତାହା ସହିତ ପରିବେଶ ମଞ୍ଜୁରୀ ଜନଶୁଣାଣୀ ରେ ମୋଟ ଜମିର୩୦% ଜମି ରେ ଜଙ୍ଗଲ ସୃଷ୍ଟି କରିବା ପାଇଁ କହିଥିବା ବେଳେ ବର୍ତ୍ତମାନ ସୁଧା ସେପରି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଯାହା ଫଳରେ ସାଧାରଣ ଲୋକଙ୍କ ଜୀବନ ପ୍ରତି ବିପଦାପନ୍ନ ଆଡକୁ ଗତି କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବଡ଼ଦାଣ୍ଡରେ କେନ୍ଦ୍ରାପଡ଼ା ସାମାଜିକ ଅନୁଷ୍ଠାନର ଖାଦ୍ୟ ଶିବିର

କେନ୍ଦ୍ରାପଡ଼ା, (ସ୍ୱପ୍ର) : ପବିତ୍ର ଶ୍ରୀଗୁଣ୍ଡିଚା ଉପଲକ୍ଷେ ପୁରୀ ବଡଦାଣ୍ଡ ରେ ଭକ୍ତ ଙ୍କ ଉଦେଶ୍ୟ ରେ ରନ୍ଧା ଖାଦ୍ୟ ବଣ୍ଟନ ସେବା ଶିବିର ଦି ଗ୍ରେଟ ଓଡିଶା ସାମାଜିକ ଅନୁଷ୍ଠାନ, ଶ୍ରୀକ୍ଷେତ୍ର ସତ୍ୟ ସେବା ମଣ୍ଡଳ ଓ କପାଳେଶ୍ୱର ଗ୍ରାମ ପଞ୍ଚାୟତ ମିଳିତ



ଆନୁକୂଲ୍ୟରେ ଗୋଏଙ୍କା ଧର୍ମଶାଳା ସମ୍ମୁଖରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟରେ ପାଖାପାଖି ଦଶ ହଜାର ଲୋକଙ୍କୁ ସଖାଲୁ ପ୍ରଥମେ ଚା ବିତରଣ ହୋଇଥିଲା,ଏହାପରେ ଦହିବରା ଆଳୁଦମ ବିତରଣ ହୋଇଥିଲା ।

ଏହି କାର୍ଯ୍ୟରେ ସତୁରି ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇ ଶିବିରକୁ ସଫଳ କରିଥିବାର ଅନୁଷ୍ଠାନ ର ସମ୍ପାଦକ ଲୋହିତ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଶେଷରେ ଏକ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟ କୁ ସତ୍ୟ ସେବା ମଣ୍ଡଳ ପୁରୀ ସଦସ୍ୟ ନବ କିଶୋର ସାହୁ ଓ ରାମଚନ୍ଦ୍ର ପାତ୍ର ଏବଂ ଅନୁଷ୍ଠାନର ସଦସ୍ୟ ତୁଷାର ମିଶ୍ର, ମୋହନ ଚରଣ ନାଥ, ମନୋରଞ୍ଜନ ଦାସ, ସୌମ୍ୟରଞ୍ଜନ ଦାସ,ନିରଞ୍ଜନ ଦାସ, ପୃଥ୍ୱୀରାଜ ମଳିକ, ଶରତ କୁମାର ମଳିକ, ପ୍ରଦୀପ ସେଠି, ଦାମୋଦର ସାହୁ,ହୃଷିକେଶ ସାହୁ, ଦିନେଶ ବାରିକ, ପଙ୍କଜ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ

# ଜିଲ୍ଲା କୋର୍ଟ ପରିସରରେ ବନ ମହୋତ୍ସବ




ନୟାଗଡ଼, (ସବ୍ୟୁ): ନୟାଗଡ଼ ଜିଲ୍ଲା କୋର୍ଟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜୁଲାଇ ୧ରୁ ଜୁଲାଇ ୭ ପର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରାଯିବ। ଜିଲ୍ଲା ଫୌଜଦାରୀ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ବିଚାରପତି ଆନନ୍ଦ ନାରାୟଣ ମହାରଣା ବୃକ୍ଷ ରୋପଣ କରି ଶୁଭାରମ୍ଭ କରିଥିଲେ। ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ଅନୁଷ୍ଠାନ ସହଯୋଗରେ ଜିଲ୍ଲାବ୍ୟାପୀ ବନ ମହୋତ୍ସବ ପାଳନ କରାଯିବ। ବୃକ୍ଷ ହିଁ ଜୀବନ, ସେଥିଲାଗି ପ୍ରତ୍ୟେକ ନାଗରୀକ ଜନ୍ମ ଦିବସ ରେ ଗୋଟିଏ ଲେଖାଏଁ ବୃକ୍ଷ ରୋପଣ ପାଇଁ ଜିଲ୍ଲା ଜଜ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ସମସ୍ତ ବିଚାରପତି, କୋର୍ଟ କର୍ମଚାରୀ, ଅଧିକାର ମିତ୍ର ଏବଂ ଆଇନ ସେବା ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରା ଯାଇଥିଲା।ପରିବେଶ ସୁସ୍ଥ ରଖିବାକୁ ସମସ୍ତେ ବୃକ୍ଷ ଲଗାଇବା ଅତ୍ୟନ୍ତ ଜରୁରୀ ଓ ଏଥି ପାଇଁ ପ୍ରତ୍ୟେକ ନାଗରୀକ ଆଗ୍ରହ ପ୍ରକାଶ କରିବା ଉପରେ ଜିଲ୍ଲା ଜଜ୍ ଗୁରୁତ୍ୱାରୋପ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଜଂଳୀ ମଛଖଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୀରପ୍ରତାପପୁରରେ ଜନ ଅସନ୍ତୋଷ : ଜିଲ୍ଲାପାଳଙ୍କୁ ଦାବିପତ୍ର

ସାକ୍ଷୀଗୋପାଳ ,(ସବ୍ୟୁ): ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ମଧ୍ୟରେ ଅନ୍ୟତମ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଗ୍ରାମ ବୀରପ୍ରତାପପୁର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରୁ ବାଦ ପଡିଥିବା ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି ।ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ଏହି ଯୋଜନାର ଉଦଘାଟନୀ ଉତ୍ସବରେ ବୀରପ୍ରତାପପୁର ଏହି ଯୋଜନାର ଅନ୍ତର୍ଭୁକ୍ତ ବୋଲି ଘୋଷଣା କରାଯାଇଥିଲା ।କିନ୍ତୁ ନିକଟ ଅତୀତରେ ବୀର ହରେକୃଷ୍ଣପୁରକୁ କୃପାସିନ୍ଧୁଙ୍କ ଜନ୍ମସ୍ଥାନ ହିସାବରେ ଗ୍ରହଣ କରାଯାଇ ବୀରପ୍ରତାପପୁରକୁ ଉପେକ୍ଷା କରାଯାଇଛି। ଓଡ଼ିଶାର ବୌଦ୍ଧିକ ଜଗତ ଓ ଇତିହାସ କାର ଗଣ କୃପାସିନ୍ଧୁଙ୍କୁ ବୀରପ୍ରତାପପୁରର ବରପୁତ୍ର ଭାବେ ଗ୍ରହଣ କରିଛନ୍ତି । କାରଣ ଜନ୍ମର ଏଗାର ଦିନ ପରେ ସେ ଏହି ଗ୍ରାମକୁ ପୁଅ ହୋଇ ମଉସାଙ୍କ ଘରେ ପ୍ରତିପାଳିତ ହୋଇଥିଲେ । ଶୈଶବଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ଗ୍ରାମରେ ହିଁ କାଳାତିପାତ କରିଛନ୍ତି ।ଗ୍ରାମର ପ୍ରବେଶ ଓ ମଧ୍ୟ ସ୍ଥଳରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପିତ । ଗ୍ରାମର କୃପାସିନ୍ଧୁ ସ୍ମୃତି ସମିତି ଓ ଓଡିଶା ସାହିତ୍ୟ ଏକାଡେମୀ ପ୍ରତିବର୍ଷ ତାଙ୍କର ଶ୍ରାଦ୍ଧ ଦିବସ ପାଳନ କରି ଆସୁଛନ୍ତି । ଏକାଡେମୀ ଓ ସମିତିର ମିଳିତ ଆନୁକୂଲ୍ୟରେ ଗତ ୨୭ ଜୁନ ୨୦୨୫ ଅପରାହ୍ନରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ କୃପାସିନ୍ଧୁଙ୍କ ସଗ୍ରାମ ବୀରପ୍ରତାପପୁରଠାରେ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ବିଶିଷ୍ଟ ଶିକ୍ଷବିତ ସତ୍ୟବାଦୀ ଦାଶ ସ୍ୱବକ୍ତବ୍ୟରେ ବୀରପ୍ରତାପପୁର ଗ୍ରାମକୁ ଐତିହ୍ୟ ଓ ବରପୁତ୍ର ଗ୍ରାମ ଭାବରେ ଘୋଷଣା କରିବାପାଇଁ ସରକାରଙ୍କ ପାଖରେ ଆମର ଦାବି ରହିବ ବୋଲି ଦୃଢୋକ୍ତି ରଖିଥିଲେ ।ଗ୍ରାମବାସୀମାନଙ୍କ ତରଫରୁ ଏ ବିଷୟରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗପତ୍ର ଦାଖଲ କରାଯାଇଛି । ବୁଧବାର ଦିନି ଗ୍ରାମର ଏକ ପ୍ରତିନିଧି ଦଳ ପୁରୀ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ତାଙ୍କ ସହ ଏ ବିଷୟରେ ଆଲୋଚନା କରିଛନ୍ତି। । ଗ୍ରାମର ସଭାପତି କୈଳାସ ଚନ୍ଦ୍ର ମିଶ୍ର,ଶିକ୍ଷାବିତ ତଥା ସାହିତ୍ୟିକ ଡ଼ ଚିତ୍ତରଞ୍ଜନ ମିଶ୍ର, ସରୋଜ ମିଶ୍ର, ବିନୟ ନନ୍ଦ, ଶିଶିର କୁମାର ମିଶ୍ର, ଓ ନୃସିଂହ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।ବ୍ଲକ ସ୍ତରରେ ହୋଇଥିବା ନିର୍ଣୟଗତ ତ୍ରୁଟିର ପୁନର୍ବିଚାର କରି କୃପାସିନ୍ଧୁଙ୍କ ସଗ୍ରାମ ବୀରପ୍ରତାପପୁରକୁ ଐତିହ୍ୟ ଗ୍ରାମ ରୂପେ ଘୋଷଣା କରିବାପାଇଁ ସ୍ୱାକ୍ଷରିତ ଅଭିଯୋଗ ଦାଖଲ କରିଥିଲେ ।।

# ମା' ବାଟ ମଙ୍ଗଳାଙ୍କ ନୂତନ ବିଗ୍ରହ ସ୍ଥାପନ, ମନ୍ଦିର ପ୍ରତିଷ୍ଠା

ରଣପୁର,(ସବ୍ୟୁ): ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ମା ମଣିନାଗ ମନ୍ଦିର ପରିସରରେ ମା ବାଟମଙ୍ଗଳ ଙ୍କ ନୂତନ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଣପୁର ବଜେନ୍ଦ୍ର ଚନ୍ଦ୍ର ଉଚ୍ଚବିଦ୍ୟାଳୟ ୧୯୯୯ ମାଟ୍ରିକ ବ୍ୟାଚ ସହପାଠୀଙ୍କ ମିଳିତ ସହଯୋଗ ଆର୍ଥିକ ସହାୟତାରେ ଏହି ନୂତନ ମନ୍ଦିର ନିର୍ମାଣ ଓ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏହାକୁ ଅଞ୍ଚଳବାସୀ ତରଫରୁ ସାଧୁବାଦ ଜ୍ଞାପନ କରାଯାଇଛି। ଗତ ୨୮ତାରିଖ ଶନିବାର ରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ପ୍ରଥମେ ଅଙ୍କୁରା ରୋପଣ ରବିବାର କଳସ ଯାତ୍ରା.ସୋମବାର ଗର୍ଭଧାନ ପାର୍ବତୀ ନାମାଗ୍ନୀ ସଂସ୍କାର ଅଗଷ୍ଟ ମାସ ୧ତାରିଖ ମଙ୍ଗଳବାର ସାନ୍ନ ଶୟନ କାର୍ଯ୍ୟକ୍ରମ ଥିବା ବେଳେ ବୁଧବାର ଦିନ ଜୀବନ୍ୟାସ ପ୍ରସାଦ ସେବନ ପୂର୍ଣ୍ଣାହୂତି କରାଯାଇଥିଲା। ବେ ଏଠାରେ ସୂଚାଇଦିଆ ଯାଉଛି ମା ମଣିନାଗ ମନ୍ଦିରରେ ଥିବା ପୂର୍ବତନ ବାଟ ମଙ୍ଗଳା ମନ୍ଦିର ଛୋଟ ଓ ବହୁ ପୁରାତନ ହୋଇଥିବା ବେଳେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିଲା।ତେଣୁ ତାହାର ପାର୍ଶ୍ୱରେ ଏକ ନୂତନ ମନ୍ଦିର ସହିତ ନୂତନ ବିଗ୍ରହ ସ୍ଥାପନ କରାଯାଇଛି।

# ପରମହଂସ ଗ୍ରାମପଞ୍ଚାୟତରେ ୧୦ ୱାର୍ଡ ସଭ୍ୟପଦ ଖାଲି

ଫୁଲନଖରା,(ସବ୍ୟୁ): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚଙ୍କ ସମେତ ୧୦ ଓାର୍ଡ ସଭ୍ୟସଭ୍ୟାଇସ୍ତଫା ଦେଇଥିଲେ । ସରପଞ୍ଚ ତ୍ରିଲୋଚନ ପାତ୍ର ଏହି ସବୁ ଇସ୍ତଫାଗୁଡିକୁ ଗ୍ରହଣ କରିସାରିବା ପରେ ଏହି ପଞ୍ଚାୟତରେ ୧୦ଓାର୍ଡ ସଭ୍ୟା ପଦବୀ ଖାଲି ପଡିଲା । ପୁନଃ ନିର୍ବାଚନ ପାଇଁ କଟକ ସଦର ଉପଜିଲ୍ଲାପାଳ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଜଣାଇବେ । ଯେହେତୁ ଚଳିତ ବର୍ଷ ପଞ୍ଚାୟତର କାର୍ଯକାଳ ଅବଧି ୧୯ ମାସ ରହିଛି ,ତେଣୁ ଓାର୍ଡ ସଭୟ ନିର୍ବାଚନ କରାଯିବ । ମେ ମାସ ୨୧ତାରିଖରେ ଇସ୍ତଫା ଦେଇଥିବା ଏହି ଓାର୍ଡସଭ୍ୟମାନେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ମାତ୍ର ଦୁଇ ତୃତୀୟାଂଶ ସଭ୍ୟ ଆସି ନଥିବାରୁ ପ୍ରସ୍ତାବ ଅଗ୍ରାହ୍ୟ ହୋଇଥିଲା । ଓଡିଶା ଗ୍ରାମପଂଚାୟତ ନିୟମ ଅନୁଯାୟୀ ଆଉ ୧ବର୍ଷ ଭିତରେ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିପାରିବ ନାହିଁ । ପରବର୍ତୀ କାଳରେ ଗ୍ରାମପଞ୍ଚାାୟତର ଅବଧି ୧ ବର୍ଷରେ କମ୍ ଥିବାରୁ ଆଉ ସରପଞ୍ଚଙ୍କ ବିରୋଧରେ ଆଦୌ ଅନାସ୍ଥା ପ୍ରସ୍ତାବ ଆସିପାରିବ ନାହିଁ ।

# ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ

ଦଶପଲ୍ଲା ,(ସବ୍ୟୁ): ପି ଏମ ଶ୍ରୀ ମଧଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ ) ତଥା ପ୍ରମୁଖ ବିଦ୍ୟୁତ ନିରକ୍ଷକ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଏକ ସଚେତନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମଧଯଖଣ୍ଡ ସରପଞ୍ଚ ସସ୍ମିତା ପ୍ରଧାନ, ମୁଖ୍ୟ ବକ୍ତା ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମକୃଷ୍ଣ ପ୍ରଧାନ ଏବଂ ଭୁବନେଶ୍ୱର ରୁ ଆସିଥିବା ଆସିଷ୍ଟାଣ୍ଡ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଓ ଦଶପଲ୍ଲା ଇଲେକ୍ଟ୍ରିକାଲ ଏସ ଡି ଓ ତନ୍ମୟ କୁମାର ପୃଷ୍ଟି, ଦଶପଲ୍ଲା ଇଲେକ୍ଟ୍ରିକାଲ ସୁପର ଭାଇଜର ମନୋଜ ଦାସ ଯୋଗ ଦେଇ ଇଲେକ୍ଟ୍ରି ଉପରେ ନିଜେ କିପରି ସୁରକ୍ଷା ରହିବା ସହ ଅନ୍ୟକୁ ସୁରକ୍ଷା ଦେବା, ଏବଂ ଦେଶର କଲ୍ୟାଣ ନିମନ୍ତେ ସଦା ସୁରକ୍ଷା ଅବଲମ୍ବନ କରାଇବାକୁ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍କୁଲର ଶିକ୍ଷକ ବିଦ୍ୟୁତ୍ ଦ୍ୱାରା ହେଉଥିବା ଦୁର୍ଘଟଣା ବିଷୟରେ ସଚେତନ କରାଯାଇଥିଲା । ମଧଖଣ୍ଡ ସରପଞ୍ଚ ସସ୍ମିତା ପ୍ରଧାନ ପଞ୍ଚାୟତରେ ବାରମ୍ବାର ଲାଇନ କାଟିବା ଏବଂ ପଞ୍ଚାୟତରେ ହେଉଥିବା ଅସୁବିଧାକୁ ପ୍ରତିପାଦନ କରିଥିଲେ, ଏସ ଡି ଓ ତନ୍ମୟ କୁମାର ପୃଷ୍ଟି ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ ସୁରକ୍ଷା ଓ ଟ୍ରେଣ୍ଡ ହାଉସ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ ସୁରକ୍ଷା ସମ୍ବନ୍ଧିୟ ପରାମର୍ଶ ଦେଉଥିଲେ, ଶେଷରେ ପିଲାଙ୍କ ଭିତରେ ହୋଇଥିବା ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ପ୍ରବନ୍ଧ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ୯ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହିତ ଟ୍ରଫି ପ୍ରଦାନ କରିଥିଲେ।ଶିକ୍ଷକ ଦିପ୍ତିବନ୍ତ କଅର୍ ଧନ୍ୟବାଦଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ବଢକ୍ଷରୋପଣ କରାଯାଇଥିଲା।

# ପ୍ରଧାନଶିକ୍ଷକ ହରେକୃଷ୍ଣ ପାତ୍ରଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା



ଡେଲାଙ୍ଗ,(ସବ୍ୟୁ): ଜଗଦଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପାତ୍ରଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ଉତ୍ସବ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବିଇଓ ଶତୃଘ୍ନ ବେହେରା, ପ୍ରାକ୍ତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ଯୁଧିଷ୍ଠିର ପରିଡ଼ା,ଏବିଇଓ ଲକ୍ଷ୍ମଣ ପ୍ରଧାନ , ଶିକ୍ଷକ ସଂଘ ସଭାପତି ଦିଗମ୍ବର ରଥ, ପବିତ୍ର ଜେନା, ସୁରେନ୍ଦ୍ର ନାୟକ,ଗାଦି ବ୍ରହ୍ମ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ବଳବନ୍ତରାୟ, ସିଆରସିସି ସୋମନାଥ ବେହେରା, କୃତିବାସ ପରିଡ଼ା,ସମାଜସେବୀ ରମେଶ ଗଜେନ୍ଦ୍ର, ଗୌରହରି ମହାପାତ୍ର,ରି ରାଉତ ରାୟ ପ୍ରମୁଖ ଯୋଗଦେଇ ଶ୍ରୀଯୁକ୍ତ ପାତ୍ରଙ୍କ ଶୈକ୍ଷିକ କାର୍ଯ୍ୟ ଦକ୍ଷତା, ଅମାୟିକ ବ୍ୟବହାର,ଆଧ୍ୟାତ୍ମିକ ଓ ସାଙ୍ଗଠନିକ ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଅଭୟ ଚରଣ ସାହୁ ଓ ନାରାୟଣ ବରାଳ ମଞ୍ଚ ସଂଯୋଜନା କରିଥିଲେ। ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଶ୍ରୀଯୁକ୍ତ ପାତ୍ରଙ୍କୁ ନିଜ ବିଦ୍ୟାଳୟ ଓ ଡ଼େଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲାବେଳେ ଗ୍ରାମବାସୀ ଓ ଛାତ୍ର ଛାତ୍ରୀଙ୍କ ତରଫରୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଯୁକ୍ତ ପାତ୍ରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପରିଚାଳନାରେ ଶିକ୍ଷକ ଗନ୍ଧର୍ବ ସାହୁ, ଅଧିକାରୀ ସାହୁ, ସାବିତ୍ରୀ ଗଡସରା,ଦୀପକ ପ୍ରଧାନ, ସରୋଜ ପାହାନ୍ତା ସିଂ ସହଯୋଗ କରିଥିଲାବେଳେ ଶିକ୍ଷକ ଗୋପାଳ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# କଂସା ପିତ୍ତଳ କାରିଗରଙ୍କ ପରଲୋକ

କଣ୍ଟିଲୋ, (ସବ୍ୟୁ): କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା ଗ୍ରାମର କଂସା ପିତ୍ତଳ କାରିଗର ଦେବରାଜ ସାହୁ (୭୫)ଙ୍କର ପରଲୋକ ହୋଇଯାଇଛି । ସେ କିଛି ଦିନ ହେଲା ଶ୍ୱାସ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ । ଜଣେ ପିତ୍ତଳ ଡଙ୍କି, ଚଟୁ କାରିଗର ଭାବେ ପରିଚିତ ହେବା ସହ ବିଭିନ୍ନ ଆୟୁର୍ବେଦ ଚିକିତ୍ସା କରି ଅଞ୍ଚଳରେ ଲୋକପ୍ରିୟ ଥିଲେ । ତାଙ୍କ ମତ୍ୟୁ ଖବର ପ୍ରଚାର ପରେ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଶେଷକୃତ୍ୟ ନିକଟସ୍ଥ ଶଙ୍ଖ ତୋଟା ସ୍ମଶାନ ରେ ସମ୍ପନ୍ନ ହୋଇଥିଲା ଏବଂ ଜ୍ୟେଷ୍ଠ ପୁତ୍ର ଗୋଲକ ମୁଖାଗ୍ନି ଦେଇଥିଲେ।

# ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯଯାଳୟ ସମ୍ମୁଖରେ ଏକ ଚାରା ବିତରଣ କେନ୍ଦ୍ର ବୁଧବାର ଉଦଘାଟିତ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯକ୍ରମ ଜରିଆରେ ଅଞ୍ଚଳବାସୀଙ୍କୁ ସୁଲଭ ମୂଲ୍ୟରେ ବିଭିନ୍ନ କିସମର ଚାରା ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି।ସହକାରୀ ବନ ସଂରକ୍ଷକ ଉଦିତ କୁମାର ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଉକ୍ତ ଚାରା ବିତରଣ କେନ୍ଦ୍ର ଜରିଆରେ ଚଳିତବର୍ଷ ୧ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ଜନସାଧାରଣଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ନିମାପଡା,(ସବ୍ୟୁ): ନିମାପଡା ଅବକାରୀ ବିଭାଗର ଏକ ଟିମ୍ କାକଟପୁର ଥାନା ଅଧିନ ଶ୍ରୀ ସାଇ ହସପିଟାଲ ନିକଟରେ ଚଢାଉ କରି ୬୧ ଗ୍ରାମ ଓଜନ ବ୍ରାଉନ ସୁଗାର ଜବତ କରିବା ସହିତ ଜଣକୁ ଗିରଫ କରିଥିବା ଜଣାପଡିଛି । ଗିରଫ ଚୋରା ବ୍ରାନସୁଗାର ବ୍ୟବସାୟୀ ଜଣକ ହେଲେ ଭବାନୀ ଶଙ୍କର ପଣ୍ଡା(୨୭) । ପ୍ରକାଶ ଯେ, ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ କାକଟପୁରରେ ଚଢାଉ କରି ବ୍ରାଉନସୁଗାର ସହିତ ଭାବାନୀ ଶଙ୍କରଙ୍କୁ ଗିରଫ କରିଥିଲେ । ଭବାନୀଙ୍କ ବିରୋଧରେ ନିମାପଡା ଅବକାରୀ ଥାନା କେଶ୍ ନଂ ୬୧/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଭବାନୀଙ୍କୁ ନିମାପଡା ଉପକାରାଗାରକୁ ପଠାଇ ଦିଆଯାଇଛି । ଜବତ ବ୍ରାଉନସୁଗାର ମୂଲ୍ୟ ୬ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି । ଚଢାଉ ସମୟରେ ଅବକାରୀ ଏଏସ୍‌ଆଇ ସନ୍ତୋଷ ମହାରଣା,କର୍ମଚାରୀ ତପନ ପ୍ରଧାନସବିତା ସାହୁ ପ୍ରମୁଖ ସାମିଲଥିଲେ ।

# ପଦ୍ମ ଭୂଷଣ କାଳିନ୍ଦୀ ପାଣିଗ୍ରାହୀଙ୍କ ଜୟନ୍ତୀ ଉତ୍ସବ



ବାଲିପାଟଣା ,(ସବ୍ୟୁ): ସବୁଜଯୁଗର କବି ପଦ୍ମଭୂଷଣ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବ ବୁଧବାର ଦିନ ତାଙ୍କର ଜନ୍ମ ମାଟି ବାଲିପାଟଣା ଠାରେ ପ ାଳିତ ହୋଇଛି। ସାହିତ୍ୟ ଏକାଡେମୀ ଓ ସମୟର ପ୍ରାଚୀ ଧାରାର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଲେଖକ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥବଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର,ଅଭିନେତା ତଥା ଲେଖକ ଉପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ କାଳିନ୍ଦୀ ପାଣିଗ୍ରାହୀ ଙ୍କ ଅନବଦ୍ୟ ସୃଷ୍ଟିରେ ଗ୍ରାମ୍ୟ ଜୀବନର ସରଳ ମଣିଷ ର ଜୀବନାଦର୍ଶ ବର୍ଣ୍ଣନା ହେବା ସହିତ କବିତାରେ ପ୍ରେମ ଓ ବିପ୍ଳବର ଧାରା ପ୍ରବାହିତ ହୋଇଛି ବୋଲି କହିଥିଲେ। ପ୍ରାଚୀଧାରାର ସମ୍ପାଦକ ଭଗବାନ ସାହୁ,କାଳନ୍ଦୀଙ୍କ ଯୋଗୁଁ ଏ ମାଟି ପବିତ୍ର ହୋଇଛି ବୋଲି ବର୍ଣ୍ଣନା କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ମନୋରଞ୍ଜନ ରାୟ, କ୍ଷଣପ୍ରଭା ମହାନ୍ତି,ଅଭିମନ୍ୟୁ ନାୟକ ଓ ଦିଲ୍ଲୀପ କୁମାର ଓଝାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।ପ୍ରାରମ୍ଭରେ କବି ବିପିନ ମହାନ୍ତି ସ୍ୱାଗତ ଭାଷଣ ଦେବାପରେ ସାହିତ୍ୟ ଏକାଡେମୀ ଉପ ସଚିବ ସଞ୍ଜୟ କୁମାର ଛୁଆଳ ସିଂ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଭବାନୀ ଶଙ୍କର ଦାଶ,ଅଧ୍ୟାପକ ମୂରଲୀଧର ସାହୁ,ପ୍ରଶାନ୍ତ ରାୟ,ମାଗୁଣି ସେଠୀ,ସୁଜାତା ରଥ ଙ୍କ ସମେତ ଶତାଧିକ ସାହିତ୍ୟ ପ୍ରେମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ବାମନ ଅବତାରରେ ମହାପ୍ରଭୁ



ଦଶପଲ୍ଲା,(ସବ୍ୟୁ): ଆଡ଼ପ ମବଦପର ପଞ୍ଚମ ଦିବସ ରେ ମହାପ୍ରଭୁ ପତିତପାବନ ଙ୍କ ବାମନ ଅବତାର ଦେଖିବାକୁ ମିଳିଛି । ଏହା ପ୍ରଭୁ ଶ୍ରୀ ବିଷ୍ଣୁ ଙ୍କ ପଞ୍ଚମ ଅବତାର । ପୌରାଣିକ କଥାବସ୍ତୁ ଅନୁଯାୟୀ ମହାରାଜା ବଳି ଜଣେ ମହାଦାନୀ ସହ ଜଣେ ପରାକ୍ରମୀ ରାଜାଥିଲେ । ଏହା ସହ ଜଣେ ଗର୍ବୀ ଏବଂ ବିଶ୍ୱରେ ଆତଙ୍କ ସୃଷ୍ଟି କାରି ଜଣେ ରାଜା ଥିଲେ । ତାଙ୍କର ଗର୍ବ ଓ ଦାନ ରୂପୀଅହଂକାର କୁ କ୍ଷୁର୍ଣ୍ଣ କରିବା କୁ କ୍ଷୁର୍ଣ୍ଣ କରିବା ପାଇଁ ଶ୍ରୀ ବିଷ୍ଣୁ ବାମନ ଅବତାର ଧାରଣ କରି ବ୍ରହ୍ମଣ ଅବତାରରେ ଯାଇ ମହାରାଜା ବଳୀ ରାଜା ଙ୍କ ଦରବାର ପହଁଚିଲେ । ସେଠାରେ ସେ ବେଦ ଉଚ୍ଚାରଣ କରି ଭିକ୍ଷା ଯାଚନା କଲେ । ମହାରାଜା ବଳି ଶ୍ରୀବିଷ୍ଣୁ ଙ୍କ ବାମନ ଅବତାର ଦେଖି ହେୟ ଜ୍ଞାନ କଲେ ଏବଂ ଇପ୍ସିତ ଦାନ ଯାଚନା କରିବାକୁ ବାମନଙ୍କୁ କହିଲେ । ବିନା ସତ୍ୟ ରେ ଦାନ ଗ୍ରହଣ କରିବାକୁ ମହାପ୍ରଭୁ ବାମନ ମନା କରିବାରୁ ମହାରାଜା ବଳି ପାଣିପାତ୍ରୀରେ ଦାନ କରିବାକୁ ଉଦ୍ୟତ ହୁଅନ୍ତି ଅସୁରଗୁରୁ ଶୁକ୍ରାଚାର୍ଯ୍ୟ ଏହାକୁ ବାରଣ କଲେ । ସବୁଜାଣିବା ପରେ ରାଜା ବଳି ତିନିପାଦ ଭୂମି ଦେବାକୁ ସତ୍ୟ କଲେ । ଏଥିରେ ମହାପ୍ରଭୁ ବାମନ ପ୍ରଥମ ପାଦ ରେ ପୃଥିବୀ, ଦ୍ୱିତୀୟ ପାଦରେ ସର୍ଓ୍ୱଗ ନେଇଯିବା ପରେ ତୃତୀୟ ପାଦ ନିମନ୍ତେ ରାଜା ବଳି ନିଜ ମସ୍ତକ ଦେଖାଇଦେଲେ । ମହାପ୍ରଭୁ ବାମନ ଆପଣା ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ଆଡ଼ପ ମଣ୍ଡପ ରେ ମହାପ୍ରଭୁ ଙ୍କ ଏଭଳି ବାମନ ଅବତାର ବେଶ ଚିତାକର୍ଷକ ସହ ଶ୍ରଦ୍ଧାଳୁ ଙ୍କ ମନରେ ଭାବନାତ୍ମକ ବୋଧ ସୃଷ୍ଟି କରିଥିଲା । ଯାହାକୁ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

# ନୀଳମାଧବ କଲେଜରେ ସମ୍ବର୍ଦ୍ଧନା



କଣ୍ଟିଲୋ,(ସବ୍ୟୁ): ନୟାଗଡ଼ ଜିଲ୍ଲା ନୀଳମାଧ ମହାବିଦ୍ୟାଳୟ (କଲେଜ)ର ପୂର୍ବତନ ଅଧ୍ୟକ୍ଷ ତଥା ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ସରୋଜ କୁମାର ମିଶ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଓ ସଂସ୍କୃତ ବିଭାଗ ଅଧ୍ୟାପିକା ସରଳା ବେହେରାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ କଲେଜ ସମ୍ମିଳନୀ କକ୍ଷରେ କଲେଜ ଅଧ୍ୟକ୍ଷା ଡ଼ ନନ୍ଦିତା ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସମସ୍ତ ଶିକ୍ଷକ, ଅଣ ଶିକ୍ଷକ କର୍ମଚାରୀ ଯୋଗଦେଇ ଉଭୟଙ୍କ କର୍ମପ୍ରବଣତା, ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିବା ସହିତ ଏକ ସମୟରେ ରେ ଦୁଇ, ଦୁଇ ଜଣ ଅଧ୍ୟାପକଙ୍କ ଶୂନ୍ୟସ୍ଥାନ କଲେଜ ନିଶ୍ଚୟ ଅନୁଭବ କରିବ ବୋଲି ମତବ୍ୟକ୍ତ କରିଥିଲେ ।

# ରଥଯାତ୍ରା ଦଳଚକଟା ଘଟଣା : ମୃତକଙ୍କ ପରିବାରକୁ ମିଳିଲା ସହାୟତା

ବୋଲଗଡ଼ ,(ସବ୍ୟୁ): ପୁରୀ ଶ୍ରାଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମର ବାସନ୍ତୀ ସାହୁଙ୍କର ମୃତ୍ୟୁ ଘଟିଥିଲା। ମୃତକ ବାସନ୍ତୀଙ୍କ ପରିବାରକୁ ସରକାରଙ୍କ ଘୋଷଣା ମୃତାରବ ସହାୟତା ମିଳିଛି। ବୁଧବାର ଦିନ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୃତ ମହିଳାଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ସରକାରଙ୍କ ଘୋଷଣା ଅନୁଯାୟୀ ସହାୟତା ରାଶି ୨୫ ଲକ୍ଷ ଟଙ୍କାର ଚେକ ବାସନ୍ତିଙ୍କ ସ୍ୱାମୀ ଦିଲୀପ ସାହୁଙ୍କୁ ପ୍ରଦାନ କରିଥିଲେ। ଘଟଣା ଦିନ ସମସ୍ତ ସ୍ଥିତି ସମ୍ପର୍କରେ ଦିଲ୍ଲୀପ ଆଇନମନ୍ତ୍ରୀଙ୍କୁ ଜଣାଇଥିଲେ। ଦୁଇ ଜଣ ଅଫିସରଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଏହି ଘଟଣା ଘଟିଲା। ଏଥିଲାଗି ମୁଖ୍ୟମନ୍ତ୍ରୀ ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ସରକାରଙ୍କ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିବା ବେଳେ ଦଳାଚକଟା ସ୍ତ୍ରୀଙ୍କୁ ହରାଇ ଦିଲ୍ଲୀପଙ୍କ ପୁରା ପରିବାର ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ମନ୍ତ୍ରୀଙ୍କ ସହ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।


यूनियन बैंक ऑफ इंडिया Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା**
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ ଆମର **ସମ୍ପୃକ୍ତ ଶାଖା ପରିସରରେ ତା.୧୧.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ । ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ । ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଟିଟିଲାଗଡ ଶାଖା, ହୋଲ୍ଡିଂ ନଂ.: ୬୩, ସିନେମାହଲ ଛକ, ଟିଟିଲାଗଡ, ରେଲୱେ ଷ୍ଟେସନ ରୋଡ, ଜିଲ୍ଲା: ବଲାଙ୍ଗିର-୭୬୭୦୩୩, ମୋ: ୮୩୦୫୮୨୧୬୬୬** | | |
| ୧. | **ବିପିନ ମେହେର,** ମାର୍ଫତ: ଆନନ୍ଦ ସାହୁ, ହାଟପଡାପରା, ୱାର୍ଡ ନଂ.: ୪, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୩ / ୩୪୦୧୨୬୫୪୦୦୦୦୬୬୧ | ଟ.୯,୩୫୧/- + ସେ ବାବଦ ସୁଧ | ୨.୦୨ |
| ୨. | **ବିପିନ ମେହେର,** ମାର୍ଫତ: ଆନନ୍ଦ ସାହୁ, ହାଟପଡାପରା, ୱାର୍ଡ ନଂ.: ୪, ଟିଟିଲାଗଡ, ଜିଲ୍ଲା: ବଲାଙ୍ଗିର, ଓଡିଶା-୭୬୭୦୩୩ / ୩୪୦୧୨୬୫୪୦୦୦୦୬୧୨ | ଟ.୩୧,୬୨୦/- + ସେ ବାବଦ ସୁଧ | ୨.୭୮ |
| | **ପାରଳାଖେମୁଣ୍ଡି ଶାଖା, ମାର୍କେଟ ସ୍କୋୟାର, ଅମନ ପ୍ଲାଜା, ପାରଳାଖେମୁଣ୍ଡି, ମୋ: ୯୮୮୫୭୬୯୩୨୫** | | |
| ୧. | **ଶ୍ରୀ ବଡ କୃଷ୍ଣ,** ପିତା: ବଡ ସିମାଞ୍ଚଳ, ସୁଇପର କଲୋନୀ, ୱାର୍ଡ ନଂ.: ୧, ପାରଳାଖେମୁଣ୍ଡି-୭୬୧୨୦୦ / ୪୦୬୯୦୬୬୩୦୦୦୧୨୩୩ | ଟ.୫୨,୯୭୬/- + ସେ ବାବଦ ସୁଧ | ୧୩.୦୦ |
| ୨. | **ଶ୍ରୀ ବଡ କୃଷ୍ଣ,** ପିତା: ବଡ ସିମାଞ୍ଚଳ, ସୁଇପର କଲୋନୀ, ୱାର୍ଡ ନଂ.: ୧, ପାରଳାଖେମୁଣ୍ଡି-୭୬୧୨୦୦ / ୪୦୬୯୦୬୫୪୦୦୧୮୪୯୩ | ଟ.୧,୩୪,୧୪୬.୫୬ + ସେ ବାବଦ ସୁଧ | ୨୯.୦୦ |
| ୩. | **ଶ୍ରୀ ଶଣନାମ ଢାରିସ,** ମାର୍ଫତ: ଶଣନାମ ଦିଲେଶ୍ୱର ରାଓ, ବଡନୀକପୁର, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ / ୪୦୬୯୦୬୬୩୦୦୦୧୧୯୪ | ଟ.୫୩,୭୬୯.୬୨ + ସେ ବାବଦ ସୁଧ | ୧୩.୦୦ |
| ୪. | **ଶ୍ରୀ ସକୋରକା ରଇତ,** ମାର୍ଫତ: ବିର ରଇତ, ଗ୍ରାମ: ଅଡିମ୍ବା, ପୋ: ଦେବଦଳ, ପାରଳାଖେମୁଣ୍ଡି, ଜିଲ୍ଲା: ଗଜପତି, ଓଡିଶା-୭୬୧୨୦୦ / ୪୦୬୯୦୬୬୩୦୦୦୧୧୮୪ | ଟ.୨୧,୬୬୬.୯୩ + ସେ ବାବଦ ସୁଧ | ୬.୦୦ |
| | **ମାଲକାନଗିରି ଶାଖା, ଠିକଣା: ଡୋର ନଂ.: ୧୪, ଚିଦାନନ୍ଦ ଷ୍ଟ୍ରିଟ୍, ମାଲକାନଗିରି-୭୬୪୦୪୫, ମୋ.: ୭୯୮୯୧୮୩୭୯୮** | | |
| ୧. | **ଗୁରୁ ଖେମୁଣ୍ଡୁ,** ପିତା: ମାଧବ ଖେମୁଣ୍ଡୁ, ସା: ପାପୁଲୁର, ମଧୁମାଳ, ମାଲକାନଗିରି-୭୬୪୦୫୨ / ୨୧୭୨୧୬୫୪୦୦୦୦୧୨୪ | ଟ.୪୨,୨୪୫.୭୪ + ସେ ବାବଦ ସୁଧ | ୧୦.୦୦ |
| ୧. | **ବଲବିର ସିଂହ,** ନେତାଜୀ ନଗର ଡିଏନ୍‌କେ, ମାଲକାନଗିରି-୭୬୪୦୪୮ / ୨୧୭୨୧୬୬୩୦୦୦୦୦୩୯ | ଟ.୭୯,୩୯୦/- + ସେ ବାବଦ ସୁଧ | ୧୯.୪୦ |
| ୩. | **କମଳ ବରୋଇ,** ଏମ୍‌ଭି ୧୬, ତମସା, ମାଲକାନଗିରି-୭୬୪୦୪୫ / ୨୧୭୨୧୬୫୪୦୦୦୦୦୮୧ | ଟ.୩୨,୧୯୮.୭୮ + ସେ ବାବଦ ସୁଧ | ୧୦.୨୦ |
| | **ଜାଜପୁର ଶାଖା, ଠିକଣା: ଫୁଡ୍ ଅଫିସ୍ ନିକଟ, ଜାଜପୁର ଗ୍ରାମ, ଜିଲ୍ଲା: ଗଜପତି-୭୬୧୨୦୦, ମୋ.: ୭୦୩୬୧୨୭୮୨୮୦** | | |
| ୧. | **ଯକ୍ଷ୍ୟ ଗମାଙ୍ଗ,** ମଣ୍ଡଳ ସାହି, ଗୁମା ବ୍ଲକ୍, ପିଁ ଅଜୟଗଡ, ଜିଲ୍ଲା: ଗଜପତି, ଓଡ଼ିଶା / ୨୪୯୮୧୬୬୩୦୦୦୦୨୮୦ | ଟ.୫୧,୬୩୦.୮୦ + ସେ ବାବଦ ସୁଧ | ୧୨.୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ ଟ.୧,୦୦୦/- ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ । ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ କରିପାରେ ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ନିଶ୍ଚିତୀକରଣ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ । ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ ।

ସ୍ଥାନ: ରାୟଗଡା, ତାରିଖ: ୦୨.୦୭.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

(ଶ୍ରୀମଭଗବଦ୍ ଗୀତା ୧୭/୦୭)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )
**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।**
**ୟଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ।।୭।।**
ସମସ୍ତଙ୍କର ପ୍ରିୟ ଆହାର ମଧ୍ୟ ପ୍ରକୃତିଭେଦରେ ତିନି ପ୍ରକାର ହୋଇଥାଏ, ସେହିପରି ଯଜ୍ଞ, ତପ ଓ ଦାନ ମଧ୍ୟ ତିନି ପ୍ରକାର, ସେମାନଙ୍କର ପାର୍ଥକ୍ୟ ଶ୍ରବଣ କର ।।୭।।

# ଭାରତ–ଚୀନ ସୀମା ବିବାଦ

ଭାରତ ଓ ଚୀନ୍ ମଧ୍ୟରେ ନିକଟରେ ଅନୁଷ୍ଠିତ ସାଂଘାଇ କୋ–ଅପରେସନ ଅରଗନାଇଜେସନ (SCO) ଶୀର୍ଷ ସମ୍ମିଳନୀ ୨୦୨୫, ଚୀନ୍‌ର ତିଆନଦିନରେ ଅନୁଷ୍ଠିତ ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେଠିକୁ ଯିବା ଲାଗି ଚୀନ୍ ଆଗ୍ରହ ପ୍ରକାଶ କରିଥିଲେ ମଧ୍ୟ ସେ ଯାଇ ନ ଥିଲେ । ତାଙ୍କର ପ୍ରତିନିଧି ଭାବେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯାଇଥିଲେ । ଏଥିରେ ଚୀନ୍‌ର ପ୍ରତିରକ୍ଷା ମନ୍ତ୍ରୀ ଡଂଗ ଦୁନ୍ ଓ ଶ୍ରୀ ସିଂଙ୍କ ମଧ୍ୟରେ ଏଥିରେ ଭାରତ– ଚୀନ୍ ମଧ୍ୟରେ ସୀମାରେ ବିବାଦ ସଂକ୍ରାନ୍ତରେ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହୋଇଥିଲା । ମାତ୍ର ଏହି ଶୀର୍ଷ ସମ୍ମିଳନୀରେ ଯେଉଁ ମିଳିତ ସହଯୋଗ ପାଇଁ ଘୋଷଣାନାମା ହୋଇଥିଲା, ସେଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ସ୍ୱାକ୍ଷର କରି ନ ଥିଲେ । ତାହାର କାରଣ ସନ୍ତ୍ରାସବାଦୀଙ୍କ ଜରିଆରେ ପାକିସ୍ତାନ ଭାରତର ପହଲଗାମରେ ଯେପରି ଗଣହତ୍ୟା ଆରମ୍ଭ କରିଥିଲା, ତାହାର ପ୍ରତିବାଦ କରି ଭାରତ ଏଥିରେ ସ୍ୱାକ୍ଷର କରି ନଥିଲା ।

ସେ ଯାହାହେଉ, ଚୀନ୍ ସହିତ ଭାରତର ଏହି ସୀମା ବିବାଦରେ ସମାଧାନ ସମୟସାପେକ୍ଷ ବୋଲି ଚୀନ୍ ମତ ପ୍ରକାଶ କରିଥିଲା । ଏହି ସୀମା ବିବାଦ ୧୯୬୨ ମସିହା ଅକ୍ଟୋବର ୨୦ ତାରିଖରୁ ଆରମ୍ଭ ହୋଇଛି ବୋଲି କୁହାଯାଉଛି । ଆରମ୍ଭରୁ ଚୀନ୍‌ର ସୈନିକମାନେ ଭାରତର ପଶ୍ଚିମ ଅଞ୍ଚଳରେ ଥିବା ଲାଦାଖ ଅଞ୍ଚଳରେ ଆକ୍ରମଣ ଆରମ୍ଭ କରିଥିଲେ ଏବଂ ପୂର୍ବ ଭାରତର ମେକ୍ ମୋହନ ଲାଇନ ଅତିକ୍ରମ କରି ମାଡ଼ି ଆସିଥିଲେ । ପୁଣି ୧୯୬୭ରେ ଏହି ସୀମାନ୍ତ ଅଞ୍ଚଳରେ ଉଭୟ ଦେଶର ସୈନ୍ୟସାମନ୍ତଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । କିନ୍ତୁ ଭାରତ–ଚୀନ ସୀମା ମଧ୍ୟରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (LAC) ଉଭୟ ଦେଶକୁ ପୃଥକ କରିଛି । ପଶ୍ଚିମରେ ଲାଦାଖ ଓ ପୂର୍ବରେ ଅରୁଣାଚଳ ପ୍ରଦେଶ ସନ୍ନିକଟରେ ଏହି ପ୍ରକୃତ ନିୟନ୍ତ୍ରଣ ରେଖା ରହିଛି । ମାତ୍ର ଡେପସାଙ୍ଗ ଓ ଡେମଚୋକ ପ୍ରଭୃତି ସୀମାନ୍ତ ଅଞ୍ଚଳରେ ୨୦୨୪ ଅକ୍ଟୋବର ୨୧ରୁ ସେଠାରେ ପେଟ୍ରୋଲିଂ ବ୍ୟବସ୍ଥା କରାଯିବା ଲାଗି ଉଭୟ ଚୀନ୍ ଓ ଭାରତ ରାଜି ହୋଇଥିଲେ । ଏହା ସତ୍ତ୍ୱେ ସେଠାରେ ଉତ୍ତେଜନା ହ୍ରାସ ପାଇ ପାରିନାହିଁ । ଏବେ ଏହି ସୀମା ବିବାଦ ଦୂର କରିବାକୁ ଉଭୟ ଦେଶ ରାଜି ହେବା ବଡ଼ କଥା । ବିଳମ୍ବ ହେବ ବୋଲି ଚୀନ୍ କହୁ, କିନ୍ତୁ ବିବାଦର ସମାଧାନ ହେବା ଆବଶ୍ୟକ ।

**ସମ୍ପାଦକୀୟ**

ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଥିଲାବେଳେ ଚୀନ୍ ଉପରେ ତାହାର ପ୍ରଭାବ ମଧ୍ୟ ପଡ଼ିଥିଲା । ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ୨୦୦୮–୨୦୦୯ରେ ଚାଇନାର ବାଣିଜ୍ୟ ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଥିଲା । ପୁଣି ୨୦୦୮ରେ ଯୁକ୍ତରାଷ୍ଟ୍ର ଆମେରିକାର ସର୍ବାଧିକ ଟ୍ରେଜେରୀ ବଣ୍ଡ କ୍ରୟ କରିବାରେ ଚାଇନା ଅପ୍ରତିଦ୍ୱନ୍ଦ୍ୱୀ ଦେଶ ଥିଲା, ଯାହାର ମୂଲ୍ୟ ଗୋଟିଏ ଟ୍ରିଲିଅନ୍ ଡଲାର (ଏକ ଲକ୍ଷ କୋଟି ଡଲାର) ଥିଲା । ଉଭୟ ଆମେରିକା ଓ ଚୀନ୍ ପରସ୍ପର ମଧ୍ୟରେ ମତଭେଦ ସତ୍ତ୍ୱେ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ ଥିଲେ । ବିଶ୍ୱ ଅର୍ଥନୀତିରେ ଚୀନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବାକୁ ଉଦ୍ୟମ ଜାରି ରଖିଥିଲା । ପରିସ୍ଥିତି ବଦଳିଗଲା । ଭାରତ ଏବେ ବିଶ୍ୱରେ ଦ୍ରୁତ ଆର୍ଥନୀତିକ ଅଭିବୃଦ୍ଧି ପାଇଁ ଅଗ୍ରଗମନ କରୁଥିବା ପରିଲକ୍ଷିତ ହୋଇଛି । ଭାରତର ଅର୍ଥନୀତି ଏବେ ସ୍ଥିର ଓ ମଜଭୁତ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶରେ ଆର୍ଥିକ ଅଭିବୃଦ୍ଧି ପାଇଁ କେବଳ ଉଦ୍ୟମ କରୁନାହାନ୍ତି, ଦେଶକୁ ଆତ୍ମନିର୍ଭରଶୀଳ କରିବା ଲାଗି ଉଦ୍ୟମ ଆରମ୍ଭ କରି ସଫଳ ମଧ୍ୟ ହୋଇଛନ୍ତି । ତେଣୁ ଚୀନ୍, ଭାରତ ପ୍ରତି ଈର୍ଷାପରାୟଣ ହେବା ସ୍ୱାଭାବିକ । ପାକିସ୍ତାନର ଆତଙ୍କବାଦୀଙ୍କୁ ଧ୍ୱଂସ କରିବା ପାଇଁ ଯେଉଁ 'ଅପରେସନ ସିନ୍ଦୂର' ମୋଦିଜୀ ଆରମ୍ଭ କରିଥିଲେ, ସେଥିରେ ପାକିସ୍ତାନକୁ ଭାରତ ବିରୋଧରେ ଯୁଦ୍ଧ କରିବାକୁ ଚୀନ ମଧ୍ୟ ସାହାଯ୍ୟ ସହଯୋଗ କରିଥିଲା ।

୧୯୬୨ ଅକ୍ଟୋବର ଓ ନଭେମ୍ବରରେ ଭାରତ ଓ ଚୀନ୍ ମଧ୍ୟରେ ସଶସ୍ତ୍ର ଯୁଦ୍ଧ ଆରମ୍ଭ ହୋଇଥିଲା । ସୀମା ବିବାଦ କାରଣରୁ ଏହି ଯୁଦ୍ଧ ହୋଇଥିଲା ବୋଲି କୁହାଯାଇଥାଏ । ୨୦୨୦–୨୧ରେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଯେଉଁ ଯୁଦ୍ଧ ହୋଇଥିଲା, ଭାରତର ୨,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଚୀନ୍ ଦଖଲ କରିଥିଲା ବୋଲି ମଧ୍ୟ ଜଣାଯାଇଛି । ଭାରତ– ଚୀନ ଯୁଦ୍ଧରେ ଭାରତ ଆକାଶୀ ଚୀନ୍ ଅଞ୍ଚଳକୁ ହରାଇଛି । ମାତ୍ର ଏବର ପରିସ୍ଥିତିରେ ଭାରତ ତାହାର ଅର୍ଥନୀତି ଓ ସାମରିକ ଶକ୍ତି ସାମର୍ଥ୍ୟର ଅଭିବୃଦ୍ଧି ପାଇଁ ନିରନ୍ତର ଉଦ୍ୟମ ଜାରି ରଖିବା ସହିତ ସମଗ୍ର ବିଶ୍ୱରେ ଆପଣାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛି । ବୈଦେଶିକ ନୀତି କ୍ଷେତ୍ରରେ ମଧ୍ୟ ଭାରତ ଏବେ ମୁଣ୍ଡ ଟେକି ଚାଲିବାକୁ ଚାହୁଁଛି । ତେଣୁ ଭବିଷ୍ୟତରେ ଏହି ସୀମା ବିବାଦର ସମାଧାନ ଭାରତ କରିବାକୁ ଚାହିଁବ ବୋଲି ମନେ ହେଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ବାରିପଦାର ପ୍ରସିଦ୍ଧ ରଥଯାତ୍ରା



ଦଶରଥ ହେମ୍ବ୍ରମ୍

ରଥ ଓ ଯାତ୍ରା ଏହି ଦୁଇଟି ଶବ୍ଦର ମିଳନରେ ରଥଯାତ୍ରା ଶବ୍ଦ ସୃଷ୍ଟି । 'ରଥ'ର ଅର୍ଥ ହେଲା ଏକ ଉପବେଶନ ଯାତ୍ରା ଏବଂ ଯାତ୍ରା ଅର୍ଥ ହେଲା ଭ୍ରମଣ କରିବା। ଶାସ୍ତ୍ରାନୁସାରେ ଏହା କେବଳ ଦେବ ବିଗ୍ରହମାନଙ୍କ ପାଇଁ ବ୍ୟବହୃତ ଏକପ୍ରକାର ଯାନ । ପ୍ରାଚୀନ କାଳରେ ଦେବବିଗ୍ରହମାନଙ୍କ ଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ଓ ପ୍ରତ୍ୟାଗମନ କରିବା ପାଇଁ ଯେଉଁ ରଥକୁ ବ୍ୟବହାର କରାଯାଉଥିଲା, ସାଧାରଣରେ ତାହାକୁ ରଥଯାତ୍ରା କୁହାଯାଉଥିଲା । କିନ୍ତୁ ପୁରାଣରେ ଏହାର ବ୍ୟବହାର ବିଷୟରେ ଉଲ୍ଲିଖିତ ରହିଥିବାବେଳେ ଐତିହାସିକ ଯୁଗରେ ରାଜାମହାରାଜାମାନେ ମଧ୍ୟ ରଥ ବ୍ୟବହାର କରୁଥିଲେ । ଏ ନେଇ ଅନେକ ଇତିହାସ, ପୁରାଣ ଏବଂ କିମ୍ବଦନ୍ତୀ ରହିଛି, ଏହାକୁ ନେଇ ଅନେକ ସମୟରେ ଆଲୋଚନା ମଧ୍ୟ କରାଯାଇଛି । ତେବେ ଉତ୍କଳୀୟ ଐତିହ୍ୟ ଓ ସଂସ୍କୃତି ଅନୁସାରେ ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀଠାରେ ପାଳିତ ହେଉଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସ୍ୱତନ୍ତ୍ରତା ବଜାୟ ରଖିଥିବାବେଳେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ମୟୂରଭଞ୍ଜ, ବାରିପଦାର ରଥାଯାତ୍ରା ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହା ପଛରେ ଅନେକ ଇତିହାସ ଓ ପୁରାଣ/କିମ୍ବଦନ୍ତୀ ରହିଛି ।

ମୟୂରଭଞ୍ଜର ଇତିହାସ/ପୁରାଣ/କିମ୍ବଦନ୍ତୀ କୁହେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଅନ୍ୟତମ ଭକ୍ତ ଥିଲେ ପରମ ଧାର୍ମିକ ପ୍ରଜାବତ୍ସଳ ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓ । ପୁରୀ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ପରିକଳ୍ପନାରେ ନିଜ ରାଜ୍ୟ ମୟୂରଭଞ୍ଜର ବାରିପଦାଠାରେ ଶ୍ରୀମନ୍ଦିର ନିର୍ମାଣ କରି ଚତୁର୍ଦ୍ଧାମୂର୍ତ୍ତି ପ୍ରତିଷ୍ଠା ପାଇଁ ସ୍ୱପ୍ନାଦେଶ ହୋଇଥିଲା । ସ୍ୱପ୍ନକୁ ସାକାର କରିବା ପାଇଁ ୧୫୬୫ରେ ମନ୍ତ୍ରୀ ପରିଷଦ, ସୈନ୍ୟସାମନ୍ତ ନେଇ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଗମନ କଲେ । ଶ୍ରୀମନ୍ଦିର ପହଞ୍ଚିବା ପୂର୍ବରୁ ଅଠରନଳା ନିକଟରେ ତତ୍କାଳୀନ ଗଜପତି ମହାରାଜାଙ୍କ ସୀମାନ୍ତ ରକ୍ଷୀବୃନ୍ଦ ରାଜା ଶ୍ରୀଭଞ୍ଜଙ୍କୁ ଅଟକାଇ ଶ୍ରୀକ୍ଷେତ୍ରକୁ ପ୍ରବେଶ ପାଇଁ ବାରଣ କଲେ । ପୁରୀ ଗଜପତିଙ୍କ ବିନା ଆଦେଶରେ ଶ୍ରୀମନ୍ଦିର ପ୍ରବେଶ ନିଷେଧ ବୋଲି କହିଲେ । ମାତ୍ର ଗଜପତି ମହାରାଜଙ୍କ ଅନୁମତି ପାଇ ଦୁଃଖ ପ୍ରକାଶ କଲେ, ଏକା ପ୍ରଭୁଙ୍କୁ ଦର୍ଶନ କରିବାକୁ ମାନ କରି ଅଠରନଳାଠାରେ ମହାପ୍ରଭୁଙ୍କ ଉପାସନା ପୂର୍ବକ ଧ୍ୟାନ ଓ ଧାରଣା ଦେଲେ ଏବଂ ମହାପ୍ରଭୁ ତାଙ୍କୁ ଦର୍ଶନ ଦେଇ ବାରିପଦା ଠାରେ ଏକ ଶ୍ରୀମନ୍ଦିର ନିର୍ମାଣ ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଆଜ୍ଞା ଦେଲେ । ଶ୍ରୀଜଗନ୍ନାଥ ସ୍ୱୟଂ ପ୍ରତ୍ୟହ ପୂଜାର୍ଚ୍ଚନା ପାଇଁ ବାରିପଦା ମନ୍ଦିରରେ ବିଜେ କରିବେ ଏବଂ ତିନିରଥ ନିର୍ମାଣ କରି ରଥଯାତ୍ରା ସମ୍ପନ୍ନ କରିବା ପାଇଁ ମଧ୍ୟ ଆଜ୍ଞା ଦେଲେ । ମହା ଆନନ୍ଦରେ ଭକ୍ତି ଗଦ ଗଦ ଚିତ୍ତରେ ମହାରାଜା ସୈନ୍ୟସାମନ୍ତ ଓ ପାରିଷଦଙ୍କୁ ଧରି ସେଠୁ ଫେରିଲେ । ୧୫୬୮ରେ ଏକ ଶୁଭଲଗ୍ନରେ ମନ୍ଦିର ଗଢ଼ା କାର୍ଯ୍ୟରେ ଯଜ୍ଞ, ପୂଜାପାଠ, ହୋମ ଆଦି ସମ୍ପନ୍ନ କରିମନ୍ଦିର ନିର୍ମାଣକାର୍ଯ୍ୟ ଆରମ୍ଭ କରି ୧୫୭୫ରେ ଶେଷ କରିଥିଲେ । କିନ୍ତୁ ଏହି ସମୟ ମଧ୍ୟରେ ବଙ୍ଗର ନବାବ ସୁଲେମାନ କରାନୀଙ୍କ ଭଗ୍ନୀ ପତି କାଳାଚାନ୍ଦ ରାୟ ଓଡ଼ିଶା ଆକ୍ରମଣକରି ଦେବପୀଠ, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ବହୁବିଧ କ୍ଷତି କରିଥିବା ହେତୁ ପୂଜାପାଠ, ରଥଯାତ୍ରା ଆଦି ୧୫୬୮ରୁ ୧୫୮୦ ପର୍ଯ୍ୟନ୍ତ ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବନ୍ଦ ଥିଲା । ମାତ୍ର ଏହି ସମୟ ମଧ୍ୟରେ ବାରିପଦାଠାରେ ରଥଯାତ୍ରାର ଶୁଭାରମ୍ଭ କରାଯାଇଥିଲା, ଯେଉଁ ସମୟରେ କି ସମଗ୍ର ଉତ୍କଳ ଆଫଗାନ ପଠାଣମାନଙ୍କ ଶାସନାଧୀନ ଥିଲା।



**_ଏହି ସମୟ ମଧ୍ୟରେ ବଙ୍ଗର ନବାବ ସୁଲେମାନ କରାନୀଙ୍କ ଭଗ୍ନୀ ପତି କାଳାଚାନ୍ଦ ରାୟ ଓଡ଼ିଶା ଆକ୍ରମଣକରି ଦେବପୀଠ, ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିରର ବହୁବିଧ କ୍ଷତି କରିଥିବା ହେତୁ ପୂଜାପାଠ, ରଥଯାତ୍ରା ଆଦି ୧୫୬୮ରୁ ୧୫୮୦ ପର୍ଯ୍ୟନ୍ତ ପୁରୀ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବନ୍ଦ ଥିଲା । ମାତ୍ର ଏହି ସମୟ ମଧ୍ୟରେ ବାରିପଦାଠାରେ ରଥଯାତ୍ରାର ଶୁଭାରମ୍ଭ କରାଯାଇଥିଲା, ଯେଉଁ ସମୟରେ କି ସମଗ୍ର ଉତ୍କଳ ଆଫଗାନ ପଠାଣମାନଙ୍କ ଶାସନାଧୀନ ଥିଲା।_**

୧୫୭୫ରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷହେବା ପରେ ଆଷାଢ଼ ଦ୍ୱିତୀୟା ତିଥିରେ ବିଗ୍ରହ ପ୍ରତିଷ୍ଠା କରାଗଲା ଓ ପୂର୍ବ ନିର୍ଦ୍ଦେଶାନୁଯାୟୀ ମହାପ୍ରଭୁଙ୍କ ନାମ ଶ୍ରୀଶ୍ରୀହରିବଳଦେବ ଜିଉ ବିଜେ, ବାରିପଦା ରଖାଗଲା । ସ୍ୱପ୍ନାଦେଶନୁଯାୟୀ ଶ୍ରୀହରିବଳଦେବ ଜିଉଙ୍କ ସହିତ ବିଜେ ଶବ୍ଦ ଯୋଗ କରାଗଲା। କିନ୍ତୁ ଶ୍ରୀକ୍ଷେତ୍ର ରଥଯାତ୍ରା ଆଧାରରେ ଏଠାରେ ସବୁ ରୀତିନୀତି ପାଳିତ ହେଉଥିବାରୁ ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରର ମାନ୍ୟତା ଲାଭ କଲା। ରଥଯାତ୍ରା ସମୟରେ ଘଣ୍ଟଘଣ୍ଟା, ଭେରୀ, ତୂରୀ, କାହାଳୀ ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହେବା ସହିତ ଢୋଲ, ଧୁମ୍ପା, ମାଦଳ, ମୃଦଙ୍ଗ ଓ କରତାଳରେ ବଡ଼ଦାଣ୍ଡ ମୁଖରିତ ହେଉଥିଲା । ଆଦିବାସୀ ସମ୍ପ୍ରଦାୟର ସ୍ତ୍ରୀଲୋକମାନେ ସାମ୍ପ୍ରଦାୟିକ ବେଶଭୂଷା ପିନ୍ଧି ମହାଆନନ୍ଦରେ ନାଚଗୀତ କରି ରଥକୁ ସ୍ୱାଗତ କଲେ । ଏହି ସମୟରେ ସୁସଜ୍ଜିତ ହାତୀ ପିଠିର ପଲାଣ ଉପରେ ବିଜେ କରିଥିଲେ ଭକ୍ତପ୍ରବର ରାଜା ବୈଦ୍ୟନାଥ ଭଞ୍ଜଦେଓ । ସୁସଜ୍ଜିତ ଅଶ୍ୱରେ ରାଜନ୍ୟ ପାରିଷଦ ବର୍ଗ ଆରୋହଣ କରି ଶ୍ରୀହରି ବଳଦେବ, ମା' ସୁଭଦ୍ରା, ଚକ୍ର ସୁଦର୍ଶନଙ୍କ ଜୟଧ୍ୱନି ଦେଲାବେଳେ ଭକ୍ତରାଜା ବୈଦ୍ୟନାଥ ଦେଓ ଜୟଧ୍ୱନି ଦେବାକୁ ଭୁଲି ନ ଥିଲେ । ଯେଉଁଥିପାଇଁ ମୟୂରଭଞ୍ଜବାସୀଙ୍କଘରେ ଘରେ ଜଗନ୍ନାଥ ସଂସ୍କୃତିର ପ୍ରଭାବ ପ୍ରତିଫଳିତ ହୋଇ ଭକ୍ତିସ୍ରୋତରେ ପ୍ରବାହ ପାଇଁ ଭକ୍ତ ରାଜା ବୈଦ୍ୟନାଥ ଭଞ୍ଜଦେୟଙ୍କୁ 'ଭୂମିଭାସ୍କର' ବୋଲି ଅଭିହିତ କରାଯାଏ ।

ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପହଣ୍ଡି ବିଜେ ଠାରୁ ଆରମ୍ଭ କରି ତିନିରଥର ଶ୍ରୀଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ଗୋଟିଏ ଦିନରେ ଅନୁଷ୍ଠିତ ହେଉଥିବା ବେଳେ ରଥଟଣା ସେହିଦିନ ଅନୁଷ୍ଠିତ ନହୋଇ ପର ଦୁଇଦିନ ବ୍ୟାପୀ ବାରିପଦାରେ ରଥଟଣା ଚାଲେ। ରଥଟଣାର ପ୍ରଥମ ଦିନରେ ବଳଭଦ୍ରଙ୍କ ତାଳଧ୍ୱଜ ରଥ



ମାଉସୀମା' ଗୁଣ୍ଡିଚା ଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ ଟଣା ହୋଇଥାଏ ଓ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣାହୋଇ ଅଧା ରାସ୍ତାରେ ରଖାଯାଇଥାଏ । ଦ୍ୱିତୀୟ ଦିନରେ ପ୍ରଥମେ ସୁଭଦ୍ରାଙ୍କ ରଥକୁ ଅବଶିଷ୍ଟ ପଥ ଟଣାଯାଇ ମାଉସୀମା' ମନ୍ଦିର ନିକଟରେ ପହଞ୍ଚାଇ ଦିଆଯାଏ । କିନ୍ତୁ ଏହିଦିନ ଶ୍ରୀଜଗନାଥ/ଶ୍ରୀହରିବଳଦେବ ରଥକୁ ସଂପୂର୍ଣ୍ଣ ଭାବରେ ମନ୍ଦିରଠାରୁ ମାଉସୀମା' ମନ୍ଦିର ପର୍ଯ୍ୟନ୍ତ ଟଣାଯାଏ । ମାତ୍ର ଅନ୍ୟ ନୀତିନିୟମ ସବୁ ଶ୍ରୀକ୍ଷେତ୍ର ନୀତିନିୟମ ଓ ନିର୍ଘଣ୍ଟ ଅନୁଯାୟୀ ସମ୍ପନ୍ନ ହୋଇଥାଏ । ***ଏହି ଦିବସରେ ଯେଉଁ ନିଆରା ପରମ୍ପରା ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ବିଶ୍ୱପ୍ରସିଦ୍ଧି ଲାଭ କରିଛି, ତାହାହେଲା ମା' ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ୧୯୭୫ରୁ କେବଳ ମହିଳାମାନେ ଟାଣିବା ପାଇଁ ସୁଯୋଗ ଦିଆଗଲା । ସେବେଠୁ ପ୍ରତିବର୍ଷ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣିବାର ସୌଭାଗ୍ୟଲାଭ ପାଉଛନ୍ତି ।***

ପୁରୀର ରଥଯାତ୍ରା ପରମ୍ପରାକୁ ସମ୍ମାନ ଦେଇ ଏଠାକାର ତିନିରଥର ଉଚ୍ଚତା କମ ରଖାଯିବା ସହ ଉଭୟ ଶ୍ରୀଗୁଣ୍ଡିଚା ଏବଂ ବାହୁଡ଼ାରେ ରଥଟଣା ଦୁଇ ଦିନ ଧରି ହୁଏ । ତେବେ ସବୁଠାରୁ ବଡକଥା ହେଲା, ମା' ସୁଭଦ୍ରାଙ୍କର ରଥଟାଣିବା ପାଇଁ ରାଜ୍ୟ ବାହାରୁ ବହୁ ଭକ୍ତ ଶ୍ରଦ୍ଧାଳୁ ମହିଳାମାନେ ଏଥିରେ ଅଂଶଗ୍ରହଣ କରି ନିଜକୁ ଧନ୍ୟ ମନେ କରନ୍ତି । ଆଉ ଏକ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ, ଭକ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ରଥକୁ ଟାଣି ଟାଣି ଆଣି ମାଉସୀ ଘରେ ପହଞ୍ଚାଇଥା'ନ୍ତି । ତେବେ ସେମାନଙ୍କୁ ନିରାଶ ନକରିବା ଉଦ୍ଦେଶ୍ୟରେ ରଥ ଉପରୁ ଫୋପଡ଼ା ଯାଇଥାଏ ଶ୍ରଦ୍ଧା ଲଡୁ । ଏହାକୁ ପାଇବା ପାଇଁ ଭକ୍ତ ଶ୍ରଦ୍ଧାଳୁମାନେ ପାଗଳ ହୋଇପଡ଼ିଥାନ୍ତି । ଏହିଭଳି ଏକ ଆଧ୍ୟାତ୍ମିକ ତଥା ପାରମ୍ପରିକ ମହୋତ୍ସବ ବାରିପଦାର ବଡ଼ଦାଣ୍ଡରେ ଜାତି ଧର୍ମବର୍ଣ୍ଣ ନିର୍ବିଶେଷରେ ଜନସମୁଦ୍ରରେ ପରିଣତ ହୋଇପଡ଼େ ।

**ଦୁର୍ନୀତି ନିବାରଣ ଅଧିକାରୀ, ଦୁର୍ନୀତି ନିବାରଣ ବିଭାଗ, ବାଲେଶ୍ୱର ଖଣ୍ଡ, ବାଲେଶ୍ୱର, ମୋ –୯୩୩୭୪୦୪୨୫୪**

## ଏକ ନିରବ ବିପ୍ଳବ:
# ୯୪ କୋଟି ଲୋକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଉଛି ଭାରତ

***** ସାମାଜିକ ସୁରକ୍ଷା ବିସ୍ତାର ୧୯%ରୁ ୬୪.୩%କୁ ବୃଦ୍ଧି**
***** ୩୦.୯୧ କୋଟି ଅସଂଗଠିତ ଶ୍ରମିକ ଇ–ଶ୍ରମ ପୋର୍ଟାଲରେ ପଞ୍ଜିକୃତ**
***** ପିଏମ ସୁରକ୍ଷା ବୀମା ଯୋଜନାରେ ୫୧.୦୬ କୋଟି ଏବଂ ପିଏମ ଜୀବନ ଜ୍ୟୋତି ବୀମା ଯୋଜନାରେ ୨୩.୬୪ କୋଟିରୁ ଅଧିକ ଲୋକ ପଞ୍ଜିକୃତ**
***** ପିଏମ ଶ୍ରମ ଯୋଗୀ ମାନଧାନ ଯୋଜନାରେ ୫୧.୩୫ ଲକ୍ଷ ଶ୍ରମିକ ସାମିଲ**
***** ୩ କୋଟିରୁ ଅଧିକ ମହିଳା ଲକ୍ଷପତି ଦିଦି ରୂପେ ସଶକ୍ତ ହେବାକୁ ଯାଉଛନ୍ତି**
***** ପିଏମ ଆବାସ ଯୋଜନାରେ ୪ କୋଟି ବାସଗୃହ ଆବଣ୍ଟନ**

ନାଗରିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୨୦୧୫ରେ ସାମାଜିକ ସୁରକ୍ଷା ବିସ୍ତାର ମାତ୍ର ୧୯ ପ୍ରତିଶତ ଥିବାବେଳେ ଏହା ୨୦୨୫ରେ ୬୪.୩ ପ୍ରତିଶତକୁ ବୃଦ୍ଧି ପାଇଛି । ବର୍ତ୍ତମାନ ୯୪ କୋଟି ୩୦ ଲକ୍ଷ ଲୋକ ଅତିକମ୍‌ରେ ଗୋଟିଏ ସାମାଜିକ ସୁରକ୍ଷା ଯୋଜନାର ଲାଭ ପାଉଛନ୍ତି । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ମଧ୍ୟ ଭାରତର ଏହି ଅଭୂତପୂର୍ବ ସଫଳତାକୁ ଉଚ୍ଚ ପ୍ରଶଂସା କରିଛି । ଗତ ୧୦ ବର୍ଷ ମଧ୍ୟରେ ଭାରତ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ୪୫ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ଯାହାକି ବିଶ୍ୱସ୍ତରରେ ଏକ ଉଲ୍ଲେଖନୀୟ ବିସ୍ତାର । ନାଗରିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ଚୀନ ପରେ ଭାରତ ଏବେ ଦ୍ୱିତୀୟ ସ୍ଥାନରେ ରହିଛି ।

ଅନ୍ତର୍ଜାତୀୟ ଶ୍ରମ ସଂଗଠନର ପରିଭାଷା ଅନୁଯାୟୀ, କୌଣସି ସମାଜ ଏହାର ନାଗରିକ ଓ ପରିବାରକୁ ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟ ସେବା ଉପଲବ୍ଧତା ଏବଂ ଆୟ ସୁରକ୍ଷା ଗ୍ୟାରେଣ୍ଟିକୁ ସାମାଜିକ ସୁରକ୍ଷା କୁହାଯାଏ । ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ସାମାଜିକ ସୁରକ୍ଷା ଅଧୀନରେ ଆସିଥାଏ । ଭାରତରେ ମନରେଗା, ଇପିଏଫଓ, ଇଏସଆଇସି, ଅଟଳ ପେନସନ ଯୋଜନା, ପିଏମ ପୋଷଣ ଭଳି ୩୪ଟି ପ୍ରମୁଖ କେନ୍ଦ୍ରୀୟ ଯୋଜନା ଜରିଆରେ ନାଗରିକଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଲାଭ ପ୍ରଦାନ କରାଯାଉଛି ।

ଭାରତରେ ୫୦ କୋଟିରୁ ଅଧିକ ଶ୍ରମିକ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଅସଂଗଠିତ କ୍ଷେତ୍ରରେ କାମ କରନ୍ତି । ସେମାନଙ୍କ ହିତରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ୨୯ଟି ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମ ସଂହିତା କାର୍ଯ୍ୟକାରୀ କରିଛନ୍ତି । ନୂତନ ଭାରତର ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ସଂହିତା ପ୍ରଣୟନ କରାଯାଇଛି । ଡିଜିଟାଲ ଓ ଆର୍ଥିକ ଆଧାର ନିର୍ମାଣ ପାଇଁ ମଧ୍ୟ ଅନେକ ଯୋଜନା ପ୍ରଣୟନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ ବ୍ୟାଙ୍କ ସେବାରୁ ବଞ୍ଚିତ ୫୫.୬୪ କୋଟି ଲୋକଙ୍କର ବ୍ୟାଙ୍କ ଖାତା ଖୋଲାଯାଇଛି । ୧୪୨ କୋଟି ଆଧାର କାର୍ଡ ଏକକ ଡିଜିଟାଲ ପରିଚୟ ବ୍ୟବସ୍ଥା ଯୋଗାଇ ଦେବା ସହିତ ଠିକ୍ ଲୋକଙ୍କ ପାଖରେ ସରକାରୀ ଯୋଜନାର ଠିକ୍ ଲାଭ ପହଞ୍ଚାଉଛି ।

ଡିବିଟି ଜରିଆରେ ପ୍ରକୃତ ହିତାଧିକାରୀଙ୍କୁ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚି ପାରୁଛି । ଏହାଦ୍ୱାରା ୩.୪୮ ଲକ୍ଷ କୋଟି ଟଙ୍କା ସରକାରୀ ଅର୍ଥ ସଞ୍ଚୟ ହୋଇପାରୁଛି । ୨୦୨୫ ସୁଦ୍ଧା ଦେଶର ୯୯.୬ ପ୍ରତିଶତ ଭାଗରେ ୫–ଜି ସେବା ପହଞ୍ଚିଛି । ଇଣ୍ଟରନେଟ୍ ଡାଟା ଦର ଗତ ଏକ ଦଶନ୍ଧି ମଧ୍ୟରେ ପ୍ରତି ଜିବି ପିଛା ୩୦୮ ଟଙ୍କାରୁ ୯.୩୪ ଟଙ୍କାରେ ପହଞ୍ଚିଛି ।

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା କମ ଆୟ ବର୍ଗର ନାଗରିକଙ୍କୁ ଦୁର୍ଘଟଣା ବୀମା ଯୋଗାଇ ଦେଉଛି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୫୧.୬ କୋଟି ଲୋକ ସାମିଲ ହୋଇଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ବାର୍ଷିକ ୨ ଲକ୍ଷ ଟଙ୍କାର ନବୀକରଣଯୋଗ୍ୟ ଜୀବନ ବୀମା ଯୋଗାଇ ଦେଉଛି ତାହା ପୁଣି ବାର୍ଷିକ ମାତ୍ର ୪୩୬ ଟଙ୍କାର ପ୍ରିମିୟମରେ । ମେ ୨୦୨୫ ସୁଦ୍ଧା ଏହି ଯୋଜନାରେ ୨୩ କୋଟି ୬୪ ଲକ୍ଷ ଲୋକ ସାମିଲ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ୬୦ ବର୍ଷ ବୟସ ପରେ ମାସିକ ୩ହଜାର ଟଙ୍କାର ପେନସନ ଯୋଗାଇ ଦେବାକୁ ଉଦ୍ଦିଷ୍ଟ । ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୧ କୋଟି ୩୫ ଲକ୍ଷରୁ ଅଧିକ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି । କର୍ମଚାରୀ ଭବିଷ୍ୟନିଧି ସଂଗଠନ ଇପିଏଫଓରେ ୧୯.୧୪ ଲକ୍ଷ ନୂଆ ପଞ୍ଜୀକରଣ ସହିତ ମୋଟ୍ ସଦସ୍ୟଙ୍କ ସଂଖ୍ୟା ୧.୨୯ କୋଟିକୁ ବୃଦ୍ଧି ପାଉଛି ।

ଲକ୍ଷପତି ଦିଦି ଯୋଜନାରେ ୩ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ପିଏମ ଉଜ୍ଜ୍ୱଳା ଯୋଜନାରେ ୧୦.୩୩ କୋଟି ପରିବାରକୁ ମାଗଣା ଗ୍ୟାସ ସଂଯୋଗ ଯୋଗାଇ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪ କୋଟି ବାସଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାରେ ୯୨.୭୨ ଲକ୍ଷ ଆବାସ ଯୋଗାଇ ଦିଆଯାଇଥିବା ବେଳେ ଏଥିମଧ୍ୟରୁ ୯୦ ଲକ୍ଷ ବାସଗୃହର ମାଲିକ ମହିଳା । ପିଏମ ଗ୍ରାମୀଣ ଆବାସ ଯୋଜନାରେ ୨.୭୭ କୋଟି ବାସଗୃହ ଯୋଗାଇ ଦିଆଯାଇଥିବା ବେଳେ ଏମାନଙ୍କ ମଧ୍ୟରୁ ୬୦ ପ୍ରତିଶତ ବାସଗୃହ ଏସସି,ଏସଟି ଏବଂ ୨୫.୨୯ ପ୍ରତିଶତ ମହିଳା ହିତାଧିକାରୀ ଅଛନ୍ତି ।

ଇ–ଶ୍ରମ ପୋର୍ଟାଲରେ ୫୩.୭୭ ପ୍ରତିଶତ ମହିଳା ଶ୍ରମିକଙ୍କ ସମେତ ୩୦.୯୧ କୋଟି ଅସଂଗଠିତ କ୍ଷେତ୍ରର ଶ୍ରମିକ ପଞ୍ଜୀକରଣ କରିଛନ୍ତି । ଅଟଳ ପେନସନ ଯୋଜନାରେ ଅସଂଗଠିତ ଶ୍ରମ କ୍ଷେତ୍ରର ୭.୨୫ କୋଟି ହିତାଧିକାରୀ ପଞ୍ଜୀକରଣ କରିଥିବା ବେଳେ ୪୩ ହଜାର ୩୭୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ସୃଷ୍ଟି କରାଯାଇଛି । ପିଏମ ବିଶ୍ୱକର୍ମା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୨୩.୭ ଲକ୍ଷରୁ ଅଧିକ କାରିଗର ଆର୍ଥିକ ପ୍ରୋତ୍ସାହନ ରାଶି ଏବଂ ଟୁଲକିଟ୍ ପାଇଛନ୍ତି ।

ଏବେ ସୁଦ୍ଧା ୪୧.୨୯ କୋଟି ଆୟୁଷ୍ମାନ କାର୍ଡ ଜାରି କରାଯାଇଛି ଯାହା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟବୀମା ମିଳିପାରୁଛି । ସାରା ଦେଶରେ ୩୨ ହଜାରରୁ ଅଧିକ ହସ୍ପିଟାଲ ଏଥିରେ ପଞ୍ଜିକୃତ ହୋଇଛନ୍ତି । ୭୭ କୋଟି ନାଗରିକଙ୍କର ଆୟୁଷ୍ମାନ ଭାରତ ଡିଜିଟାଲ ଆକାଉଣ୍ଟ ଖୋଲାଯାଇ ସେଥିରେ ସେମାନଙ୍କର ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ରେକର୍ଡ ରଖାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୮୦ କୋଟି ୬୭ ଲକ୍ଷରୁ ଅଧିକ ଲୋକ ମାଗଣାରେ ଖାଦ୍ୟଶସ୍ୟ ପାଇପାରୁଛନ୍ତି । ଦିବ୍ୟାଙ୍ଗଜନ, ତୃତୀୟ ଲିଙ୍ଗୀ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି ।

**(ପି.ଆଇ.ବି. ସୌଜନ୍ୟରୁ)**

# ଅପରାଧବୋଧ

**ମନୋଜ କୁମାର ବେହେରା**

ଅପରାଧବୋଧ ଗୋଟିଏ ସମ୍ବେଦନାତ୍ମକ ମନୋଭାବ, ଯାହା ଅପରାଧୀ ମନରେ ଗ୍ଲାନି ରୂପରେ ଉତ୍ପନ୍ନ ହୋଇକରି ଅପରାଧକୁ ରୋକିବାର କାମ କରିଥାଏ । ସେଥିପାଇଁ ଅପରାଧର ସହିତ ଏହାର ଘନିଷ୍ଠ ସମ୍ବନ୍ଧ ଥାଏ । ଅପରାଧବୋଧର ଉତ୍କୃଷ୍ଟତମରୂପ ତାହା ଅଟେ, ଯାହା ଅପରାଧକୁ ପ୍ରଥମେ ହିଁ ମନରେ ଉତ୍ପନ୍ନ ହୋଇକରି ଅପରାଧ ଭାବକୁ ସମାପ୍ତ କରି ଦେଇଥାଏ । ସମ୍ବେଦନାରେ ଅପରାଧବୋଧର ମାତ୍ରା ଅଧିକ ହୋଇଥାଏ । ଅତଃସେଥିରେ ଅପରାଧର ପ୍ରବୃତ୍ତି ଦେଖା ଯାଏନି । ଅପରାଧର ସର୍ବାଧିକ ପ୍ରବୃତ୍ତି ସମ୍ବେଦନଶୂନ୍ୟ ଲୋକଙ୍କଠାରେ ହୋଇଥାଏ, କାହିଁକି ତାକୁ ଅପରାଧର ପୀଡାର ଅନୁଭବ ହୋଇ ନଥାଏ । ଆଜି ଅପରାଧରେ ହେଉଥିବା ବୃଦ୍ଧି ସମ୍ବେଦନାହୀନତା ଆଉ ଅପରାଧବୋଧର ହ୍ରାସର ପରିଣାମ ଅଟେ, ଯାହା ଗଭୀର ଚିନ୍ତାର ବିଷୟ ଅଟେ । ଅପରାଧବୋଧ ଗୋଟିଏ ସୁସ୍ଥ ମାନବୀୟ ଗୁଣ ଅଟେ । ଯାହା ଆତ୍ମସୁଧାରର ପ୍ରକ୍ରିୟାକୁ ବଢେଇକରି ଅପରାଧିକ ପ୍ରବୃତ୍ତି ଉପରେ ଅଙ୍କୁଶ ଲଗେଇ ଥାଏ । ଅତଃ ସମସ୍ତଙ୍କଠାରେ ଏହାର ହେବା ଆବଶ୍ୟକ ଅଟେ । କିନ୍ତୁ ଏହା ସାମାନ୍ୟରୁ ଅଧିକ ହେଲା ପରେ ବିଚାର ମଧ୍ୟ ପାଲଟିଯାଏ । ପରେ ଅବସାଦକୁ ଜନ୍ମ ଦେଇକରି ଆତ୍ମହତ୍ୟା ଭଳି ଘୃଣିତ ଅପରାଧର କାରଣ ହୋଇଥାଏ । କ୍ରୋଧ ଅପରାଧବୋଧରେ ବଡ ବାଧକ ହୋଇଥାଏ, ଯାହା ଅନେକ ଥର ସମ୍ବେଦନଶୀଳ ବ୍ୟକ୍ତିଙ୍କୁ ନ ଚାହିଁକରି ମଧ୍ୟ ଅପରାଧ କରେଇ ଦେଇଥାଏ । କ୍ରୋଧ ଶାନ୍ତ ହେଲା ପରେ ବଢିଥିବା ଅପରାଧବୋଧରୁ ସେହି ବ୍ୟକ୍ତି ନିଜର ଅନିଷ୍ଟକରି ଦେଇଥାଏ । ଏହି ଅପରାଧବୋଧ ଘୃଣିତ ରୂପରେ ହୋଇଥାଏ, ଯାହା ହେବା କଥା ନୁହେଁ । ଅତଃକ୍ରୋଧ ଉପରେ ନିୟନ୍ତ୍ରଣ ଜରୁରୀ ଅଟେ । ଅପରାଧବୋଧ ସେହି ସୂକ୍ଷ୍ମ ଅର୍ନ୍ତଦୃଷ୍ଟି ଅଟେ, ଯାହା ମାନବକୁ ମହାନ ବନେଇଥାଏ । ଏଥିରୁ ସମାଜକୁ ଅପରାଧ ମୁକ୍ତ କରାଯାଇ ପାରିବ । ଧର୍ମରେ ନିଷ୍ଠା ଏବଂ ଅଧର୍ମର ଭୟ ଅପରାଧ ବୋଧ ଜାଗୃତ କରେଇବାରେ ସହାୟକ ହୋଇଥାଏ । ବୁଦ୍ଧ, ମହାବୀର, ଗାନ୍ଧି ଆଦି ମହାପୁରୁଷମାନେ ମଧ୍ୟ ସତ୍ୟ, ଅହିଂସା, ଦୟା, କରୁଣା, ମମତା ଆଦି ଯେଉଁ ମାନବତାକୁ ପୋଷକତତ୍ତ୍ୱରେ ଧର୍ମର ରୂପରେ ପ୍ରତିଷ୍ଠାବାନ କରେଇଛନ୍ତି, ସେମାନଙ୍କର ଆସିବା ଦ୍ୱାରା ଅପରାଧବୋଧ ସ୍ୱୟଂ ହିଁ ଜାଗୃତ ହୋଇଥାଏ ।

**ବାୟାବାବା ମଠ ଲେନ୍, ଭୁବନେଶ୍ୱର,ମୋ–୭୯୭୮୮୩୦୬୧୧**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟରେ...

କରାଯାଇଛି । ଏହି ଘଟଣାକୁ ବିରୋଧ କରି ମାଲକାନଗିରିରେ ଓଏଏସ୍ ଅଧିକାରୀ ଛୁଟିରେ ଯାଇଛନ୍ତି । ଅନାସ୍ଥା ଭୋଟ ଗ୍ରହଣ ହୋଇପାରିଲାନି । ପଡିଆ ବ୍ଲକ ଅଧକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା । ଅନାସ୍ଥା ପ୍ରସ୍ତାବ ନେଇ ବୁଧବାର ଭୋଟ ଗ୍ରହଣ ହୋଇଥାନ୍ତା । କୌଣସି ଅଧିକାରୀ ନଆସିବାରୁ ଜନପ୍ରତିନିଧି ହତାଶ ହୋଇଥିଲେ । ଔପଚାରିକ ଭାବେ ନୂତନ ତାରିଖ ଘୋଷଣା ଦାବି ନେଇ ଜନପ୍ରତିନିଧି ଅଡ଼ି ବସିଥିଲେ ।

ସେହିପରି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଖାଁ ଖାଁ ଦେଖିବାକୁ ମିଳିଛି । ସବୁ ଅଫିସରଙ୍କ ସମୂହ ଛୁଟିରେ ଯାଇଛନ୍ତି । କାର୍ଯ୍ୟାଳୟରେ ଏକୁଟିଆ ଜିଲ୍ଲାପାଳ ବସିଛନ୍ତି । ଓଏଏସ୍ ଏବଂ ଓଆରଏସ୍ ସଂଘର ଆନ୍ଦୋଳନ ଯୋଗୁ ସ୍ଥିତି ଅସମ୍ଭାଳ ରହିଛି । ବିନା ଅଧିକାରୀଙ୍କ ଉପସ୍ଥିତିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଛି ।

## ତିନି...

ଉପସ୍ଥିତ ଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ, ଘଟଣା ପଛରେ ଥିବା ମୁଖ୍ୟ ଆସାମୀକୁ ଛଡ଼ା ଯିବନି । ଜିଏ ବି ଏ କାଣ୍ଡ କରେଇଛି କାହାକୁ ଛଡ଼ା ଯିବନି । ସମସ୍ତଙ୍କୁ ଗିରଫ ସହିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଅପ୍ରୀତିକର ପରିସ୍ଥିତି ନହେବା କଥା ହୋଇଯାଇଛି । କଲମ ଛାଡ଼ ଆନ୍ଦୋଳନର ସମାଧାନ ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ବିଏମସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ଓଏଏସ୍ ସଂଘ ମୁଖ୍ୟ ସଚିବ ମନୋଜ ଆହୁଜାଙ୍କୁ ଭେଟି ତିନି ଦଫା ଦାବି ସମ୍ବଳିତ ଦାବିପତ୍ର ଦେଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ ହୋଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ମାଡ଼ ମରା ଘଟଣା ପଛରେ ଜଗନ୍ନାଥ ପ୍ରଧାନଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଗିରଫ ଦାବି କରାଯାଇଥିବା ବେଳେ ଆକ୍ରମଣ ବ୍ୟକ୍ତି ଉପରେ ନୁହେଁ, ସାଧାରଣ ସେବା ବ୍ୟବସ୍ଥା ଉପରେ ହୋଇଛି । ଜିଲ୍ଲାରେ କାର୍ଯ୍ୟରତ ତହସିଲଦାର, ଉପଜିଲ୍ଲାପାଳ, ବିଡିଓ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପର୍ଯ୍ୟାପ୍ତ ସୁରକ୍ଷା ଦେବାକୁ ଦାବି କରାଯାଇଛି । ସରକାର ଏହି ଘଟଣାକୁ ଗୁରୁତର ସହ ହୃଦୟଙ୍ଗମ କରି ସରକାରୀ ଅଧିକାରୀଙ୍କ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦିଅନ୍ତୁ । ଦାବିପୂରଣ ନହେବା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଓଏଏସ୍ ଅଫିସର ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି ଓଏଏସ୍ ସଂଘ ।

ଏହି ଘଟଣାରେ ଓଏଏସ୍ ସଂଘକୁ ଓଆରଏସ୍ ସଂଘ ଏଥିରୁ ସାମୟିକ ଭାବେ ଓହରିଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅନୁରୋଧ ରକ୍ଷା କରି ଓଆରଏସ୍ ଅଧିକାରୀମାନେ ଜରୁରୀ ସେବାରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାଜସ୍ୱ ମନ୍ତ୍ରୀଙ୍କ ଅନୁରୋଧ ଅନୁସାରେ ରଥଯାତ୍ରା ଓ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି । କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ଦାବି ପୂରଣ ନହେବା ଯାଏ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ସୂଚନା ଦେଇଛନ୍ତି । ଓଆରଏସ୍ ସଂଘ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଏକ ବୈଠକରେ ଆଲୋଚନା କରିଥିଲେ । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମଧ ଉପସ୍ଥିତ ଥିଲେ ।

## 'ଆଲୋଚନା କଲି...

ବଢ଼ାଇ ଦିଆଯାଇଥିଲା । ସୁରକ୍ଷା ପାଇଁ ଦୁଇ ପ୍ଲାଟୁନ୍ ପୋଲିସ ଥାନାରେ ମୁତୟନ ହୋଇଥିଲେ । ଜଗନ୍ନାଥ ଦଳରୁ ଇସ୍ତଫା ଦେଇ ଆତ୍ମସମର୍ପଣ କରିପାରନ୍ତି ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା । ମାତ୍ର ସେଭଳି କିଛି ଘଟିଲା ନାହିଁ । ଏହାପରେ ଓଏଏସ୍ ସଂଘର ପରବର୍ତ୍ତୀ ପଦକ୍ଷେପ ଓ ଆଇନର ପଦକ୍ଷେପ ଉପରେ ସଭିଙ୍କ ନଜର ରହିଛି । ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଆଲୋଚନା ଯାହା ହେଲା ତାହା ପ୍ରଘଟ କରିହେବନାହିଁ ଯାହା ନିଷ୍ପତ୍ତି ନେବେ ସରକାର ।

## ବାହୁଡ଼ା...

ମହାପ୍ରଭୁଙ୍କ ଲୀଳାଖେଳା ସରି ସରି ଆସୁଛି ବାହୁଡ଼ା ଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି ପ୍ରଥା ଓ ପରମ୍ପରା ଅନୁଯାୟୀ ହେରାପଞ୍ଚମୀ ପରଦିନ ଅର୍ଥାତ୍ ଆଜି ତିନି ରଥ ଦକ୍ଷିଣମୋଡ କରାଯାଇଥିବା ବେଳେ ଗୁଣ୍ଡିଚା ମନ୍ଦିରରେ ନବମୀ ସନ୍ଧ୍ୟା ଦର୍ଶନ ନେଇ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ସେହିପରି ବାହୁଡ଼ା ଯାତ୍ରା ଓ ସୁନାବେଶରେ ପ୍ରବଳ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ଥିବାରୁ ସେନେଇ ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଉଛି । ଆସନ୍ତା ୫ ତାରିଖରେ ବାହୁଡ଼ାଯାତ୍ରା ଏ ଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ଏ ନବଦିନାତ୍ମକ ଘୋଷଯାତ୍ରାରେ ଆସିଥିବା ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିରରେ ଆଜି ସମସ୍ତ ନୀତିକାନ୍ତି ସରି ସକାଳ ଧୂପ ସରିବା ପରେ ଘଣ୍ଟ, କାହାଳୀ, ଛତ୍ରି ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନିରଥ ନିକଟକୁ ଆସିବା ପରେ ଆରମ୍ଭ ହୋଇଥିଲା ରଥଶୋ। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ଦକ୍ଷିଣମୋଡ କରାଯାଇଥିଲା । ଏହା ପୂର୍ବରୁ ଭୋଇ ସେବକଙ୍କ ଦ୍ୱାରା ରଥର ଚକ୍ର ଓ ଦଉଡି ସଂଯୋଗ କରାଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ଦକ୍ଷିଣମୋଡ ପାଇଁ ଅସ୍ଥାୟୀ ବାଲି ବିଛାଯାଇଥିଲା । ବିଜେ କାହାଳୀ ବାଜିବା ପରେ ଆଉଷ୍ଠା ବାହିନୀଙ୍କ ଦ୍ୱାରା ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ପରେ ବଳଭଦ୍ରଙ୍କ ରଥ ଦକ୍ଷିଣମୋଡ଼ ହୋଇଥିଲା । ରଥ ଦକ୍ଷିଣମୋଡ଼ ସମୟରେ ରଥ ଦଉଡ଼ି ଟାଣିବା ପାଇଁ ଭକ୍ତ ,ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ପ୍ରକାଶ ପାଇଥିଲା ।

## ଚାଣି...

ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ ଗତ ସୋମବାର ସକାଳ ୮.୧୫ରୁ ୮.୩୫ ମଧ୍ୟରେ ଫାର୍ମା କମ୍ପାନୀର କେମିକାଲ ଭର୍ତ୍ତି ଟ୍ୟାଙ୍କର ଫାଟିବାରୁ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ପରେ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯାଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତକଙ୍କ ଶରୀର ୧୦୦ ମିଟର ଦୂରକୁ ଉଡ଼ି ଯାଇଥିଲା । ତେଲେଙ୍ଗାନା ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ ମୃତକଙ୍କ ମଧ୍ୟରେ ଅନେକ ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରବାସୀ ଅଛନ୍ତି ।

## ୫ ଲକ୍ଷ...

ବର୍ଷ ମଧ୍ୟରେ କେବଳ ୨,୭୯,୦୦୯ ଜଣ କ୍ଷୁଦ୍ର ଜମାକାରୀଙ୍କୁ ମାତ୍ର ୧୧୯ କୋଟି ଟଙ୍କା ଫେରସ୍ତ କରାଯାଇଥିଲା ।

## ରେଳଧାରଣା...

ରେଳଧାରଣାରୁ ମାଟି ସଫା କରାଯିବାକୁ ତ୍ୱରିତ ପଦକ୍ଷେପ ନିଆଯାଇଛି । ଯଥା ଶୀଘ୍ର ରେଳଲାଇନରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି ।

ପୂର୍ବତଟ ରେଳପଥର ୱାଲଟେୟର ଡିଭିଜନର ବରିଷ୍ଠ ପ୍ରବନ୍ଧକ (ବ୍ୟବସାୟିକ) କେ ସନ୍ଦୀପ କହିଛନ୍ତି, ବର୍ଷା ଯୋଗୁଁ କୋରାପୁଟ-କିରଣ୍ଡୁଲ ଲାଇନର ମାଲିଗୁଡ଼ା-ଜରତି ଷ୍ଟେସନ ମଝିରେ ଭୂସ୍ଖଳନ ହୋଇଛି । ଏହି ଅଘଟଣ ଯୋଗୁଁ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ରେଳବାଇର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଉଦ୍ଧାରକାର୍ଯ୍ୟ ଜାରି ରହିଛି । ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ଆଜି ପାଇଁ ଜଗଦଲପୁରରୁ ବାତିଲ କରାଯାଇଛି । ସେହିପରି ଟ୍ରେନ୍ ନମ୍ବର ୧୮୫୧୬ କିରଣ୍ଡୁଲ-ବିଶାଖାପାଟଣା ରାତ୍ରିକାଳୀନ ଏକ୍ସପ୍ରେସ୍ ଆଜି ପାଇଁ କିରଣ୍ଡୁଲରୁ ବାତିଲ କରାଯାଇଛି ।

## ଗାଁ ଦାଣ୍ଡରେ...

ହୋଇଛି । ପ୍ରବଳ ବନ୍ୟା ଜଳ ଆସିବା ଦ୍ୱାରା ଭଦ୍ରକ ବେନ୍ତାଳ,ଖଣ୍ଡତା,ଅର୍ଣ୍ଣପାଳ ଏବଂ ବିଷ୍ଣୁପୁର,ଗୁଜିଦରଡ଼ା ପଞ୍ଚାୟତରେ ଥିବା ଚାଷ ଜମିରେ ପ୍ରବେଶ କରିଛି । ଏହାଭିନ୍ନ ବେନ୍ତାଳ ପଞ୍ଚାୟତର ୫ନମ୍ବର ଏବଂ ୬ନମ୍ବର ୱାର୍ଡ ଘରେ ବନ୍ୟାଜଳ ପ୍ରବେଶ କରିଛି । ନଦୀବନ୍ଧ ଉପରେ ଏବଂ କେନାଲ ବନ୍ଧ ଭାଙ୍ଗି ପାଣି ଗାଁ ଭିତରେ ପ୍ରବେଶ କରିଛି । ଅନ୍ୟପକ୍ଷରେ ଭଦ୍ରକ ବିଧାୟକ ସାଂଶୁ ଶେଖର ମହାପାତ୍ର ଆଜି ସାଲନ୍ଦୀ କେନାଲ ଡିଭିଜନର ଅଧକ୍ଷଣ ଯନ୍ତ୍ରୀଙ୍କୁ ନେଇ ବନ୍ୟାଂଚଳ ଗସ୍ତ କରିବା ସହିତ ନଦୀ ବନ୍ଧର ସ୍ଥିତି ଦେଖି ତୁରନ୍ତ ଦୁର୍ବଳ ନଦୀ ବନ୍ଧ ଓ ଭାଙ୍ଗି ଯାଇଥିବା କେନାଲ ବନ୍ଧରେ ବାଲି ବସ୍ତା ପକାଇ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିପନ୍ନ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ଦେଖି ବ୍ୟାବସ୍ଥା କରିବାକୁ କହିଛନ୍ତି ବିଧାୟକ ସାଂଶୁ ମହାପାତ୍ର । ବିଭିନ୍ନ ଗାଁ ଭିତରେ ବନ୍ୟାପାଣି ପ୍ରବେଶ କରି ନାହିଁ ନଥିବା ଅସୁବିଧା ସୃଷ୍ଟି କରିଛି । ତେଣୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଆଜି ବନ୍ୟାଂଚଳ ଗସ୍ତ କରି ବାସ୍ତବ ସ୍ଥିତି ଦେଖିଥିଲେ । ସେ ପ୍ରଥମେ ଖଣ୍ଡତା ପଞ୍ଚାୟତ ଓ ପରେ ବେନ୍ତାଳ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ବନ୍ୟା ବିପନ୍ନଙ୍କ ସମସ୍ୟାବୁଝିଥିଲେ । ଏପରିକି ନଦୀବନ୍ଧରେ କିପରି ଓଭର ଫ୍ଲୋ ହୋଇ ନଦୀ ଜଳ ଗାଁ ଭିତରକୁ ପ୍ରବେଶ କରୁଛି ତାର ସ୍ଥିତି ମଧ ଦେଖିଥିଲେ । ପରେ ବିପନ୍ନ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଦେବାକୁ ପଞ୍ଚାୟତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବାଲିବସ୍ତା ପକାଇ ନଦୀ ବନ୍ଧର ମରାମତି କରିବାକୁ ମଧ ଜିଲ୍ଲାପାଳ ସାଲନ୍ଦୀ କେନାଲ ଡିଭିଜନକୁ ନିର୍ଦ୍ଦେଶ ଦେବା ସହିତ ପାଣି କମିଗଲେ ଗାଁ ଗାଁରେ ସ୍ୱାସ୍ଥ୍ୟ ଟିମ ପହଂଚିବ । ପାଣିକୁ ବିଶୋଧନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ଆକସ୍ମିକ...

ଏ ନେଇ ଏକ ମଲ୍ଟି ସେଣ୍ଟ୍ରିକ୍ ମ୍ୟାଚ୍‌ଡ କେଶ୍ - କଣ୍ଟ୍ରୋଲ୍ ଷ୍ଟଡି ୨୦୨୩ ମେ ରୁ ଅଗଷ୍ଟ ମଧ୍ୟରେ ଦେଶର ୪୭ ହସ୍ପିଟାଲରେ କରାଯାଇଥିଲା । ଏହି ଅଧ୍ୟୟନ ୨୦୨୧ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ଯାଏ ମଧ ହୋଇଥିବା ମୃତ୍ୟୁର ଅନୁଧ୍ୟାନ କରାଯାଇଥିଲା । ଦ୍ୱିତୀୟ ଅଧ୍ୟୟନ ଯୁବକମାନଙ୍କ ଆକସ୍ମିକ ମୃତ୍ୟୁର କାରଣ ନେଇ ଆଇସିଏମ୍ଆର୍ ପକ୍ଷରୁ ହୋଇଥିଲା । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, କୋଭିଡ଼ ଟିକା ସହ ଏହାର କୌଣସି ସମ୍ପର୍କ ନାହିଁ । ହଠାତ୍ ହୃଦ୍‌ଘାତ ଜନିତ ମୃତ୍ୟୁର କାରଣ ରହୁଥିଲା ଯେ, ବଂଶଗତ ଓ ଜୀବନଶୈଳୀ କୋଭିଡ଼ ପୂର୍ବରୁ ମଧ ଏଭଳି ଦେଖାଯାଉଥିଲା । କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମୟା ଅଭିଯୋଗ କରିଥିଲେ ଯେ, ତାଙ୍କ ରାଜ୍ୟରେ ଯେଉଁ ଅକସ୍ମାତ ମୃତ୍ୟୁ ହେଉଛି ତାହା ପଛରେ କୋଭିଡ଼ ୧୯ ଟିକା ରହିଛି । ଗୋଟିଏ ମାସରେ ହୃଦ୍‌ଘାତ ଯୋଗୁଁ ୨୦ ଜଣଙ୍କ ମୃତ୍ୟୁ ହୋଇଛି । ତେବେ ସ୍ୱାସ୍ଥ୍ୟମନ୍ତ୍ରାଳୟ ପକ୍ଷରୁ ଏହାର ସ୍ପଷ୍ଟିକରଣ ଦିଆଯାଇଛି ।

## ଦଳାଚକଟା...

୫ ଟା ପର୍ଯ୍ୟନ୍ତ ଉନ୍ନୟନ କମିଶନରଙ୍କ ସହ ବୈଠକ କରିବେ ।

ସୂଚନା ଯୋଗ୍ୟ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଥିଲା ବେଳେ ସକାଳୁ ପହଡ଼ ଖୋଲିବା ସମୟରେ ଦଳାଚକଟା ଘଟିଥିଲା । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହାର ତଦନ୍ତ ପାଇଁ ସରକାର ଉନ୍ନୟନ କମିଶନରଙ୍କୁ ଦାୟିତ୍ୱ ଦେଇଛନ୍ତି । ଇତି ମଧ୍ୟ ଉନ୍ନୟନ କମିଶନର ପୁରୀ ଯାଇ କ୍ଷେତ୍ର ଅନୁଧ୍ୟାନ କରି ଫେରିଛନ୍ତି । ତଦନ୍ତ ରିପୋର୍ଟ ଯଥାଶୀଘ୍ର ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଟିପିସିଓଡିଏଲକୁ ସମ୍ମାନଜନକ ଇଣ୍ଡଷ୍ଟ୍ରି ଆୱାର୍ଡ

ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେନ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) କଷ୍ଟ୍‌ମ୍ୟାନେଜମେ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୧୯ ତମ ନେସନାଲ ଆୱାର୍ଡସ୍ ଫର୍ ଏକ୍ସଲେନ୍ସ ଇନ୍ କଷ୍ଟ୍ ମ୍ୟାନେମେ - ୨୦୨୪ ଏବଂ ୮ମ ସିଏମଏ ଆୱାର୍ଡସ୍ - ୨୦୨୪ ରେ ପୁରସ୍କୃତ ହୋଇଛି । ଟ୍ରାନ୍ସମିସନ୍ ଓ ଡିଷ୍ଟ୍ରିବ୍ୟୁସନ୍ ବର୍ଗରେ ଟିପିସିଓଡ଼ିଏଲକୁ ଏହି ଇଣ୍ଡଷ୍ଟ୍ରି ଆଓ୍ୱାର୍ଡ ମିଳିଛି । ନୂଆଦିଲ୍ଲୀରବିଜ୍ଞାନ ଭବନରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ କଷ୍ଟ୍ ମ୍ୟାନେଜମେ ପ୍ରାକଫିସ୍ ଓ ଅପରେସନାଲ୍ ଏକ୍ସଲେନ୍ସ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନକରିଥିବା ସଂସ୍ଥା ଗୁଡ଼ିକୁ ସମ୍ମାନିତ କରାଯାଇଛି । ଟିପିସିଓଡିଏଲ୍ ପକ୍ଷରୁ ସିଏଫ୍‌ଓ ଶ୍ରୀ ହେମନ୍ତ ଗୋୟଲ, ସିଜିଏମ୍ (ଫାଇନାନ୍ସ) ଶ୍ରୀ ଶିବ ପ୍ରସାଦ କର ଏବଂ ସିନିୟର ଜିଏମ୍ (ଫାଇନାନ୍ସ) ସୁଧାଂଶୁକୁମାର ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।ଏହି ସ୍ୱୀକୃତି ଟିପିସିଓଡିଏଲର ଆର୍ଥିକ ଦକ୍ଷତା, ସ୍ୱଚ୍ଛତା ଏବଂ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଦିଗରେ ନିରନ୍ତର ପ୍ରୟାସର ପ୍ରମାଣ ଅଟେ ।ଟିପିସିଓଡିଏଲ୍ କେନ୍ଦ୍ର ଓଡ଼ିଶାର ଜନସାଧାରଣଙ୍କୁ ଭରସାଯୋଗ୍ୟ ଓ ଦକ୍ଷ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ନବସୃଜନ ଓ ନିରନ୍ତରତା ପାଇଁ ପ୍ରତିଶ୍ରୁତିବଦ୍ଧ ।

**AFFIDAVIT**

By virtue of an affidavit sworn before Notary Public ,Kendrapara , dated 15/05/2025 I ,Debaki Nath, W/o Late Adikanda Nath, Vill-Nilikana, Po-Baghilobabanpur, PS-Derabish, Dist-Kendrapara, Pin-754208 declare that I have changed my daughter's name from Ranjita Nath to Bidusmita Nath.Henceforth, she shall be known as Bidusmita Nath for all purposes.

Sd/- Debaki Nath

**AFFIDAVIT**

By virtue of an affidavit before Executive Magistrate I Rajani Rout, aged about-32, W/o- Nirajan Rout of Vill-Ghantiali, P.O. Baniapal, P.S. Binjharpur, Dist-Jajpur that my name is Rajani Rout. I want to change my name from Rajani Rout to Rajani Behera. Henceforth I shall be known as Rajani Behera instead of Rajani Rout for all purposes.

Sd/- Rajani Behera

**PARADIP PORT AUTHORITY**
MARINE DEPARTMENT
No. MD/ACCTS/WK/R-05/2025/828 Date: 26/06/2025
E-TENDER CALL NOTICE (E-TCN) No.MD/ACCTS/WK/R-05/2025/506, dtd.15/04/2025
Name of the Work : Chartering off Green Tug (Green Tug Transition Programme Compliant)- Manning, Operation, Maintenance and Complete Technical Management of Service Provider Owned 01 No.60 T Bollard Pull New Battery Electric Tug for 15 Years at Paradip Port Authority. Estimated cost put to tender for hire charges for one year: Rs.24,47,28,667/- Last date & time of submission of tender through on-line bidding is 15:00 Hours on 21/07/2025. Date & time for opening of Technical Bid is 15:30 hours on dt.22/07/2025. For further details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR/24/2025-2026 dtd.01.07.2025

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No.-111, Dated 17.06.2025, I, **Sujaya Nanda**, aged about 42 years, W/o: Alok Kumar Nanda, resident of At: Gobindpur, Sahaniajpur, Nischintakoili, P.O.: Sahaniajpur, Dist.: Cuttack, Odisha, PIN-754207 do hereby declare that my actual Date of Birth is 07.03.1983 reflected in my Aadhaar Card vide No. 2903 1185 8656 and Service Discharge Book vide No. 51547. But in my Husband's service indian Navy PPO vide No. 09/97/B/S/000601/2014, my Date of Birth has been mentioned as 23.07.1983 instead of 07.03.1983. Henceforth, my Date of Birth may be corrected as 07.03.1983 for all purposes.

**ଦଲିଲ ହଜିଯାଇଛି**

ଆମେ ରତିକାନ୍ତ ଘଡ଼ାଇ, ପିତା : ମନ୍ମଥ କୁମାର ଘଡ଼ାଇ, ସା/ପୋ/ଥାନା : ଗୋପାଳପୁର, ଜିଲ୍ଲା-ବାଲେଶ୍ୱର, ଗତ ତା. ୦୩.୦୬.୨୦୨୫ ରିଖରେ ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ବାଲେଶ୍ୱରଙ୍କ ଠାରେ ଏକ ସତ୍ୟପାଠ ଦ୍ୱାରା ଅବଗତ କରୁଅଛି କି, ଆମର ଅଭିଜିନାଲ ବିକ୍ରୟ ଦଲିଲ ନଂ- ୧୦୧୪୧୪୦୦୨୯୧ ତା. ୨୧.୦୧.୨୦୧୪ ରିଖ, ଯାହାର୍କି ଖାତା ନଂ- ୧୯୫/୨୦୨, ମୌଜା- ଗୋପାଳପୁର ସମ୍ବନ୍ଧିତ ଦଲିଲଟି ଗୋପାଳପୁର ଥାନା ଅନ୍ତର୍ଗତ ଗୋପାଳପୁର ଛକ ରାସ୍ତାରେ ହଜିଯାଇଛି । ଉକ୍ତ ଘୋଷଣାନାମାକୁ ଆମେ ବ୍ୟାଙ୍କରେ ଋଣ ନେବା ସକାଶେ ପେଶ କରିବୁ । ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ ବାବଦରେ ଦାବିଦାର ଅଟନ୍ତି ତେବେ ନୋଟିସ୍ ପ୍ରକାଶନ ହେବାର ବିଂଶ ମଧ୍ୟରେ ଦାବି କରିପାରିବେ ।

ରତିକାନ୍ତ ଘଡ଼ାଇ
ମୋ : ୯୮୫୩୧୯୪୦୧୨

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No.-111, Dated 17.06.2025, I, **Sujaya Nanda**, aged about 42 years, W/o: Alok Kumar Nanda, resident of At: Gobindpur, Sahaniajpur, Nischintakoili, P.O.: Sahaniajpur, Dist.: Cuttack, Odisha, PIN-754207 do hereby declare that my actual Date of Birth is 07.03.1983 reflected in my Aadhaar Card vide No. 2903 1185 8656 and Service Discharge Book vide No. 51547. But in my Husband's service indian Navy PPO vide No. 09/97/B/S000601/2014, my Date of Birth has been mentioned as 23.07.1983 instead of 07.03.1983. Henceforth, my Date of Birth may be corrected as 07.03.1983 for all purposes.

**AFFIDAVIT**

I, Manoj Agrawal, or Manoj Agrawala, S/o Dewdutta Agrawal, resident of At/Po-Tamparsara, Ps- Attabira, Dist- Bargarh, Pin- 768102, Odisha, declare by this affidavit No. 15621 dated 01/07/2025 that from now onwards I shall be known as "MANOJ KUMAR AGRAWAL" for all future purposes.

**AFFIDAVIT**

By virtue of an affidavit sworn before Notary Public ,Kendrapara , dated 01/07/2025 I ,Parbati Behera, W/o Kanduri Behera, Vill-Panasudha, Po-Panasudha, PS-Nikirai, Dist-Jajpur, Pin-754250 declare that I have changed my name from Mata Sahoo to Parbati Behera.Henceforth, I shall be known as Parbati Behera for all purposes.

Sd/- Parbati Behera

**AFFIDAVIT**

I, Dewdutta Agrawal, or Dewdatta Agrawal / Dewdatta Agrawala, S/o Late Satyanarayan Agrawal, resident of At/Po– Tamparsara, Ps– Attabira, Dist– Bargarh, Pin– 768102, Odisha, declare by this affidavit No. 15620 dated 01/07/2025 that from now onwards I shall be known as "DEWDUTTA AGARWAL" for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି) / ଚକ୍ରଧରପୁର ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓପନ ଟେଣ୍ଡର ଲାଗି ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ଲାଗି ମାନୁଆଲ ଅଫରକୁ ଅନୁମତି ଦିଆଯାଉନାହିଁ ଏବଂ ଏଭଳି କୌଣସି ମାନୁଆଲ ଅଫର ଗ୍ରହଣ ହୋଇଥିଲେ ବିଚାରକୁ ନିଆଯିବ ନାହିଁ । କ୍ର.ନଂ., ଇ-ଟେଣ୍ଡର ନୋଟିସ୍ ନଂ ଏବଂ କାର୍ଯ୍ୟର ନାମ ଓ ତାରିଖ ନିମ୍ନରେ ଦିଆଯାଇଛି । ୧ : ୨୯-ଇଏଲ-ଚକ୍ରୁଟି-୨୦୨୫-୨୬ ତାରିଖ : ୦୧.୦୭.୨୦୨୫ । ଝାର୍ସୁଗୁଡ଼ା (ଏଚଏଲଜି) - କଳଦା ରୋଡ୍ (କିଡିଓ) ମଧ୍ୟରେ ଅପ୍ ଥାଣା ଲାଇନରେ ଆଇବିଏସ ବ୍ୟବସ୍ଥା ସକାଶେ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ । ଟେଣ୍ଡର ମୂଲ୍ୟ : ଟ. ୫,୧୬,୩୯୪.୩୪ । ଇଏମଡି : ଟ. ୧୦,୩୦୦/- । ୨ : ୩୦-ଇଏଲ-ଚକ୍ରୁଟି-୨୦୨୫-୨୬ ତାରିଖ : ୦୧.୦୭.୨୦୨୫ । ଏସ୍ଏସଇଇ (ଜି) ଝାରସୁଗୁଡ଼ାଙ୍କ ଅଧୀନରେ ତିନି ବର୍ଷ (୧୦୯୫ ଦିନ) ଅବଧି ପାଇଁ ବିଭିନ୍ନ କମ୍ପାନୀର ନିର୍ମିତ, ଟାଇପ୍ ଏବଂ କ୍ଷମତା ବିଶିଷ୍ଟ ରୁମ୍ ଏୟାର କଣ୍ଡିସନର, ୱାଟର କୁଲର ଓ ରେଫ୍ରିଜରେଟର ଆଦିର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି । ଟେଣ୍ଡର ମୂଲ୍ୟ : ଟ. ୨୨,୯୩,୪୩୧.୭୨ । ଇଏମଡି : ଟ. ୪୫,୯୦୦/- । ୩ : ୩୧-ଇଏଲ-ଚକ୍ରୁଟି-୨୦୨୫-୨୬ ତାରିଖ : ୦୧.୦୭.୨୦୨୫ ଏସ୍ଏସଇଇ (ଜି) ଡିପିଏସ୍ଙ୍କ ଅଧୀନରେ ତିନି ବର୍ଷ ଅବଧି (୧୦୯୫ ଦିନ) ପାଇଁ ବିଭିନ୍ନ କମ୍ପାନୀର ନିର୍ମିତ, ଟାଇପ ଏବଂ କ୍ଷମତା ବିଶିଷ୍ଟ ରୁମ୍ ଏୟାର କଣ୍ଡିସନର, ୱାଟରକୁଲର ଓ ରେଫ୍ରିଜରେଟର ଇତ୍ୟାଦି ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି । ଟେଣ୍ଡର ମୂଲ୍ୟ : ଟ. ୧୯,୩୨,୪୭୯.୦୭ । ଇଏମଡି : ଟ. ୩୮,୭୦୦/- । ୪ : ୩୨-ଇଏଲ-ଚକ୍ରୁଟି-୨୦୨୫-୨୬ ତାରିଖ : ୦୧.୦୭.୨୦୨୫ । ଏସ୍ଏସଇଇ (ଜି) / ବିଏନଡିଏମ ଓ ଏସ୍ଏସଇଇ (ଜି) – ରାଉରକେଲାଙ୍କ ଅଧୀନରେ ତିନି ବର୍ଷ ଅବଧି (୧୦୯୫) ଦିନ ପାଇଁ ବିଭିନ୍ନ କମ୍ପାନୀ ନିର୍ମିତ ଆକାର, ଧରଣର ଏବଂ କ୍ଷମତା ବିଶିଷ୍ଟ ରୁମ୍ ଏୟାରକଣ୍ଡିସନର, ୱାଟରକୁଲର ଓ ରେଫ୍ରିଜରେଟର ଆଦିର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି । ଟେଣ୍ଡର ମୂଲ୍ୟ : ଟ. ୫୨,୩୩,୫୩୦.୫୬ । ଇଏମଡି : ଟ. ୧,୦୪,୨୦୦/- । ୫ : ୩୩-ଇଏଲ-ଚକ୍ରୁଟି-୨୦୨୫-୨୬ ତାରିଖ : ୦୧.୦୭.୨୦୨୫ । ଏସ୍ଏସଇଇ (ଜି) / ସିକେପିଙ୍କ ଅଧୀନରେ ତିନି ବର୍ଷ (୧୦୯୫) ଦିନ ଅବଧି ପାଇଁ ବିଭିନ୍ନ କମ୍ପାନୀ ନିର୍ମିତ ଆକାର, ଧରଣର ଏବଂ କ୍ଷମତା ବିଶିଷ୍ଟ ରୁମ୍ ଏୟାରକଣ୍ଡିସନର, ୱାଟରକୁଲର ଓ ରେଫ୍ରିଜରେଟର ଆଦିର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି । ଟେଣ୍ଡର ମୂଲ୍ୟ : ଟ. ୬୨,୩୬,୦୭୨.୫୮ । ଇଏମଡି : ଟ. ୧,୨୪,୨୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ଟଙ୍କାରେ : ଶୂନ । ବନ୍ଦ / ଖୋଲା ତାରିଖ : ୨୮.୦୭.୨୦୨୫ । ୱେବସାଇଟ http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । ଟେଣ୍ଡରଦାତା/ବିଡରଙ୍କର ଶ୍ରେଣୀ ୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ଥିବା ଆବଶ୍ୟକ ଏବଂ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶ ଗ୍ରହଣ କରିବା ସମୟରେ ସମସ୍ତ ପ୍ରୟୋଜନୀୟ କାଗଜପତ୍ର ଅପଲୋଡ୍ ହୋଇଥିବା ଆବଶ୍ୟକ । (PR-345)

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F. No.-112, Dated 17.06.2025, I, **Pritam Paramjeet Nanda**, aged about 19 years, S/o: Alok Kumar Nanda, resident of At: Gobindpur, Sahaniajpur, Nischintakoili, P.O.: Sahaniajpur, Dist.: Cuttack, Odisha, PIN-754207 do hereby declare that my actual and correct name is Pritam Paramjeet Nanda reflected in my Aadhaar Card-6551 5346 5370 and my educational certificate. In my father's service discharge book vide Sr. No. 61902 my name has been reflected as Pritam P Nanda instead of Pritam Paramjeet Nanda. But Pritam Paramjeet Nanda and Pritam P Nanda is one and same person. Henceforth, I shall be known as **Pritam Paramjeet Nanda** for all purposes.

**OFFICE OF THE SUPERINTENDING ENGINEER**
**RWS&S DIVISION, JAGATSINGHPUR**
Tel. No. 06724-223485, mail-rwssjspur@gmail.com

**e-Procurement Notice**

O-358 : The Executive Engineer, RWS&S Division, Jagatsinghpur on behalf of Governor of Odisha invites Lump Sum/P1 composite bids in Double/Single Cover system in online mode for Execution of RPWS scheme & Sinking of 200mm dia production well on Turnkey basis from eligible Class of contractors.

| | | |
|---|---|---|
| 1. | Name of work | : Execution of RPWS Scheme/200mm dia production well |
| 2. | No. of work | : 04 Nos. |
| 3. | Estimated Cost | : Rs. 6,52,195/- to Rs. 96,32,935/- |
| 4. | Cost of Tender paper | : Rs. 6,000/- Each |
| 5. | Class of Contractor | : 'D','C' & 'B' |
| 6. | Availability of Tender in website | : 08.07.2025 to 19.07.2025 |
| 7. | Submission of Bid in online | : 08.07.2025 to 19.07.2025 |
| 8. | Date of seeking clarification | : 08.07.2025 to 17.07.2025 |
| 9. | Date of opening of bids | : 21.07.2025 (11.00 A.M.) |
| 10. | Name and address of O.I.T. | : Superintending Engineer, RWS&S Division, Jagatsinghpur. |
| 11. | All other details can be seen from the website | : www.tendersorissa.gov.in. |
| 12. | Bid cost of Bid security should be submitted in online mode. | |
| 13. | Subsequent corrigendum/addendum if required shall only be appeared in above website. | |

Sd/- Executive Engineer
RWS&S Divn. Jagatsinghpur
OIPR : 25024/11/0016/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address : semechcircle104@gmail.com
A-357

**e-Procurement Notice-Bid Identification No.- ACEM/MDS-26/2025-26**

| | | |
|---|---|---|
| 1. | Name of the work | : Mechanical Gate Works. |
| 2. | No. of works | : 01 (One) |
| 3. | Category of executors | : SSI Units registered under DIC/NSIC/MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDS-26/2025-26 |
| 5. | Estimated Cost | : Rs. 16,93,548/- |
| 6. | Period of Completion | : 02 (Two) Calendar Months. |
| 7. | Date & time of availability of bid documents in the portal | : From dt. 03.07.2025 (10.00 AM ) to Dt. 14.07.2025 (5.30 PM) |
| 8. | Last date / time for receipt of bid in the Portal | : Dt. 14.07.2025 (up to 5.30 PM) |
| 9. | Date and Place of opening of Bid | : Dt. 15.07.2025 (12.00 Noon onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addendant/Corrigendum/Cancellation Notice shall be uploaded in the aforesaid website only.

Sd/- Addl. Chief Engineer
Mechanical Circle Bhubaneswar
OIPR : 32405/11/0077/2526

**Government of Odisha**
**Office of the Block Development Officer,**
**Panchayat Samiti, Digapahandi**
i-184

**Re-Tender Call Notice No. 02/2025-26**

1. Name of the Scheme : GPLF-2024-25
2. Total No of Works : 2 (Two) Nos of individual works.
3. Estimated Cost : Varies from Rs. 27.39 lakhs to Rs. 27.65 lakhs.
4. Period of Completion : 6 (Six) Calendar Months.
5. Other details as follows :

| Sl. No. | Place of availability of Tender Document | Bid Identification No. | Period of availability of Tender | Period of submission of Tender | Date and Place of opening of Bid |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Block Development Officer Digapahandi, Panchayat Samiti, Digapahandi | 02/25-26 | From 01.07.2025 (10.00 A.M.) To 07.07.2025 (5.00 P.M) | From 01.07.2025 (10.00 A.M.) To 09.07.2025 (5.00 P.M) | 10.07.2025 (11.00 A.M.) In the Office Chamber of the Block Development Officer, Digapahandi |

Bidder are to participate in bidding through register / Speed Post only. Any addendum / corrigendum / cancellation of the tender can be seen in the notice of the Panchayat Samiti, Digapahandi.

Sd/- Block Development Officer
Digapahandi
OIPR : 19435/11/0005/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-951
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୦୮ **ବିଜ୍ଞାପନ** ତା : ୧୮.୬.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ-ଏମ୍.ଆଇ.ଜି-୧/୩ (MIG-1/3), କମ୍ପୋଜିଟ୍ ହାଉସିଂ ସ୍କିମ୍, ଆମପୁଆ, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ସଞ୍ଜୟ କୁମାର ପାତ୍ର, ପିତା-ସ୍ୱର୍ଗତ ବୃନ୍ଦାବନ ପାତ୍ର, ଖୋଡ଼ାସିଙ୍ଗ, ଭରତ ବିହାର, ୨ୟ ଲେନ୍, ପୋ- ଇଞ୍ଜିନିୟରିଂ ସ୍କୁଲ, ବ୍ରହ୍ମପୁର, ଥାନା-ବୈଦ୍ୟନାଥପୁର, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜୟ କୁମାର ପାତ୍ର, ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଏଲ୍. ସରୋଜ କୁମାର ପାତ୍ର, ପିତା- ଏଲ୍. ସୁବାଷ ଚନ୍ଦ୍ର ପାତ୍ର, ସା/ପୋ-ନୂଆଗାଁ, ଆସ୍କା, ଥାନା-ଆସ୍କା, ଜିଲ୍ଲା-ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0697/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-949
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୦୪ **ବିଜ୍ଞାପନ** ତା : ୧୩.୬.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାସନ୍ତୀ କଲୋନୀ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ-ଏ.ଏମ୍.-୧୦୨ (A.M.-102) କୁ (୧) ଶ୍ରୀମତୀ ଲିପିକା ରାଉତରାୟ, ସ୍ୱା-ରଂଜନ ପ୍ରକାଶ ରାଉତରାୟ, କେଶରପୁର, ପୋ/ଥା-ବାଙ୍କିବଜାର, ଜି-କଟକ (୨) ଶ୍ରୀମତୀ ଦୀପିକା ଦାସ, ସ୍ୱା-କଳଙ୍କଭଞ୍ଜନ ଦାସ, ଗ୍ରା-କଟରାପୁର, ପୋ-ମାଧବପୁର, ଥା-କୋରେଇ, ଜି-ଯାଜପୁର (୩) ଶ୍ରୀମତୀ ଗୀତିକା ପଟ୍ଟନାୟକ@ମହାନ୍ତି, ସ୍ୱା-ବଦ୍ରିନାରାୟଣ ମହାନ୍ତି, ଗ୍ରା/ପୋ-ନୋଡା, ଥା-ଗୋବିନ୍ଦପୁର, ଜି-କଟକ (୪) ଶ୍ରୀମତୀ ଚନ୍ଦ୍ରିକା ପଟ୍ଟନାୟକ, ସ୍ୱା-ଆଦିତ୍ୟ ପ୍ରକାଶ ମହାନ୍ତି, ଗ୍ରା-କେଳକସାହି, ଅଲିସା ବଜାର, ପୋ-ଚାନ୍ଦିନୀଚୌକ, ଥା-ଲାଲବାଗ, ଜି-କଟକ (୫) ଶ୍ରୀମତୀ ସାରଣିକା ପଟ୍ଟନାୟକ, ସ୍ୱା-ଶକ୍ତିବ୍ରତ ପଟ୍ଟନାୟକ, ଗ୍ରା-ଅଳଙ୍ଗତା, ପୋ-ମୁନିଦା, ଥା-ଡେଲାଙ୍ଗ, ଜି-ପୁରୀ (୬) ଶ୍ରୀମତୀ ନିହାରିକା ଦାସ ମହାପାତ୍ର, ସ୍ୱା-ସ୍ୱର୍ଗତ ନନ୍ଦ ଦାସ ମହାପାତ୍ର, ଗ୍ରା-ବଉଳପଡା, ପୋ- ଭେଲୋରା, ଥା-ବସ୍ତା, ଜି-ବାଲେଶ୍ୱର (୭) ଶ୍ରୀ ଗୁରୁପ୍ରସାଦ ପଟ୍ଟନାୟକ, ପି-ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗ୍ରା-ଖଡ୍ଡୁଆସାହି, ପୋ/ଥା/ଜି-ପୁରୀ (୮) ଶ୍ରୀ ଦେବପ୍ରସାଦ ପଟ୍ଟନାୟକ, ପି- ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗ୍ରା-ଖଡ୍ଡୁଆସାହି, ପୋ/ଥା/ଜି-ପୁରୀ ତାଙ୍କ ମାତା ସ୍ୱର୍ଗୀୟା ସୀତା ପଟ୍ଟନାୟକଙ୍କ ଉତ୍ତରାଧିକାରୀ ସୂତ୍ରରେ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ନରେନ୍ଦ୍ର ପ୍ରସାଦ, ପି- ଭିଭିଟ୍ ପ୍ରସାଦ, ଗ୍ରା- ପୁନ୍‌ସୀଟୋଲା, ପୋ/ଥା- ଶେରଘାଟି, ଜି-ଗୟା (ବିହାର)ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR : 13030/11/0699/2526

X-

**ଓଡ଼ିଶା ସରକାର**
**ଯୋଜନା ଓ ସଂଯୋଜନ ବିଭାଗ**
******

ସଂଖ୍ୟା-୧ ତା-୦୩.୦୭.୨୦୨୫

**ସାର୍ବଜନୀନ ବିଜ୍ଞପ୍ତି**

ଓଡ଼ିଶା ସରକାରଙ୍କ ଗୃହ(ସ୍ୱତନ୍ତ୍ର ଶାଖା) ବିଭାଗ, ବିଜ୍ଞପ୍ତି ସଂଖ୍ୟା ୧୩୮୯/ସି, ଭୁବନେଶ୍ୱର ତାରିଖ ୨୯.୦୬ .୨୦୨୫ ଅନୁଯାୟୀ, ତା.୨୯.୦୬ .୨୦୨୫ ରେ ପୁରୀର ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଯୋଗୁଁ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିବା ଭଳି ଦୁଃଖଦ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ତଦନ୍ତ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଙ୍କ ଦ୍ୱାରା କରାଯାଉଛି ।

କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ସମ୍ପର୍କରେ କୌଣସି ବ୍ୟକ୍ତି କିମ୍ବା ସଂସ୍ଥା, ଘଟଣାକୁ ନେଇ କୌଣସି ସୂଚନା କିମ୍ବା ତଥ୍ୟ( ଭିଡିଓ ଫୁଟେଜ୍ ସହିତ) ଥିଲେ, ତାହାକୁ ଆସନ୍ତା ତା-୨୦.୦୭.୨୦୨୫ ସୁଦ୍ଧା puritragedy.enquiry@odisha.gov.in ଇ-ମେଲ ଯୋଗେ ପଠାଇବାକୁ ଅନୁରୋଧ କରାଯାଉଛି ।

ଉପରୋକ୍ତ ବ୍ୟବସ୍ଥା ବ୍ୟତୀତ, ଆଗ୍ରହୀ ବ୍ୟକ୍ତିମାନେ ନିମ୍ନଲିଖିତ ସ୍ଥାନ ଏବଂ ସମୟରେ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିମ୍ନ ସୂଚିତ ସ୍ଥାନ ଓ ସମୟରେ ସାକ୍ଷାତ କରିପାରିବେ ।

୧. ରାଜ୍ୟ ଅତିଥି ଭବନ-ଆନେକ୍ସ, ଭୁବନେଶ୍ୱର-ତା-୦୯.୦୭.୨୦୨୫ :
ଅପରାହ୍ଣ-ଘ.୩.୦୦ ମି. ପର ଠାରୁ
୨. ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ(ସ୍ପେଶାଲ ସର୍କିଟ୍ ହାଉସ୍),ପୁରୀ, ତା-୧୦.୦୭.୨୦୨୫ :
ଅପରାହ୍ଣ- ଘ.୩.୦୦ମି. ପର ଠାରୁ

ଅଧିକ ସୂଚନା ପାଇଁ, ଟେଲିଫୋନ୍ ନମ୍ବର- (0674) 2536882/ 2391970 ରେ ଯୋଗାଯୋଗ କରାଯାଇପାରିବ ।

ଅତିରିକ୍ତ ଶାସନ ସଚିବ
OIPR : 50001/11/0006/2526

# ଶ୍ରୀଗୁଣ୍ଡିଚା ମହୋତ୍ସବ: ଭାବରେ ଛନ୍ଦା ଭକ୍ତିରେ ବନ୍ଧା କାଳିଆ ଠାକୁର



କଟକ,(ସବ୍ୟୁ): ଭକ୍ତିରେ ବନ୍ଧା, ଭାବରେ ଛନ୍ଦା । ଅପୂର୍ବ ଲୀଳାମୟ ଅଟେ ସେ କାଳିଆ ଠାକୁର । ଭକ୍ତ ତାଙ୍କର ଲୀଳାକୁ ଜାଣିନପାରି କହିଥାଏ, ଇନ୍ଦ୍ରଧନୁର ସାତ ରଙ୍ଗରେ କଳା ରଙ୍ଗ ଜମା ନାହିଁ, କୋଉଠୁ ଏତେ ଆଣିବି ମୁଁ କଳା, ପ୍ରଭୁ ତୁମେ ହୁଅ କଳା ବୋଲିଛ ବଡ଼ ବିଚିତ୍ର ଅଟେ ଜଗନ୍ନାଥଙ୍କ ଏହି ରଥଯାତ୍ରା । ତାଙ୍କରି ଯାତ୍ରାକୁ ନେଇ ମହାନଦୀ ବିହାର ସ୍ଥିତ ମଙ୍ଗଳାମନ୍ଦିର ଛକରେ ଆୟୋଜିତ ହେଉଅଛି ଶ୍ରୀଗୁଣ୍ଡିଚା ମହୋତ୍ସବ - ୨୦୨୫ । ମହୋତ୍ସବ ଅଭ୍ୟର୍ଥନା କମିଟିର ଅଧକ୍ଷ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ବାଳଙ୍କ ଅଧକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ପଞ୍ଚମ ସନ୍ଧ୍ୟାରେ ଅଧକ୍ଷ ଆଦିତ୍ୟ ବାହିନୀ, ଗୋବର୍ଦ୍ଧନ ପୀଠ, ପୁରୀ ତଥା କଥାକାର ମାତୃ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଶରତ ଚନ୍ଦ୍ର ଦାସ, ପ୍ରମୋଦ ମିଶ୍ର, ଇଂ ଶରତ ପାଣି, ଆଇନଜୀବୀ ଶଶିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ । ପରେ ପରେ ମଞ୍ଚାସୀନ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ଅପରେସନ ସିନ୍ଦୂରରେ ମୁଖ୍ୟ ଭୂମିକା ନିଭାଇଥିବା ମେଜର ଶକ୍ତି ପ୍ରସାଦ ମିଶ୍ର, ପ୍ରଶାସନିକ ଅଧିକାରୀ ଇଂ ସୁବୋଧ ରାଉତରାୟ, କଟକ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ ମହାନ୍ତି ଏବଂ ଡାକ୍ତର ରୁଚି ଗୁପ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପଞ୍ଚମ ସନ୍ଧ୍ୟାରେ କଥାକାର ମାତୃ ପ୍ରସାଦ ମିଶ୍ର ଉପସ୍ଥିତ ଭକ୍ତମଣ୍ଡଳୀଙ୍କୁ ଭକ୍ତ ଭାବରେ ବନ୍ଧା କାଳିଆ ଠାକୁରଙ୍କ ଅବର୍ଣ୍ଣନୀୟ କଥାକୁ ବଖାଣିଥିଲେ ।

ଏହି ସନ୍ଧ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପ୍ରସାଦ ମହାନ୍ତି, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ହିମାଂଶୁ ଷଡ଼ଙ୍ଗୀ, ସରୋଜ ପ୍ରସାଦ ସ୍ୱାଇଁ, ଚତୃର୍ଭୁଜ ମହାପାତ୍ର, ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ଜ୍ଞାନରଞ୍ଜନ ଦାସ, ରାଧାକାନ୍ତ ଶତପଥୀ, ଶରତ ଚନ୍ଦ୍ର କୁଣ୍ଡୁ, ତାପସ ସାମନ୍ତ, ପ୍ରଦୀପ୍ତ ମହାନ୍ତି, ବିଷ୍ଣୁ ପ୍ରସାଦ କର, ପ୍ରମୋଦ ଦାସ, ସୁଶାନ୍ତ ଘୋଷ, ରାକେଶ ତ୍ରିପାଠୀ, ନିରୁପମା ପତି, ଲେନିନପ୍ରଭାଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ବୃନ୍ଦ ଉପସ୍ଥିତ ଥିବା ବେଳେ ଉଲ୍ଲାସ ବେଉରା ମଞ୍ଚ ପରିଚାଳନା କରିଥିଲେ ।

# ରୋଗୀ ସେବାର ପ୍ରାଣ କେନ୍ଦ୍ର ହେଉଛନ୍ତି ନର୍ସ : ସୋଆ ଉପସଭାପତି



ଭୁବନେଶ୍ୱର,(ସବ୍ୟୁ): ସ୍ୱାସ୍ଥ୍ୟ ସେବାରେ ଉତ୍କର୍ଷ ଆଣିବାରେ ନର୍ସମାନଙ୍କର ପ୍ରମୁଖ ଭୂମିକା ରହିଥିବା ବେଳେ ସେମାନେ ରୋଗୀ ସେବାର ପ୍ରାଣ କେନ୍ଦ୍ର ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶାଶ୍ୱତୀ ଦାସ କହିଛନ୍ତି । ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ନର୍ସିଂ କ୍ଷେତ୍ରରେ ଦକ୍ଷ ନେତୃତ୍ୱ ସମ୍ପର୍କିତ ବୁଧବାର ଆୟୋଜିତ ଏକ ମ୍ୟାନେଜମେଣ୍ଟ ଡେଭେଲପ୍‌ମେଣ୍ଟ ପ୍ରୋଗ୍ରାମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମତି ଦାସ ଏହା କହିଥିଲେ । ସ୍ୱାସ୍ଥ୍ୟ ସେବା ପ୍ରଦାନ ଦିଗରେ ସୁରକ୍ଷା, ଦକ୍ଷତା ଓ ସେବା ମନୋଭାବ ରଖିବା ନିମନ୍ତେ ନର୍ସିଂ କ୍ଷେତ୍ରରେ ନେତୃତ୍ୱର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ରୋଗୀ ସେବା ନିମନ୍ତେ ନେତୃତ୍ୱ ପ୍ରଦାନ କରୁଥିବା ପ୍ରକୃତ ନର୍ସ କେବଳ ନିଜ କାର୍ଯ୍ୟ ତୁଲାଇ ନଥାଏ ବରଂ ନିଜ ନର୍ସିଂ ଟିମ୍‌କୁ ମଧ ପ୍ରୋତ୍ସାହନ ଦେବା ସହ ରୋଗୀମାନଙ୍କର ଆବଶ୍ୟକତାକୁ ପୂରଣ କରିବାରେ ସଫଳ ହୋଇଥାଏ ବୋଲି ଶ୍ରୀମତି ଦାସ କହିଥିଲେ । ତେଣୁ ଏ କ୍ଷେତ୍ରରେ ନର୍ସମାନଙ୍କୁ ଅଧିକ ଦକ୍ଷ ଓ ସଶକ୍ତ କରାଇବା ନିମନ୍ତେ ଏଭଳି ନେତୃତ୍ୱ ସମ୍ପର୍କିତ ପ୍ରଶିକ୍ଷଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର (ଡକ୍ଟର) ଅୟସକାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର (ଡକ୍ଟର) ସସ୍ମିତା ଦାସ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଆଇବିସିଏସ୍‌ର ଆସୋସିଏଟ ପ୍ରଫେସର ତଥା କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ବି ବି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋରୱେଲରେ ପଡ଼ି ବୃଦ୍ଧା ମୃତ୍ୟୁ ଘଟଣା

# ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ: ଓଏଚ୍ଆରସି

କଟକ,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ୍ ଖାଲିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବୃଦ୍ଧା ଦୁଃଖୀ ନେଗୀଙ୍କ ବୋରୱେଲ୍‌ରେ ପଡ଼ି ମୃତ୍ୟୁ ଘଟଣାରେ ରାଜ୍ୟ ମାନବାଧିକାର କମିସନ ତାଙ୍କ ନିକଟ ସମ୍ପର୍କୀୟଙ୍କୁ ୪ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କମିସନ ରାଜ୍ୟ ସରକାରଙ୍କୁ କହିଛନ୍ତି । ଏହି କ୍ଷତିପୂରଣ ରାଶି ଆଦେଶ କପି ପାଇବାର ତିନି ମାସ ମଧ୍ୟରେ ଜଳସମ୍ପଦ ବିଭାଗ ପ୍ରଦାନ କରିବ । ଏଥିସହ ଦାୟୀ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କମିସନ ସୁପାରିଶ୍ କରିଛନ୍ତି । ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଓଏଚ୍ଆରସି ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଦାସ ଅଭିଯୋଗ କରିଥିଲେ ଯେ, ଦୁଃଖୀ ନେଗୀ ତାଙ୍କ ଝିଅ ଘରକୁ ବୁଲିବାକୁ ଯାଇଥିଲାବେଳେ ଏକ ଅଘଟଣର ଶିକାର ହୋଇଥିଲେ । ରାଜ୍ୟ ସରକାରଙ୍କ ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଏକ ମୁକୁଳା ବୋରୱେଲ୍ ବୃଦ୍ଧା ଜଣଙ୍କ ଖସିପଡ଼ି ୨୪ଘଣ୍ଟା ତାହା ମଧ୍ୟରେ ରହିଯାଇଥିଲେ । ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ନେଇ ଆବେଦନକାରୀ ଶ୍ରୀ ଦାସ ଓଏଚ୍ଆରସିରେ ମାମଲା ରୁଜୁ କରିଥିଲେ । ଓଏଚ୍ଆରସି ମାମଲାର ଶୁଣାଣି କରି ଏହି ଘଟଣା ପାଇଁ ସରକାରୀ ଅଧିକାରୀଙ୍କୁ ଦାୟୀ କରିଛନ୍ତି । କାର୍ଯ୍ୟରେ ଅବହେଳା ପାଇଁ ଜଣେ ବୃଦ୍ଧାଙ୍କ ଜୀବନ ଚାଲିଯାଇଛି । ସୁପ୍ରିମ୍‌କୋର୍ଟଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଯଦି କୌଣସି ସ୍ଥାନରେ ବୋରୱେଲ୍ ଖୋଲା ରହିଥାଏ ସେହିଭଳି ସ୍ଥାନକୁ ମାଟିସହ ସମ୍ପୂର୍ଣ୍ଣ କଭର କରାଯିବା କଥା । କିନ୍ତୁ ଏଠି ବିଭାଗୀୟ ଅଧିକାରୀ ଯେଉଁ ରିପୋର୍ଟ ଦେଇଛନ୍ତି ତାହା କେବଳ ମିଛ ସଫେଇ । ଯେହେତୁ ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଉଲ୍ଲଙ୍ଘନ କରାଯାଇଛି ଓଏଚ୍ଆରସି ଜଳସମ୍ପଦ ବିଭାଗ ମୁଖ୍ୟଙ୍କୁ ଏହି କ୍ଷତିପୂରଣ ରାଶି ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

# ପଥପ୍ରାନ୍ତ ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

କଟକ,(ସବ୍ୟୁ): ସିଡିଏ ସେକ୍ଟର-୧୧ ଆବାସିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ଶୀତଳ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହାୟତାରେ ହୋଇଥିବା ଏହି ପ୍ରକଳ୍ପକୁ ବିଧାୟିକା ସୋଫିଆ ଫିର୍ଦୋସ, ସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଗୌତମ ସିଦ୍ଦିକ, ସଭାପତି ପ୍ରଫେସର ଅକ୍ଷୟ ଦାସ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମହିଳା ନେତ୍ରୀ ଗିରିବାଳା ବେହେରା, ମାମାନି ମିଶ୍ର, ପ୍ରଭାତୀ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଚିତ୍ତ ରଞ୍ଜନ ମହାନ୍ତି, ଇନାମୁଲ ହକ, ଶିଳ୍ପୀ ରବି ରଥ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ

# ପଣ୍ୟ ପରିବହନରେ ପୂର୍ବତଟ ରେଳପଥର ୯.୬୯% ଅଭିବୃଦ୍ଧି



ଭୁବନେଶ୍ୱର,(ସବ୍ୟୁ): ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ର ପ୍ରଥମ ତ୍ରୈମାସିକରେ ପଣ୍ୟ ପରିବହନରେ ଏକ ଦୃଢ଼ ପ୍ରଦର୍ଶନ ହାସଲ କରିଛି । ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ଗତ ଆର୍ଥିକ ବର୍ଷର ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ପୂର୍ବତଟ ରେଳପଥ ୬୨.୨ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲାବେଳେ ଚଳିତ ଆର୍ଥିକ ବର୍ଷର ସମାନ ଅବଧିରେ ମୋଟ ୬୮.୧୯ ନିୟୁତ ଟନ୍ ବୋଝେଇ କରିଛି, ଯାହା ପ୍ରଶଂସନୀୟ ୯.୬୯% ବୃଦ୍ଧିକୁ ପ୍ରତିଫଳିତ କରୁଅଛି । କେବଳ ଜୁନ୍ ୨୦୨୫ ରେ, ପଣ୍ୟ ପରିବହନ ୨୩.୧୫ ନିୟୁତ ଟନ୍ ରେ ପହଞ୍ଚିଛି ଯାହା ୨୦୨୪ ର ସମାନ ଅବଧି ମଧ୍ୟରେ ପଣ୍ୟ ବୋଝେଇ ୨୧.୪୯ ନିୟୁତ ଟନ୍ ତୁଳନାରେ ୭.୭୨% ବୃଦ୍ଧି ପାଇଛି । ପୂର୍ବତଟ ରେଳପଥ ଦ୍ୱାରା ଦୈନିକ ହାରାହାରି ପଣ୍ୟ ପରିବହନ ବର୍ତ୍ତମାନ ପ୍ରାୟ ୦.୭୫ ନିୟୁତ ଟନ୍ ରହିଛି ଯାହା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଏହାର ମହତ୍ୱାକାଂକ୍ଷୀ ବାର୍ଷିକ ଲକ୍ଷ୍ୟ ହାସଲ କରିବା ପାଇଁ ନିଜକୁ ପ୍ରସ୍ତୁତ ରଖିଛି । ଏହି ସ୍ଥିର ଅଭିବୃଦ୍ଧି କେବଳ ଦକ୍ଷ ଯୋଜନା, ଉନ୍ନତ କାର୍ଯ୍ୟକ୍ଷମ ପରିଚାଳନା ଏବଂ କୋଇଲା, ଲୁହା ଖଣି, ସିମେଣ୍ଟ ଏବଂ ସାର ଭଳି କ୍ଷେତ୍ରଗୁଡ଼ିକ ସହିତ ପଣ୍ୟ ପରିବହନ ଗ୍ରାହକମାନଙ୍କ ସହିତ ସକ୍ରିୟ ସମନ୍ୱୟ ଯୋଗୁଁ ସମ୍ଭବ ହୋଇପାରିଛି । ଦେଶର ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ପୂର୍ବତଟ ରେଳପଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି ।

# ବିଶେଷଜ୍ଞଙ୍କ ମତ: ପରିସ୍ରା ଜନୀତ ସମସ୍ୟା ଚିକିତ୍ସା ଯୋଗ୍ୟ



ଭୁବନେଶ୍ୱର,(ସବ୍ୟୁ): ଦେଶରେ ପ୍ରାୟ ୨୭.୧% ମହିଳା ପରିସ୍ରା ଜନୀତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହା କେବଳ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନୁହେଁ, ଭାବ ପ୍ରବଣତା ତଥା ସାମାଜିକ ସୁସ୍ଥତାକୁ ମଧ ପ୍ରଭାବିତ କରିଥାଏ । ସେଥିମଧ୍ୟରୁ ଚାପ ପରିସ୍ରା ଜନୀତ ଅସନ୍ତୋଷ କେବଳ ୧୫.୯%ଙ୍କୁ ପ୍ରଭାବିତ କରିଥାଏ ଏବଂ ବିଶେଷ ଭାବରେ ମହିଳାମାନଙ୍କ ଠାରେ ନାଲିପାରୋସ ଦେଖାଯାଏ । ଏହା ୨୨.୫% ମହିଳାଙ୍କ ଠାରେ ଦେଖାଯାଏ । ଓଡ଼ିଶାରେ ଏହି ସମସ୍ୟା ବିଶେଷ ଭାବେ ଦେଖାଯାଉଛି । ଖୋର୍ଦ୍ଧା ଓ ନୟାଗଡ଼ ଭଳି ଗ୍ରାମାଞ୍ଚଳରେ ଏହି ସମସ୍ୟାକୁ ଗୁରୁତ୍ୱ ଦେଇନଥାନ୍ତି । ତେବେ ଏହି କାରଣ ଯୋଗୁଁ କେତେକ ମହିଳା ସାମାଜିକ ଉତ୍ସବରୁ ଦୂରେଇ ରହୁଥିବା ବେଳେ ସର୍ବସାଧାରଣରେ ପରିସ୍ରା ନରୋକିପାରିବା ଘଟଣା ଭଳି ଘଟୁଛି । ତେବେ ଭୁବନେଶ୍ୱର ଓ କଟକରେ ଏସମ୍ପର୍କରେ ମହିଳାମାନେ ଡାକ୍ତରମାନଙ୍କ ପାଖରେ ପ୍ରକାଶ କରିବା ସହିତ ଚିକିତ୍ସା ସେବା ନେଉଛନ୍ତି । ଡାକ୍ତର ଜ୍ୟୋତିମୋହନ ତୋଷ ପରାମର୍ଶଦାତା ୟୁରୋଲୋଜି ଆଣ୍ଡ ରେନାଲ୍ ଟ୍ରାନ୍ସପାର କେୟାର ବହୁମୁଖୀ ଡାକ୍ତରଖାନା କହିଛନ୍ତି ୩୨ ବର୍ଷ ବୟସ୍କା ସ୍କୁଲ ଶିକ୍ଷୟିତ୍ରୀ ବାରମ୍ବାର ପରିସ୍ରା କରିବା ଲାଗିବା ହେତୁ ଶ୍ରେଣୀଗ୍ରହରେ ଠିଆ ହୋଇରହିବା ପାଇଁ ଭୟ କରୁଥିଲେ । ତେବେ ସମ୍ପ୍ରତି ଏହାର ସରଳ ଚିକିତ୍ସା ପେଲଭିକ୍ ଫ୍ଲୋର ବୟାନ, ଛୋଟ ଆଇକେସନ୍ ଓଜନ ପରିଚାଳନା ହ୍ରାସ କରିବା ଭଳି ଜୀବନଶୈଳୀ ଯୋଗୁଁ ୬ରୁ ୮ ମାସ ଯାଏ ସମସ୍ୟା ଦୂର ହୋଇଛି ।

## ରଥଯାତ୍ରା ଅବ୍ୟବସ୍ଥା, ବିଏମ୍‌ସିରେ ଗୁଣ୍ଡାରାଜ ଘଟଣା

# ଦେଶରେ ରାଜ୍ୟକୁ ନିନ୍ଦିତ କରିଛି: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ବିଏମସିର ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ନହେବା ଓ ପୁରୀରେ ରଥଯାତ୍ରାକୁ ନେଇ ବ୍ୟାପକ ଅବ୍ୟବସ୍ଥା ପରେ, ଆଇନ ମନ୍ତ୍ରୀଙ୍କ ଭୂମିକାକୁ ନେଇ ଆଜି ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି । ଏହି ଦୁଇ ଘଟଣା ସାରା ଦେଶରେ ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରିଛି ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି କହିଥିଲେ, ବିଏମସି ଅତିରିକ୍ତ କମିସନରଙ୍କୁ ଅମାନବୀୟ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଓଏଏସ ସଂଘ ସମୂହ ଛୁଟିରେ ଯିବାରୁ ରାଜ୍ୟ ଶାସନ ବ୍ୟବସ୍ଥାରେ ସ୍ଥାଣୁତା ଆସିଛି । ଏହି ଘଟଣା ଓଡିଶାକୁ ସାରା ଦେଶରେ ନିନ୍ଦିତ ଓ ଲଜ୍ଜିତ କରିଥିବା ବେଳେ ରାଜ୍ୟ ସରକାର ଏହି ଘଟଣାରେ ନିରବ ରହିବା ରାଜ୍ୟବାସୀଙ୍କୁ ବିସ୍ମିତ କରିଛି । ରାଜ୍ୟ ସରକାର ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଘଣ୍ଟ ଘୋଡାଉଛନ୍ତି, ଯାହା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ରାଜ୍ୟ ସରକାର ଏହି ଘଟଣାରେ ଆଉ ଅଧିକ ଟାଳଟୁଳ ନିତି ଅଲମ୍ବନ ନକରି, ତୁରନ୍ତ ମୁଖ୍ୟ ଅଭିଯୁକ୍ତ ଶ୍ରୀ ପ୍ରଧାନଙ୍କୁ ଗିରଫ କରାଯାଉ ବୋଲି ଡ଼ଃ ମହାନ୍ତି କହିଥିଲେ ।

ସେହିପରି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା , କର୍ଡନ ପାସ ବଣ୍ଟନ, ନନ୍ଦିଘୋଷ ରଥ ଟଣା ନଯାଇ ପାରିବା, ପରେ ସନ୍ଧ୍ୟା ସାତଟା ପଇଁଚାଳିଶ ମିନିଟ ସମୟରେ କେବଳଧି ରକ୍ଷା ପାଇଁ ନନ୍ଦିଘୋଷ ରଥକୁ କିଛି ପାଦ ଟାଣିବା, ଶରଧାବାଲିରେ ଦଳାଚକଟାରେ ତିନି ଜଣ ଭକ୍ତଙ୍କ ମୃତ୍ୟୁ ହେବା ଇତ୍ୟାଦି ବ୍ୟାପକ ଅବ୍ୟବସ୍ଥା ସରକାରଙ୍କ ବିଫଳତାକୁ ପ୍ରଦର୍ଶିତ କରୁଛି । ରଥଯାତ୍ରା ଦାୟିତ୍ୱରେ ଥିବା ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ବିଫଳତାର ଦାୟିତ୍ୱ ନିଜ ମୁଣ୍ଡକୁ ନେବା ପରିବର୍ତ୍ତେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିବା ପାଇଁ ବିଭିନ୍ନ ମନ୍ତବ୍ୟ ଦେଉଛନ୍ତି । ଆଇନ ମନ୍ତ୍ରୀଙ୍କ ବକ୍ତବ୍ୟରୁ ତାଙ୍କ ଅହଂକାର ସ୍ପଷ୍ଟ ପରିଲକ୍ଷିତ ହେଉଛି । ରଥଯାତ୍ରା ବିଫଳତାର ନୈତିକ ଦାୟିତ୍ୱ ନେଇ ସେ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ଅଥବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବରଖାସ୍ତ କରନ୍ତୁ ବୋଲି ଡ଼ଃ ମହାନ୍ତି କହିଛନ୍ତି ।

# ନୟାପଲ୍ଲୀରେ ଖୋଲିଲା ଭିସାଜ୍ ଲେଡ଼ିଜ ପ୍ରିମିୟମ ସେଲୁନ୍



ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱର ନୟାପଲ୍ଲୀ ହେଲ୍ଥ ଭିଲେଜ ନିକଟରେ ଏକ ଭିସାଜର ନୂଆ ବ୍ରାଞ୍ଚ 'ଭିସାଜ ଲେଡିଜ୍ ପ୍ରିମିୟମ ସେଲୁନ୍' ଖୋଲାଯାଇଛି । ଆଧୁନିକ ସମୟରେ ରୂପଶଯ୍ୟା ପ୍ରତ୍ୟେକ ମଣିଷଙ୍କ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ । ବିବାହ, ବ୍ରତ, ପାର୍ଟି ଆଦି ବିଭିନ୍ନ ସମୟରେ ସୌନ୍ଦର୍ଯ୍ୟକୁ ଗୁରୁତ୍ୱ ଦେବା ସହ ଭିଡ଼ ଭିତରେ ନିଜକୁ ଟିକେ ସ୍ୱତନ୍ତ୍ର କରାଇବାର ପ୍ରୟାସକୁ ସଫଳ କରିଥାଏ ସେଲୁନ୍ । ତେବେ ଭିସାଜ ଲେଡିଜ୍ ପ୍ରିମିୟମ ସେଲୁନ୍ ଗ୍ରାହକଙ୍କୁ ଉନ୍ନତ ସେବା ପ୍ରଦାନ କରିବା ସହିତ ସବୁବେଳେ ଗ୍ରାହକ ଉପଯୋଗୀ ଅଫର ଉପରେ ଗୁରୁତ୍ୱ ଦେଇଥାଏ । ତେଣୁ ଭିସାଜ ଗ୍ରାହକଙ୍କ ପ୍ରଥମ ପସନ୍ଦ ଭାବେ ପରିଗଣିତ ହୋଇପାରିଛି । ନୂଆ ସେଲୁନରେ ଗ୍ରାହକଙ୍କ ପାଇଁ ଫ୍ଲାଟ୍ ୪୦ ପ୍ରତିଶତ ରିହାତି ଅଫର ରହିଛି । ବିଶେଷ କରି ଷ୍ଟ୍ରେଟନିଙ୍ଗ, କେରାଟିନ ଟ୍ରିଟ୍ମେଟଂ, ବ୍ରାଇଡାଲ୍ ମେକ୍‌ଅପ, ହାଇଡ୍ରା ଫେସିଆଲ୍, ଫେସ୍ ଡିଟେନ୍, ହେୟାର ସ୍ପା, ହେୟାର କଟ୍ ଆଦି ସର୍ଭିସ୍ ଗ୍ରାହକ ସୁଲଭ ମୂଲ୍ୟରେ ପାଇପାରିବେ । ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଓଲିଉଡ୍ ଅଭିନେତ୍ରୀ ନିକିତା ମିଶ୍ର, ଭିସାଜର ଏମଡି ପ୍ରିୟଦର୍ଶିନୀ, ବ୍ରାଚଂ ଓନର୍ ତପସ୍ୱିନୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ୭୫୦ କୋଟି ଟଙ୍କାର କଞ୍ଜ୍ୟୁମର ବ୍ରାଣ୍ଡରେ

# ପରିଣତ ହୋଇଛି ଡିଏସ୍ ଗ୍ରୁପ୍‌ର ପଲ୍‌ସ କ୍ୟାଣ୍ଡି




ଭୁବନେଶ୍ୱର,(ସବ୍ୟୁ): ଏକ ଅଗ୍ରଣୀ ଏଫଏମସିଜି କମ୍ପାନୀ ଓ ମଲ୍ଟି-ବିଜ୍‌ନେସ୍ କର୍ପୋରେଶନ, ଧରମପାଲ ସତ୍ୟପାଲ ଗ୍ରୁପ (ଡିଏସ ଗ୍ରୁପ) ଏହାର ଅନ୍ୟତମ ଲୋକପ୍ରିୟ ବ୍ରାଣ୍ଡ ପଲ୍‌ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଘୋଷଣା କରିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ପଲ୍‌ସ କ୍ୟାଣ୍ଡି ୭୫୦ କୋଟି ଟଙ୍କାର ଉପଭୋକ୍ତା ମୂଲ୍ୟ ହାସଲ କରିଛି ଯାହାର ଅର୍ଥ ହେଉଛି ଏକ ବର୍ଷ ମଧ୍ୟରେ ୭୫୦ କୋଟି ପଲ୍‌ସ କ୍ୟାଣ୍ଡି ବିକ୍ରି ହୋଇଛି । ଏହାକୁ ଭାରତର ସର୍ବବୃହତ ବିତରିତ ହାର୍ଡ ବଏଲ୍‌ଡ କ୍ୟାଣ୍ଡିରେ ପରିଣତ କରୁଛି । ଗତ ୩ଟି ଆର୍ଥିକ ବର୍ଷରେ ପଲ୍‌ସ ହାର୍ଡ ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଣ୍ଟ ଶିଳ୍ପରେ ୯%ର ସିଏଜିଆର ତୁଳନାରେ ୧୫%ର ସିଏଜିଆର ପଞ୍ଜୀକୃତ କରିଛି । ରାଜସ୍ୱରେ ଏହି ନିରନ୍ତର ଅଭିବୃଦ୍ଧି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ବଜାରରେ ବ୍ରାଣ୍ଡର ମଜବୁତ ଉପସ୍ଥିତିକୁ ହାଇଲାଇଟ କରୁଛି । ବଜାର ତଥ୍ୟ ଅନୁଯାୟୀ, ପଲ୍‌ସ କ୍ୟାଣ୍ଡି ବର୍ତମାନ ଭାରତର ହାର୍ଡ-ବଏଲ୍‌ଡ କ୍ୟାଣ୍ଡି ସେଗ୍‌ମେଣ୍ଟରେ ୧୯%ର ବଜାର ଅଂଶ ଧାରଣ କରିଛି ଏବଂ ନିରନ୍ତର ଭାବେ ବୃଦ୍ଧି ପାଉଛି ।

## ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ପୁରୀ ରଥଯାତ୍ରାରେ

# ୧୦ ଲକ୍ଷରୁ ଅଧିକ ଭକ୍ତଙ୍କୁ ଅନ୍ନ ସେବା ପ୍ରଦାନ

ଭୁବନେଶ୍ୱର,(ସବ୍ୟୁ): ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାରର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ୍ ଲଗାତାର ୧୧ତମ ବର୍ଷ ପାଇଁ ପୁରୀରେ ରଥଯାତ୍ରାର ଭକ୍ତମାନଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛି । ଏହି ବର୍ଷ, ନବଯୌବନ ଦର୍ଶନ ଦିନଠାରୁ ଆଜି ପର୍ଯ୍ୟନ୍ତ ୧୦ ଲକ୍ଷରୁ ଲକ୍ଷରୁ ଅଧିକ ଦେୟମୁକ୍ତ ସତେଜ ରନ୍ଧା ଏବଂ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇ ସାରିଛି । ପବିତ୍ର ସୁନାବେଶ ପର୍ଯ୍ୟନ୍ତ ୨୦ ଲକ୍ଷରୁ ଅଧିକ ଭକ୍ତଙ୍କ ପାଇଁ ରନ୍ଧା ଖାଦ୍ୟ ଯୋଗାଇବା ଲକ୍ଷ୍ୟ ରଖି ଏହି ସେବା ଜାରି ରହିଛି । ସର୍ବାଧିକ ସଂଖ୍ୟକ ଲୋକଙ୍କ ନିକଟରେ ସେବା ପହଞ୍ଚିବା ପାଇଁ ପୁରୀ ରେଳ ଷ୍ଟେସନ ନିକଟରେ ଏବଂ ଗୁଣ୍ଡିଚା ମନ୍ଦିର ନିକଟ ବସ୍ ଷ୍ଟାଣ୍ଡରେ ଦୁଇଟି ବିଶାଳ ଖାଦ୍ୟ ବଣ୍ଟନ ଷ୍ଟଲ ସ୍ଥାପନ କରାଯାଇଛି । ପାରମ୍ପରିକ ଓଡ଼ିଆ ଖାଦ୍ୟ ଭାତ, ଡାଲମା ଏବଂ ଖଟା ଭକ୍ତମାନଙ୍କୁ ଦିଆଯାଉଛି ।




ବସ୍ ଷ୍ଟାଣ୍ଡରେ ଥିବା ଷ୍ଟଲକୁ ସାଂସଦ (ପୁରୀ) ଡକ୍ଟର ସମ୍ବିତ ପାତ୍ର ଉଦଘାଟନ କରିଥିଲେ । ପୁରୀ ରେଳ ଷ୍ଟେସନ ନିକଟରେ ଥିବା ଷ୍ଟଲକୁ ଏଡିଆରଏମ ଡି.କେ. ବେହେରା, ବରିଷ୍ଠ ଏସଡିଏମ ଗଉ, ଅନିଲ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ଜିନ୍ଦଲ ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ରଥଯାତ୍ରା ସମୟରେ ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ଆସିଥିବା କୌଣସି ଭକ୍ତ ଯେପରି ଭୋକିଲା ନ ରୁହନ୍ତି ତାହା ନିଶ୍ଚିତ କରିବା ପାଇଁ ଗତ ୧୧ ବର୍ଷ ଧରି ଆମର ପ୍ରୟାସ ଜାରି ରହିଛି ।

## ଓବେନ ଇଲେକ୍‌ଟ୍ରିକ୍ ପକ୍ଷରୁ

# ୨୪ ଘଣ୍ଟିଆ ଗ୍ରାହକ ସହାୟତା ହେଲ୍‌ପଲାଇନ ଆରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଏକ ଅନୁସନ୍ଧାନ ଏବଂ ବିକାଶ ଆଧାରିତ ଇଲେକ୍ଟ୍ରିକ ମୋଟରସାଇକେଲ ନିର୍ମାତା ଓବେନ ଇଲେକ୍ଟ୍ରିକ, ୨୪ ଘଣ୍ଟିଆ କଷ୍ଟମର ସପୋର୍ଟ ହେଲପଲାଇନ ଆରମ୍ଭ କରିଛି । ଏହି ପଦକ୍ଷେପ ଓବେନର ପ୍ରତିକ୍ରିୟାଶୀଳ, ସ୍ୱଚ୍ଛ ଏବଂ ବ୍ୟକ୍ତିଗତ ବିକ୍ରୟ ପରବର୍ତ୍ତୀ ସହାୟତା ଉପରେ ଧ୍ୟାନକୁ ରେଖାଙ୍କିତ କରେ, ଯାହା ଇଭି ମାଲିକମାନଙ୍କ ମଧ୍ୟରେ ଦୀର୍ଘକାଳୀନ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । ଏହି ହେଲପଲାଇନ ଦିନରାତି ପ୍ରକୃତ ସମୟରେ ବିଶେଷଜ୍ଞ ଏବଂ ସହାନୁଭୂତିପୂର୍ଣ୍ଣ ସହାୟତା ପ୍ରଦାନ କରିଥାଏ । ଗତ ତିନିମାସରେ, ସମସ୍ତ ସର୍ଭିସ କେସ୍‌ଗୁଡ଼ିକର ୯୦% ୭୨ ଘଣ୍ଟା ମଧ୍ୟରେ ସମାଧାନ ହୋଇଛି । ଏହାର ମାଲିକାନା ଉଚ୍ଚ-କ୍ଷମତା ସମ୍ପନ୍ନ ଲିଥିୟମ୍ ଆଇରନ୍ ଫସଫେଟ୍ (ଏଲଇପି) ବ୍ୟାଟେରୀ, ମୋଟର, ଯାନବାହନ ନିୟନ୍ତ୍ରଣ ୟୁନିଟ୍ (ଭିସିୟୁ), ଏବଂ ଚାର୍ଜର ଭଳି ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ କମ୍ପାନୀ ଦ୍ୱାରା ଡିଜାଇନ୍ ଏବଂ ନିର୍ମିତ । ଏହି ସମନ୍ୱୟ ଦ୍ରୁତ ସମସ୍ୟା ସମାଧାନ ଏବଂ ଅଧିକ ସ୍ୱଚ୍ଛତାକୁ ସକ୍ଷମ କରେ, ଯେଉଁଥିରେ ବ୍ୟାପକ ୱାରେଣ୍ଟିଂ କଭରେଜ୍ ଅନ୍ତର୍ଭୁକ୍ତ। ପ୍ରତି ଓବେନ ଇଲେକ୍ଟ୍ରିକ ଗ୍ରାହକଙ୍କ ପାଇଁ ଜଣେ ସମର୍ପିତ ରିଲେସନସିପ ମ୍ୟାନେଜର ନିଯୁକ୍ତ ରହିଥାନ୍ତି, ଯିଏ ଆପଣଙ୍କର ମାଲିକାନା ଯାତ୍ରାର ଆରମ୍ଭରୁ ନିୟମିତ ତଦାରଖ କରିବା ସହିତ ପ୍ରକୃତ ସମୟରେ ସମସ୍ୟା ସମାଧାନ ପର୍ଯ୍ୟନ୍ତ ସମସ୍ତ ପ୍ରକାର ସହାୟତା ସୁନିଶ୍ଚିତ କରିଥାନ୍ତି ।

# ଘାନାରେ ମୋଦୀଙ୍କୁ ସ୍ୱାଗତ




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଘାନାରେ ପହଞ୍ଚିଛନ୍ତି । ବିମାନବନ୍ଦରରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଘାନାର ରାଷ୍ଟ୍ରପତ ଜନ୍ ଡ୍ରାମାନି ମହାମା ସ୍ୱାଗତ କରିଥିଲେ । ଏହି ଗସ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ବନ୍ଧୁତାର ଦୃଢ଼ ଏବଂ ଐତିହାସିକ ବନ୍ଧନକୁ ପ୍ରତିଫଳିତ କରେ । ପ୍ରଧାନମନ୍ତ୍ରୀଙ୍କ ଘାନା ଗସ୍ତ ଗତ ତିନି ଦଶନ୍ଧି ମଧ୍ୟରେ ପ୍ରଥମ । ଏହି ଐତିହାସିକ ଗସ୍ତ ଭାରତ ଏବଂ ଘାନା ମଧ୍ୟରେ ସହଭାଗୀତାକୁ ଆହୁରି ନିବିଡ଼ କରିବ ଏବଂ ଆଫ୍ରିକା ଏବଂ ଗ୍ଲୋବାଲ୍ ସାଉଥ୍ ପାର୍ଟନର୍ସଙ୍କ ସହିତ ଏହାର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିବ ।

# କ୍ୱାଡ୍ ସମ୍ମିଳନୀ : ପହଲଗାମ ଆକ୍ରମଣକୁ ନିନ୍ଦା

ୱାଶିଂଟନ : ଆମେରିକାରେ ଅନୁଷ୍ଠିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀ ସମ୍ମିଳନୀରେ ଭାରତକୁ ଏକ ବଡ଼ କୂଟନୈତିକ ସଫଳତା ମିଳିଛି । ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଛି ଏହି ଚତୁର୍ଦ୍ଦେଶୀୟ ସଂଗଠନ ।

ୱାଶିଂଟନରେ ଅନୁଷ୍ଠିତ ବୈଠକ ପରେ ଜାରି ହୋଇଥିବା ଏକ ମିଳିତ ବିବୃତିରେ କ୍ୱାଡ୍ ଦେଶମାନେ କହିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣର ପ୍ରାୟୋଜକ, ଆକ୍ରମଣକାରୀ ଏବଂ ଆର୍ଥିକ ସହାୟତାକାରୀଙ୍କୁ ଯଥାଶୀଘ୍ର ଆଇନର କାଠଗଡ଼ାକୁ ଅଣାଯାଉ । ୱାଶିଂଟନରେ ଅନୁଷ୍ଠିତ ବୈଠକ ପରେ ଜାରି ହୋଇଥିବା ଏକ ମିଳିତ ବିବୃତିରେ କ୍ୱାଡ୍ ଦେଶମାନେ କହିଛନ୍ତି ଯେ ଆତଙ୍କବାଦୀ ଆକ୍ରମଣର ପ୍ରାୟୋଜକ, ଆକ୍ରମଣକାରୀ ଏବଂ ଆର୍ଥିକ ସହାୟତାକାରୀଙ୍କୁ ଯଥାଶୀଘ୍ର ଆଇନର କାଠଗଡ଼ାକୁ ଅଣାଯାଉ । କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନେ ସୀମାପାର ଆତଙ୍କବାଦ ସମେତ ସମସ୍ତ ପ୍ରକାରର ହିଂସା ଏବଂ ଉଗ୍ରବାଦର ମଧ୍ୟ ବିରୋଧ କରିଥିଲେ । ବୈଦେଶିକ ମନ୍ତ୍ରୀମାନେ ଦୋହରାଇଥିଲେ ଯେ କ୍ୱାଡ୍ ଯେକୌଣସି ପ୍ରକାରର ଆତଙ୍କବାଦ ବିରୁଦ୍ଧରେ ଛିଡ଼ା ହୋଇଛି ଏବଂ ସମସ୍ତ ଦେଶ ବିଶ୍ୱ ଶାନ୍ତି ପାଇଁ ଏକାଠି କାମ କରିବା ଉଚିତ । ଭାରତ ଏହି ଅନ୍ତର୍ଜାତୀୟ ସମର୍ଥନକୁ ସ୍ୱାଗତ କରିଛି ଏବଂ ଏହା ଆତଙ୍କବାଦ ବିରୁଦ୍ଧରେ ଏହାର ନୀତିକୁ ସୁଦୃଢ଼ କରିବ ବୋଲି ବର୍ଣ୍ଣନା କରିଛି । ସୂଚନାଯୋଗ୍ୟ ଯେ କ୍ୱାଡ୍' ଆମେରିକା, ଭାରତ, ଅଷ୍ଟ୍ରେଲିଆ ଓ ଜାପାନକୁ ନେଇ ଗଠିତ । ଏହାର ଉଦ୍ଦେଶ୍ୟ ହେଉଛି ଭାରତ-ପ୍ରଶାନ୍ତ- ମହାସାଗରୀୟ ଅଞ୍ଚଳରେ ଚୀନର ଆକ୍ରମଣାତ୍ମକ ଆଚରଣକୁ ଅଙ୍କୁଶ ଦେଇ ନିରାପତ୍ତା ସୁନିଶ୍ଚିତ କରିବା । ୱାଶିଂଟନରେ ଅନୁଷ୍ଠିତ ଏହି ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଯୋଗ ଦେଇଛନ୍ତି ।



# ହିମାଚଳରେ ବର୍ଷା ବିପ୍ଳାତ



ସିମଲା: ପ୍ରବଳ ବର୍ଷା ପରେ ବେହାଲ ହୋଇଛି ହିମାଚଳ ପ୍ରଦେଶର ମଣ୍ଡି ପ୍ରକୃତିର କରାଳ ରୂପ ଆଗରେ ମୁଣ୍ଡ ନୁଆଁଇ ଦେଇଥିବା ମଣ୍ଡିରେ ଏବେ ଉଦ୍ଧାର କାମ ଜୋରଦାର ଚାଲିଛି । ବର୍ଷା ଓ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ଉଦ୍ଧାର ପାଇଁ ଅପରେସନ ଚାଲିଥିବା ବେଳେ ଏବେ ସେମାନଙ୍କ ପାଖରେ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ଉଦ୍ୟମ ଆରମ୍ଭ ହୋଇଛି । ହେଲିକପ୍ଟର ଯୋଗେ ରିଲିଫ ସାମଗ୍ରୀ ସହ ଖାଦ୍ୟ ଏବଂ ଔଷଧ ବଣ୍ଟନ ପାଇଁ ସେରାଜ ଭ୍ୟାଲିରେ ହେଲିକପ୍ଟର ଆସି ପହଞ୍ଚିଛି ।

ସେପଟେ ଏସଡିଆରଏଫ୍ ଟିମ୍ ମଣ୍ଡିର ସେରାଜ ଭ୍ୟାଲିରେ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ ପହଞ୍ଚିଛନ୍ତି । ବର୍ଷା ଏବଂ ଭୂସ୍ଖଳନ ପରେ ରାସ୍ତା ସବୁ ବନ୍ଦ ହୋଇ ପଡିଥିବା ବେଳେ ରାସ୍ତାରେ ପଡିଥିବା ଗଛ ସଫା କରି ପ୍ରଭାବିତ ଅଞ୍ଚଳକୁ ଯାଇଛନ୍ତି ଏସଡିଆରଏଫ୍ ଟିମ୍ ।ଯେଉଁଠି ସେମାନେ ପ୍ରଭାବିତ ଲୋକଙ୍କ ପ୍ରାଥମିକ ଚିକିତ୍ସା ପାଇଁ ଔଷଧ ବଣ୍ଟନ କରିବେ । ତେବେ ମଙ୍ଗଳବାର ବାଦଲ ଫଟା ବର୍ଷା, ତତଜନିତ ବନ୍ୟା ଏବଂ ଭୂସ୍ଖଳନରେ ଥରହର ହୋଇଛି ମଣ୍ଡି । ପ୍ରକୃତିର ତାଣ୍ଡବ ପରେ ଜନଜୀବନ ବେହାଲ ହୋଇଥିବା ବେଳେ ଏଯାଏଁ ମଣ୍ଡିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି ଏବଂ ୩୪ ଜଣ ନିଖୋଜ ଅଛନ୍ତି ।

# ଶେଖ ହସିନାଙ୍କୁ ୬ ମାସ ଜେଲ୍



ଢାକା: ଆଇନ ଅବମାନନା ମାମଲାରେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ୬ ମାସର ଜେଲ୍ ଦଣ୍ଡରେ ଦଣ୍ଡିତ କରାଯାଇଛି । ଜଷ୍ଟିସ୍ ମହମ୍ମଦ ଗୁଲାମ ମୁର୍ତଜା ମଜୁମଦାରଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ-୧ରେ ବୁଧବାର ତିନି ଜଣିଆ ଖଣ୍ଡପୀଠ ଏହି ନିଷ୍ପତ୍ତି ଜାରି କରିଛନ୍ତିଛ ପ୍ରଥମଥର ପାଇଁ କୌଣସି ମାମଲାରେ ଶେଖ ହସିନାଙ୍କୁ ଜେଲ ଦଣ୍ଡ ହୋଇଛି । ହସିନାଙ୍କ ବିରୋଧରେ ଦୁର୍ନୀତି ଠାରୁ ଆରମ୍ଭ କରି ହତ୍ୟା ପର୍ଯ୍ୟନ୍ତ ସଂଗୀନ ଅଭିଯୋଗ ରହିଛି । ବାଂଲାଦେଶରେ ଶେଖ୍ ହାସିନାଙ୍କ ବିରୋଧରେ ଅନେକ ମାମଲାରେ ଏବେ ବିଚାର ଚାଲିଛି । ଶେଖ୍ ହାସିନା ୨୦୨୪ରେ ଭାରତରେ ପହଞ୍ଚିଥିଲେ । ସେହିଦିନ ଠାରୁ ସେ ନୂଆଦିଲ୍ଲୀରେ ଅଛନ୍ତି । ତେବେ ୟୁନୁସ୍ ସରକାର ହାସିନାଙ୍କୁ ଫେରାଇ ଆଣିବା ପାଇଁ ଭାରତକୁ ବାରମ୍ବାର ଅନୁରୋଧ କରିଛନ୍ତ । ଏନେଇ କିନ୍ତୁ ଭାରତ ସରକାରଙ୍କ ପକ୍ଷରୁ ଏଯାବତ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନାହିଁ ।

ଶେଖ ହନିନାଙ୍କ ବିରୋଧରେ ଆଇନ ଅବମାନନା ମାମଲା ଗତବର୍ଷ ଅକ୍ଟୋବର ମାସରେ ରୁଜୁ ହୋଇଥିଲା । ଯାହାକି ଲିକ ହୋଇଥିବା ଏକ ଫୋନକଲ ସହିତ ଜଡ଼ିତ ଥିଲା । ଲିକ ହୋଇଥିବା ଅଡିଓ ହସିନାଙ୍କର ବୋଲି କୁହାଯାଉଥିଲା ।

# ଗାଜାରେ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି

ୱାସିଂଟନ : ଭାରତ-ପାକିସ୍ତାନ, ଇରାନ-ଇସ୍ରାଏଲ ପରେ ପୁଣି ଏକ ଅସ୍ତ୍ରବିରତି ଦାବି କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ କହିଛନ୍ତି ଯେ ଇସ୍ରାଏଲ ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛି ।ଟ୍ରମ୍ପ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ କହିଛନ୍ତି ଯେ ତାଙ୍କ ପ୍ରତିନିଧିମାନେ ଗାଜା-ଇସ୍ରାଏଲ ପ୍ରସଙ୍ଗରେ ଇସ୍ରାଏଲୀ ନେତାମାନଙ୍କ ସହିତ ଏକ ଲମ୍ବା ଏବଂ ଫଳପ୍ରଦ ବୈଠକ କରିଛନ୍ତି । ବୈଠକରେ ଗାଜାରେ ୬୦ ଦିନିଆ ଅସ୍ତ୍ରବିରତି ପାଇଁ ଇସ୍ରାଏଲ ରାଜି ହୋଇଛି । ତେବେ ଏଥିପାଇଁ କେତେକ ସର୍ତ୍ତ ରଖାଯାଇଛି ।ଟ୍ରମ୍ପ ଏହି ପ୍ରସଙ୍ଗରେ ହମାସକୁ ମଧ୍ୟ ଚେତାବନୀ ଦେଇଛନ୍ତି । ପରିସ୍ଥିତି ଆହୁରି ଖରାପ ହେବା ପୂର୍ବରୁ ସେ ହମାସକୁ ଏହି ଚୁକ୍ତିନାମା ଗ୍ରହଣ କରିବାକୁ କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଯୁଦ୍ଧବିରତି ସମୟରେ ଆମେ ଯୁଦ୍ଧ ସମାପ୍ତ କରିବା ପାଇଁ ସମସ୍ତ ପକ୍ଷଙ୍କ ସହିତ କାମ କରିବୁ । ଶାନ୍ତି ଆଣିବା ପାଇଁ ବହୁତ କଠିନ ପରିଶ୍ରମ କରିଥିବା କାତାର ଏବଂ ଇଜିପ୍ଟର ନେତାମାନେ ଏହି ଅସ୍ତ୍ରବିରତି ଉପରେ ଏକ ଚୂଡ଼ାନ୍ତ ପ୍ରସ୍ତାବ ଉପସ୍ଥାପନ କରିବେ । ମୁଁ ଆଶା କରୁଛି ଯେ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ବିକାଶ ପାଇଁ ହମାସ ଏହି ଚୁକ୍ତିନାମାକୁ ଗ୍ରହଣ କରିବ, ଯଦି ହମାସ ଏପରି ନ କରେ, ତେବେ ଏହା ଭଲ ହେବ ନାହିଁ ବରଂ ପରିସ୍ଥିତି ଆହୁରି ଖରାପ ହେବ ।

# ପ.ବଂଗ ହିଂସା : ଜଣେ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ:ଜଣେ ନାବାଳିକାକୁ ବଳାତ୍କାର କରିବା ସହିତ ଜଡିତ ଏକ ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାର ବିଚାର ସମାପ୍ତ ହୋଇଛି, ଯାହା ଫଳରେ ପଶ୍ଚିମବଙ୍ଗରେ ସିବିଆଇ ଦ୍ୱାରା ତଦନ୍ତ କରାଯାଇଥିବା ଭୋଟ ପରବର୍ତ୍ତୀ ହିଂସା ମାମଲାରେ ପ୍ରଥମ ଦୋଷୀ ସାବ୍ୟସ୍ତ ହୋଇଛି । ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ତୁରନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଭୟଙ୍କର ହିଂସା ଦେଖାଦେଇଥିଲା ଏବଂ ହତ୍ୟା, ବଳାତ୍କାର ଏବଂ ବଳାତ୍କାର ଉଦ୍ୟମ ଭଳି ଅନେକ ମାମଲା ରିପୋର୍ଟ ହୋଇଥିଲା ।ଯାହା ଫଳରେ କଲିକତା ହାଇକୋର୍ଟରେ ଅନେକ ରିଟ୍ ପିଟିସନ୍ ଦାୟର ହୋଇଥିଲା । ଏହି ହିଂସାତ୍ମକ କାର୍ଯ୍ୟଗୁଡ଼ିକର ତଦନ୍ତ ମାନବାଧିକାର କମିଶନ ମଧ୍ୟ କରିଥିଲେ ।ଅଦାଲତରେ ଦିଆଯାଇଥିବା ସତ୍ୟପାଠ ଏବଂ ମାନବାଧିକାର କମିଶନଙ୍କ ରିପୋର୍ଟ ଉପରେ ଆଧାର କରି କଲିକତା ହାଇକୋର୍ଟର ଏକ ପାଞ୍ଚ ଜଣିଆ ଖଣ୍ଡପୀଠ୧୯.୦୮.୨୦୨୧ ତାରିଖର ତାଙ୍କ ଆଦେଶ ଅନୁଯାୟୀ, ହତ୍ୟା ଏବଂ ମହିଳା ବିରୋଧୀ ଅପରାଧ, ବିଶେଷକରି ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ମାମଲାଗୁଡ଼ିକୁ ତଦନ୍ତ ପାଇଁ ସିବିଆଇକୁ ପଠାଯିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମମତାଙ୍କୁ ବିଜେପିର ସମାଲୋଚନା



କୋଲକାତା : ଦୀଘା ରଥଯାତ୍ରାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଚପଲ ପିନ୍ଧି ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟାଣିଥିଲେ। ଏହାକୁ ନେଇ ଜଗନ୍ନାଥ ପ୍ରେମିକ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ନେତା ଅମିତ ମାଲବିୟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ତୀବ୍ର ସମାଲୋଚନା କରିଛନ୍ତି। ହିନ୍ଦୁ ଧର୍ମକୁ ଯଦି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଶ୍ୱାସ କରୁନାହାଁନ୍ତି ତେବେ ହୁଏତ ଏହା ତାଙ୍କର ବ୍ୟକ୍ତିଗତ ପସନ୍ଦ ହୋଇଥାଇପାରେ। କିନ୍ତୁ ସେ କୋଟି କୋଟି ହିନ୍ଦୁଙ୍କ ଭାବାବେଗକୁ ଅପମାନିତ କରିବା ଅଧିକାର ତାଙ୍କର ନାହିଁ। ଜୋତା ପିନ୍ଧି ମମତା ରଥ ଟାଣୁଥିବାର ଦୃଶ୍ୟ ସୋସିଆଲ୍ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିଜେପି ନେତା ବିଶ୍ୱଦ୍ଦାର କରିଛନ୍ତି।

# ୨୬ ହଜାର ଫୁଟ ତଳକୁ ଖସିଲା ବିମାନ

## ଭୟରେ ଯାତ୍ରୀ କଲେ ଏମିତି କାମ



ସାଙ୍ଘାଇ:ଭୂପୃଷ୍ଠରୁ ଅନେକ ହଜାର ଫୁଟ ଉପରେ ଦ୍ରୁତଗତିରେ ଆଗକୁ ବଢୁଥିଲା ଜାପାନ ଏୟାର ଲାଇନ୍ସ ଫ୍ଲାଇଟ ଜେଏଲ୮୬୯୬ । ଚାଇନାର ସଙ୍ଘାଇରୁ ଏହା ଉଡ଼ାଣ ଭରିଥିବା ବେଳେ ଜାପାନର ଟୋକିଓ ଯିବାର ଥିଲା । ଯାତ୍ରୀମାନେ ଏହି ବୋଇଂ ୭୩୭ରେ ବେଶ ହସଖୁସିରେ ଉଡ଼ାଣ ଭରୁଥିଲେ ।କିନ୍ତୁ ହଠାତ ଘଟିଥିଲା ଅଘଟଣ ।ଯାତ୍ରୀବାହୀ ବିମାନଟି ସିଧା ୨୬ ହଜାର ଫୁଟ ତଳକୁ ଖସି ଯାଇଥିଲା । ଏହାକୁ ଦେଖି ଯାର୍ତୀମାନେ ପୂରା ଭୟରେ ଥରିବା ଆରମ୍ଭ କରିଥିଲେ । ସେମାନେ ବାଧ୍ୟ ହୋଇ ଅକ୍ସିଜେନ ମାସ୍କ ବିମାନ ମଧ୍ୟରେ ପିନ୍ଧି ବଞ୍ଚିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।ବିମାନଟି ଦ୍ରୁତଗତିରେ ତଳକୁ ଖସୁଥିବାରୁ ଏହା କ୍ରାଶ କରିଯିବାର ଆଶଙ୍କା ଥିବା ଯାତ୍ରୀମାନେ ଅନୁଭବ କରିଥିଲେ । ଯାତ୍ରା ବେଳେ ବିମାନରେ ଶୋଇ ପଡ଼ିଥିବା କିଛି ଯାତ୍ରୀ ହଠାତ୍ ଝଟକା ପରେ ଉଠି ଯାଇଥିଲେ । ସେହିପରି ଆଉ କିଛି ଯାତ୍ରୀ ନିଜର ପ୍ରିୟଜନ ମାନଙ୍କୁ ବ୍ୟକ୍ତିଗତ ତଥ୍ୟ ଯଥା ବ୍ୟାଙ୍କ ପିନ ଓ ବୀମା ସଂକ୍ରାନ୍ତ ସୂଚନା ମଧ୍ୟ ପଠାଇବା ଆରମ୍ଭ କରିଥିଲେଛ ପୂରା ବିମାନ ଭିତରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା ।ବିମାନଟି ଜୁନ ୩୦ରେ ସଙ୍ଘାଇ ପୁଡୋଙ୍ଗ ଏୟାରପୋର୍ଟରୁ ଉଡ଼ାଣ ଭରିଥିଲା । ଏହା ଟୋକିଓ ନାରିତା ଏୟାର ପୋର୍ଟରେ ଅବତରଣ କରିଥାଆନ୍ତା । ବିମାନରେ ୧୯୧ ଜଣ ଯାତ୍ରୀ ରହିଥିଲେ । ତେବେ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା୩୦ରେ ବିମାନଟି ମଝି ଆକାଶରେ ମେକାନିକାଲ ସମସ୍ୟାର ସମ୍ମୁଖୀନ ହୋଇଥିଲା । ଏହି ସମୟରେ ବିମାନଟି ୩୬ ହଜାର ଫୁଟ ଉପରେ ରହିଥିଲା । କିନ୍ତୁ ୧୦ ମିନିଟ ଭିତରେ ଏହା ୧୦,୫୦୦ ଫୁଟ ତଳକୁ ଖସି ଆସିଥିଲା ।

ଦୁର୍ଘଟଣା ଆଶଙ୍କାରେ ସତର୍କ ସୂଚନା ଜାରି କରାଯିବା ସହ ପାଇଲଟ ଏମର୍ଜେନ୍ସି ଘୋଷଣା କରିଥିଲେ । ଶେଷରେ ବିମାନର ଦିଗକୁ ଓସାକା ସ୍ଥିତ କନସାଇ ଅନ୍ତର୍ଜାତୀୟ ଏୟାର ପୋର୍ଟ ବଦଳା ଯାଇଥିଲା ।

କ୍ୟାବିନ ପ୍ରେସର ହ୍ରାସ ପାଉଥିବାରୁ ଅମ୍ଳଜାନ ମାସ୍କ ମଧ୍ୟ ଯାତ୍ରୀମାନଙ୍କୁ ଉପଲବ୍ଧ କରାଯାଇଥିଲା । ବିମାନ ଆଟେଡାଣ୍ଟ ଜରୁରୀ ସୂଚନା ଦେଉଥିବା ବେଳେ ଭୟରେ ଥରୁଥିବା ଲୋକମାନେ ଅମ୍ଳଜାନ ମାସ୍କ ପିନ୍ଧୁଥିବାରୁ ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି । ଏତେ ସବୁ ଆତଙ୍କ ପରେ ବିମାନଟି ରାତି ୮.୫୦ ସମୟରେ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଛ । ଏହି ଘଟଣାରେ କେହି ବି ଆହତ ହୋଇ ନାହାନ୍ତି । ସମୟ ପୂର୍ବରୁ ପାଇଲଟ ବିମାନକୁ ଅବତରଣ କରିବାକୁ ସକ୍ଷମ ହେବାରୁ ଗୋଟିଏ ବଡ଼ ଦୁର୍ଘଟଣା ଟଳି ଯାଇଛି ।

# ଜୀବନ ହାରିଲେ ପରିବାରର ୪ ସଦସ୍ୟ

ବାରମେର:ପୂରା ପରିବାର ଘର ପାଖରେ ଥିବା ପାଣି ଟାଙ୍କିକୁ ଡେଇଁ ପଡ଼ି ଜୀବନ ହାରିଛନ୍ତି । ରାଜସ୍ଥାନର ବାରମେରରୁ ଏପରି ଘଟଣା ସାମ୍ନାକୁ ଆସିଛି । ପାଣିକୁ ଡେଇଁ ପଡ଼ିବାରୁ ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଛି ।ମୃତକମାନେ ହେଲେ ୩୫ ବର୍ଷୀୟ ଶିବଲାଲ ମେଘୱାଲ, ତାଙ୍କ ୩୨ ବର୍ଷୀୟ ପତ୍ନୀ କବିତା ଓ ସେମାନଙ୍କର ଦୁଇ ପୁଅ ବଜରଙ୍ଗ(୯) ଓ ରାମଦେବ(୮) । ସମସ୍ତଙ୍କ ମୃତଦେହକୁ ଘର ଠାରୁ ୨୦ ମିଟର ଦୂରରେ ଥିବା ପାଣି ଟାଙ୍କି ମଧ୍ୟରୁ ଉଦ୍ଧାର କରାଯାଇଛି । ପୁଲିସ ମୃତଦେହଗୁଡ଼ିକୁ ଜବତ କରି ଘଟଣାର କାରଣ ଖୋଜିବା ଆରମ୍ଭ କରିଛି ।ପୁଲିସସୂତ୍ର କହିବା କଥା ଯେ ପୂରା ଘଟଣା ମଙ୍ଗଳବାର ସଂଧ୍ୟାରେ ଘଟିଥିଲା । ବୁଧବାର ସକାଳ ସମ୍ପର୍କୀୟଙ୍କ ଉପସ୍ଥିତିରେ ମୃତଦେହକୁ ପାଣି ଟାଙ୍କି ମଧ୍ୟରୁ ବାହାର କରାଯାଇଛି । ଡିଏସ୍ପି ମନରାମ ଗର୍ଗ କହିଛନ୍ତି ଯେ ଶିବଲାଲଙ୍କ ସାନ ଭାଇ ତାଙ୍କୁ ଫୋନ କରି କୌଣସି ଉତ୍ତର ନ ପାଇବାରୁ ଜଣେ ପଡ଼ୋଶୀଙ୍କୁ ଖବର ନେବାକୁ କହିଥିଲେ । ପଡ଼ୋଶୀ ମଧ୍ୟ ମେଘୱାଲ ପରିବାର ସମ୍ପର୍କରେ ସୂଚନା ନ ପାଇବାରୁ ସ୍ଥାନୀୟ ପୁଲିସ୍ ପାଖରେ ଖବର ପହଞ୍ଚିଥିଲା । ଶିବଲାଲଙ୍କ ଘରୁ ଗୋଟିଏ ହାତ ଲେଖା ଚିଠି ପୁଲିସ ଜବତ କରିଛି ।ଏଥିରେ ଶିବଲାଲଙ୍କ ହାତ ଲେଖା ରହିଛି । ଏହା ଜୁନ ୨୯ ତାରିଖରେ ଲେଖାଯାଇଥିଲା । ପୂରା ପରିବାର ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବା ପାଇଁ ୩ ଜଣଙ୍କୁ ଦାୟୀ କରିଛନ୍ତି । ଏହି ୩ ଜଣଙ୍କ ମଧ୍ୟ ଶିବଲାଲଙ୍କ ସାନ ଭାଇଙ୍କ ନାଁ ମଧ୍ୟ ରହିଛି । ପରିବାର ମଧ୍ୟରେ ଦୀର୍ଘ ବର୍ଷର ବିବାଦ ଓ ସମ୍ପତ୍ତି ଭାଗ ବଣ୍ଟାର ତିକ୍ତତା ସମ୍ପର୍କରେ ଏଥିରେ ଉଲ୍ଲେଖ କରାଯାଇଛି । ଚିଠିରେ ଶିବଲାଲ ସମସ୍ତଙ୍କ ଅନ୍ତିମ ସଂସ୍କାର ଏକାଠି ସେମାନଙ୍କ ଘର ସାମ୍ନାରେ କରିବାକୁ ମଧ୍ୟ ଅନୁରୋଧ କରିଛନ୍ତ ।

କବିତାଙ୍କ ଦାଦାଙ୍କ କହିବା କଥା ଯେ ଶିବପାଲ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଣ୍ଠିରେ ଗୋଟିଏ ସ୍ୱତନ୍ତ୍ର ଘର ତିଆରି କରିବାକୁ ଚାହୁଁଥିଲେ । କିନ୍ତୁ ଘର ତିଆରିକୁ ତାଙ୍କ ମା' ଓ ସାନ ଭାଇ ବିରୋଧ କରିବା ସହ ଜାଗା ଛାଡୁ ନଥିଲେ । ଉଭୟଙ୍କ ନାଁ ଅଭିଯୁକ୍ତ ଭାବେ ସୁଇସାଇଡ ନୋଟରେ ଶିବଲାଲ ଉଲ୍ଲେଖ କରିଛନ୍ତି । ସେମାନେ ତାଙ୍କୁ ବାରମ୍ବାର ହଇରାଣ କରିବାରୁ ଶିବଲାଲ ଜୁନ ୨୯ରେ ବାଧ୍ୟ ହୋଇ ସୁଇସାଇଡ ନୋଟ ଲେଖିଥିଲେ । ଘଟଣା ଦିନ ପରିବାରର ସଦସ୍ୟମାନେ ଘରେ ନଥିଲେ ।

# ନୂଆ ଦଲାଇଲାମା ଚୟନରେ ଅନୁମୋଦନ ଆବଶ୍ୟକ : ଚୀନ



ବେଜିଂ : ଦଲାଇଲାମାଙ୍କ ଉତ୍ତରାଧିକାରୀ ଚୟନକୁ ନେଇ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି ଭାରତରେ ଥିବା ପ୍ରବାସୀ ତିବ୍ବତୀୟ ସରକାର ଓ ଚୀନ । ତିବ୍ବତୀୟ ପରମ୍ପରା ଅନୁସାରେ ହିଁ ନୂଆ ଦଲାଇଲାମା ଚୟନ ହେବ ବୋଲି ବର୍ତ୍ତମାନର ଦଲାଇଲାମାଙ୍କ ଘୋଷଣା ପରେ କ୍ଷୁବଧ ହୋଇଛି ଚୀନ । ନୂଆ ଦଲଇଲାମା ଚୟନରେ ଚୀନ ସରକାରଙ୍କ ମଞ୍ଜୁରୀ ଜରୁରୀ ବୋଲି ଚୀନ କହିଛି । ଚୀନ ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର କହିଛନ୍ତି ଯେ ଦଲାଇଲାମା, ପାଞ୍ଚେନ ଲାମା ଓ ଅନ୍ୟ ବୌଦ୍ଧ ନେତାଙ୍କ ପୁନର୍ଜନ୍ମ ପ୍ରକ୍ରିୟା ଗୋଲଡେନ ଅର୍ନ ଲଟେରି ଅନୁସାରେ କରାଯିବ ଓ ଏଥିରେ ଚୀନର କେନ୍ଦ୍ରୀୟ ସରକାରଙ୍କ ମଂଜୁରୀ ମଧ୍ୟ ଆବଶ୍ୟକ ।ଆଜି ଦଲାଇଲାମାଙ୍କ ପକ୍ଷରୁ ଏକ ବୟାନ ଜରି କରି କୁହାଯାଇଥିଲା ଯେ ଆଗକୁ ବି ଦଲାଇଲାମା ଅନୁଷ୍ଠାନ ଜାରି ରହିବ । ନୂଆ ଦଲାଇ ଲାମା ଚୟନ ପାଇଁ ସେ ତିବ୍ବତୀୟ ସଂଗଠନ ଗାଦେନ ଫୋଡରଙ୍ଗ ଟ୍ରଷ୍ଟକୁ ଦାୟିତ୍ୱ ପ୍ରଦାନ କରିଛନ୍ତି ।ସେ ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି ଯେ ତିବ୍ବତୀୟ ଲୋକମାନଙ୍କ ଦ୍ୱାରା ନୂଆ ଦଲାଇଲାମାଙ୍କ ଚୟନ ହେବ । ଏଥିରେ ଚୀନର କୌଣସି ଭୂମିକା ରହିବ ନାହିଁ । ବର୍ତ୍ତମାନର ଦଲାଇଲାମା ଅର୍ଥାତ୍ ୧୪ତମ ଦଲାଇଲାମାଙ୍କ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ଦଲାଇଲାମା ଅନୁଷ୍ଠାନକୁ ଜାରି ରଖିବାକୁ ତିବ୍ବତୀୟ ଲୋକ, ମଙ୍ଗୋଲିଆ, ଚୀନ ଓ ସାରା ବିଶ୍ୱରେ ଥିବା ବୌଦ୍ଧ ସଂପ୍ରଦାୟ ଦଲାଇଲାମାଙ୍କୁ ଅନୁରୋଧ କରିଥିଲେ ।

# ଆମେରିକାରେ ରଥଯାତ୍ରା



ୱାଶିଂଟନ : ପ୍ଲାନୋ, ଟେକ୍ସାସ୍ ଉତ୍ତର ଟେକ୍ସାସରେ ବସବାସ କରୁଥିବା ଓଡ଼ିଆ ସମୁଦାୟ ଜୁନ ୨୮ରେ ପ୍ଲାନୋର ଶ୍ରୀ ରଘୁନାଥ ମନ୍ଦିରରେ ବାର୍ଷିକ ରଥଯାତ୍ରା ପାଳନ କରିଥିଲେ । ପ୍ରବଳ ଉତ୍ସାହ ଓ ଆଧ୍ୟାତ୍ମିକ ଉଦ୍ଦୀପନା ମଧ୍ୟରେ ପାଳିତ ଏହି ରଥଯାତ୍ରାରେ ପାଖ ଆଖ ଅଞ୍ଚଳରେ ରହୁଥିବା ହଜାର ହଜାର ଲୋକେ ସାମିଲ ହୋଇଥିଲେ । ଏହା ଡାଲାସ୍ ଅଞ୍ଚଳର ଜଗନ୍ନାଥ ସଂସ୍କୃତିର ଅଭିବୃଦ୍ଧିରେ ଏକ ମହତ୍ତ୍ୱ ପୂର୍ଣ୍ଣ ପଦକ୍ଷେପ।

ଏହି ରଥଯାତ୍ରାରେ ୩୬ ଫୁଟ ଉଚ୍ଚ କାଠରେ ତିଆରି ହୋଇଥିବା ରଥଟି ଶ୍ରୀଜଗନ୍ନାଥଙ୍କ ଦିବ୍ୟ ରଥର ସଦୃଶ ରୂପ ଭାବେ ଭକ୍ତମାନଙ୍କ ଆନ୍ତରିକ ଭକ୍ତିକୁ ଦୃଢ଼ୀଭୁତ ସହ ଉତ୍ସାହିତ କରିଥିଲା। ଏହି ଉତ୍ସବ ନୂତନ ପିଢ଼ୀଙ୍କୁ ତାଙ୍କର ମୂଳ ସଂସ୍କୃତି ସହିତ ସଂଯୁକ୍ତ କରାଇଥିଲା । ଅନ୍ୟ ସମ୍ପ୍ରଦାୟଙ୍କୁ ମଧ୍ୟ ରଥଯାତ୍ରାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ସହିତ ପରିଚିତ କରାଇଥିଲା ।

କାଳିଆ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ମା ଶୁଭଦ୍ରାଙ୍କୁ ରଥ ଉପରେ ଅଣାଯାଉଥିବା ସମୟରେ ସମଗ୍ର ପରିବେଶ ଦିବ୍ୟ ଶକ୍ତିରେ ପ୍ରଭାବିତ ହୋଇଥିଲା। କାଳିଆଙ୍କ ଦିବ୍ୟ ରୂପ ଦର୍ଶନ କରି ଭକ୍ତମାନେ ଅଭିଭୂତ ହୋଇଥିଲେ। ରଥ ଟାଣିବା ପ୍ରାରମ୍ଭ ହେବା ସହିତ ଘଣ୍ଟ, ଶଂଖ ଓ ହୁଳହୁଳି ଶବ୍ଦରେ ଆକାଶ ଗୁଞ୍ଜିଉଠିଥିଲା। ସମସ୍ତଙ୍କ ପାଇଁ ଏହା ଏକ ପ୍ରେରଣାଦାୟକ ଓ ପବିତ୍ର ଅନୁଭୂତି ସୃଷ୍ଟି କରିଥିଲା। ଯାତ୍ରା ପରେ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା । ମହାପ୍ରସାଦର ସ୍ୱାଦ ପବିତ୍ର ଏବଂ ଅତ୍ୟନ୍ତ ଆନନ୍ଦଦାୟକ ଥିଲା। ଭକ୍ତମାନେ ଆଦର ଓ ଭକ୍ତି ସହିତ ମହାପ୍ରସାଦ ଗ୍ରହଣ କରିଥିଲେ। ପ୍ଲାନୋ, ଫ୍ରିସ୍କୋ, ମେକିନି ଓ ଚାରିପାଖର ଅଞ୍ଚଳରୁ ୨ହଜାରରୁ ଅଧିକ ଭକ୍ତମାନେ ଏହି ଦିବ୍ୟ ଉତ୍ସବରେ ଯୋଗ ଦେଇଥିଲେ ।ଯେଉଁଥିରେ ଏକତା, ଭକ୍ତି ଓ ସଂସ୍କୃତିର ଅଦ୍ଭୁତ ମିଶ୍ରଣ ଦେଖିବାକୁ ମିଳିଥିଲା। ସେବକମାନେ ଓ ଆୟୋଜକ ହରିହର ପାତ୍ରଙ୍କ ଉତ୍ସର୍ଗ ଚେଷ୍ଟା ଦ୍ୱାରା ରଥଯାତ୍ରା ଆୟୋଜକ ସଂସ୍ଥା ପକ୍ଷରୁ ସଫଳ ଭାବରେ ସମ୍ପନ୍ନ କରାଯାଇଥିଲା। ସେମାନେ ପ୍ରତ୍ୟେକ ତଥ୍ୟକୁ ପ୍ରେମ ଓ ଭକ୍ତି ସହିତ ଦେଖାଶୁଣା କରିଥିଲେ। ବାହୁଡାଯାତ୍ରା ଆସନ୍ତା ୬ ଜୁଲାଇରେ ଉଦ୍ୟାପିତ ହେବ, ଯାହା ଏହି ଉତ୍ସାହଜନକ ଉତ୍ସବ ଦ୍ୱାରା ଆରମ୍ଭ ହୋଇଥିବା ଆଧ୍ୟାତ୍ମିକ ଯାତ୍ରା ଓ ସାମୂଦାୟିକ ଏକତାକୁ ଅଗ୍ରଗତିରେ ସାହାଯ୍ୟ କରିବ।

# ବର୍ମିଂହାମ୍‌ରେ ଟିମ୍ ଇଣ୍ଡିଆ ହଟହଟା

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ଭାରତ -ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ ବର୍ମିଂହାମ୍‌ରେ ଭାରତୀୟ ଦଳ ହଟହଟା ହୋଇଛି । ଯାହା ଖେଳାଳିଙ୍କ ସହିତ ପ୍ରଶଂସକଙ୍କର ଉତ୍ତେଜନାକୁ ବଢାଇଥିଲା । ବର୍ମିଂହାମ୍‌ରେ ଭାରତୀୟ ଦଳ ରହୁଥିବା ହୋଟେଲରୁ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଥିଲା । ହୋଟେଲ୍‌ରେ ତାଲା ବି ପକାଯାଇଥିଲା । କାରଣ ସହରର ସେଣ୍ଟେନାରୀ ସ୍କୋୟାରରେ ସନ୍ଦେହ ଜନକ ପ୍ୟାକେଟ୍ ମିଳିଥିଲା । ଏମିତି ଘଟିବା ପରେ ବର୍ମିଂହାମ୍ ସିଟି ସେଣ୍ଟର ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଥିଲା ।

ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରେ ବର୍ମିଂହାମ୍ ସିଟି ସେଣ୍ଟର ପୋଲିସ ସେଣ୍ଟେନାରୀ ସ୍କୋୟାରରେ ଏକ ସନ୍ଦେହ ଜନକ ପ୍ୟାକେଟ୍ ପଡିଥିବା ସୂଚନା ପାଇଥିଲା । ଏହାପରେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚିବା ସହ ଆଖପାଖ ଅଞ୍ଚଳରେ ସୁରକ୍ଷା ଘେରାବନ୍ଦୀ କରିଥିଲା । ପୋଲିସ ପକ୍ଷରୁ ଟୁଇଟରରେ ଏକ ପୋଷ୍ଟ କରାଯାଇଥିଲା । ଆମେ ବର୍ମିଂହାମ୍ ସିଟି ସେଣ୍ଟର ସେଣ୍ଟେନାରୀ ସ୍କୋୟାର ଚାରିପାଖ ଅଞ୍ଚଳକୁ ଘେରାବନ୍ଦି କରିଛୁ । ସତର୍କତା ମୂଳକଭାବେ ଏହାର ତଦନ୍ତ ଚାଲିଥିବା ସମୟରେ ଅନେକ କୋଠା ଖାଲି କରିଦିଆଯାଇଛି । ଦୟାକରି ସେ ଅଞ୍ଚଳକୁ ନଯିବାପାଇଁ ଅନୁରୋଧ କରାଯାଇଥିଲା । ଏହି ଘଟଣା ପରେ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କୁ ହୋଟେଲ୍ ଛାଡିଯିବାକୁ ବାରଣ କରାଯାଇଥିଲା । ବିସିସିଆଇର ଏକ ସୂତ୍ରରୁ ସୂଚନା ମିଳିଛି ବର୍ମିଂହାମ୍ ସିଟି ସେଣ୍ଟର ପୋଲିସ ଟୁଇଟର ଜରିଆରେ ଖେଳାଳିଙ୍କୁ ବାହାରକୁ ନଯିବା ପାଇଁ ପରାମର୍ଶ ଦେଇଥିଲା ।ତଥାପି ପୋଲିସ ଏକ ଘଣ୍ଟା ପରେ ସୁରକ୍ଷା ବଳୟ ହଟାଇ ଦେଇଥିଲା । ଭାରତୀୟ କ୍ରିକେଟ୍‌ର ମାନେ ସାଧାରଣତଃ ହୋଟେଲ ନିକଟବର୍ତ୍ତୀ ଅଞ୍ଚରେ ବୁଲନ୍ତି । ଏହି କାରଣରୁ ପୋଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା । ଏହି କାରଣରୁ ଖେଳାଳିଙ୍କୁ ବିଶେଷ ସତର୍କତା ନେବାକୁ ପରାମର୍ଶ ଦିଆଯାଇଥିଲା ।

# ୟୁଏଇରେ ଖେଳାଯିବ ଏସିଆ କପ୍!

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ଏସିଆ କପ୍ କ୍ରିକେଟ୍ ସେପ୍ଟେମ୍ବର ୫ ରୁ ୟୁଏଇରେ ଖେଳାଯିବାର ସମ୍ଭାବନା ଅଛି । ଟାଇମ୍ସ ଅଫ୍ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟରେ ଏହାର ଫାଇନାଲ୍ ସେପ୍ଟେମ୍ବର ୨୧ ରେ ଖେଳାଯିବ । ଗ୍ରୁପ୍ ପର୍ଯ୍ୟାୟ ଓ ସୁପର ୪ ଫର୍ମାଟ ବିଚାରକୁ ନେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଥର ମୁକାବିଲା ହେବ । ସେପ୍ଟେମ୍ବର ୭ରେ ପ୍ରଥମ ମ୍ୟାଚ୍ ଏବଂ ଦୁଇ ଦଳ ସୁପର ୪ କୁ ଗଲେ ଆଉ ଏକ ମୁକାବିଲା ଖେଳାଯିବ । ୧୭ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟ ହେବାକୁ ଥିବା ବେଳେ ୬ ଟି ଦଳ ଅଂଶ ଗ୍ରହଣ କରିବେ । ଏଥର ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳାଯିବ । ୨୦୨୭ ରେ ପାକିସ୍ତାନ ଏସିଆ କପ୍‌ର ଦିନିକିଆ ଫର୍ମାଟ ଆୟୋଜନ କରିବ । ୨୦୨୯ ରେ ବାଂଲାଦେଶ ଓ ୨୦୩୧ ଶ୍ରୀଲଙ୍କାରେ ଏସିଆ କପ୍ ଆୟୋଜନ ହେବ । ଏସିଆନ୍ କ୍ରିକେଟ୍ କାଉନ୍‌ସିଲ୍ ଖୁବ୍‌ଶୀଘ୍ର ଟୁର୍ଣ୍ଣାମେଣ୍ଟ ତାରିଖ ବିଧିବଦ୍ଧ ଭାବେ ଘୋଷଣା କରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି । ଭାରତ ଏହାର ଆୟୋଜକ ଥିବାରୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ହାଇବ୍ରିଡ୍ ମଡେଲ୍‌ରେ ନିରପେକ୍ଷ ଭେନ୍ୟୁରେ ଖେଳିବ । ୟୁଏଇରେ ସମସ୍ତ ମ୍ୟାଚ୍ ଖେଳିବା ପାଇଁ ବିସିସିଆଇ ଯୋଜନା କରିଥିବା ରିପୋର୍ଟରେ ଲେଖାଯାଇଛି ।

## ବର୍ମିଂହାମ୍ ଟେଷ୍ଟ

# ଗିଲ୍‌ଙ୍କ ଶତକ, ଭାରତ ୩୧୦/୫

ଏଜ୍‌ବଷ୍ଟନ, ୦୨।୭ (ଏଜେନ୍ସି) : ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ବର୍ମିଂହାମ୍‌ର ଏଜବଷ୍ଟନରେ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚ୍ ଜିତି ୧-୦ରେ ଶୃଙ୍ଖଳା ଆଗୁଆ ଥିବା ଇଂଲଣ୍ଡ ବର୍ମିଂହାମ୍‌ରେ ଟସ୍ ଜିତି ଭାରତକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଭାରତୀୟ ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଶୁଭମନ୍ ଗିଲ୍‌ଙ୍କ ଶତକ ବଳରେ ୮୫ ଓଭରରେ ୫ ୱିକେଟ୍ ହରାଇ ୩୧୦ ରନ୍ କରିଛି । ଗିଲ୍ ୧୧୪ ଓ ରବିନ୍ଦ୍ର ଜାଡେଜା ୪୧ ରନ୍ କରି ଅପରାଜିତ ଅଛନ୍ତି ।

ବର୍ମିଂହାମ୍‌ର ବ୍ୟାଟିଂ ଫ୍ରେଣ୍ଡଲି ୱିକେଟ୍‌ରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଟସ୍ ଜିତିଥିଲେ । ପ୍ରଥମ ମ୍ୟାଚ୍ ଭଳି ସେ ଭାରତକୁ ପ୍ରଥମ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଷ୍ଟୋକ୍ସଙ୍କ ଏହି ଆକଳନ ଆରମ୍ଭରୁ ଉଚିତ୍ ସାବ୍ୟସ୍ତ ହୋଇଥିଲା । ଏପରିକି ୮.୪ ଓଭରରେ ଦଳୀୟ ସ୍କୋର ୧୫ ରନ୍ ବେଳେ ଓପନର୍ ଲୋକଶେ ରାହୁଲ ୨ ରନ୍ କରି ୱକ୍ସଙ୍କ ଶିକାର ହୋଇଥିଲେ । ଏହାପରେ କରୁଣ ନାଏରଙ୍କ ସହ ଯଶସ୍ୱୀ ଜୟସ୍ୱାଲ୍ ପାଳି ସମ୍ଭାଳି ଥିଲେ । ନାଏର ୫୦ ବଲରୁ ୫ଟ ଚୌକା ସହ ୩୧ ରନ୍ କରିଥିବା ବେଳେ କାରସିଂଙ୍କ ଶିକାର ହୋଇଥିଲେ । ସେତେବେଳେ ଭାରତୀୟ ସ୍କୋର ୨୩.୩ ଓଭରରେ ୯୫ ରନ୍ ହୋଇଥିଲା । ଜୟସ୍ୱାଲ୍ ୫୯ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ । ଏହି ଇନିଂସ୍‌ରେ ସେ ୧୦ଟି ଚୌକା ମାରିଥିଲେ । ମଧ୍ୟାହ୍ନ ଭୋଜନ ବିରତି ବେଳକୁ ଭାରତ ୯୮ ରନ୍‌ରେ ୨ ୱିକେଟ୍ ହରାଇଥିଲା । ୨୫.୩ ଓଭରରେ ଭାରତର ସ୍କୋର ୧୦୦ ରନ୍ ପୂରଣ ହୋଇଥିଲା । ୪୨.୨ ଓଭରରେ ୧୫୦ ରନ୍ ଏବଂ ଚା ପାନ ବିରତି ବେଳକୁ ଭାରତ ୫୩ ଓଭରରେ ୩ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା । ଶୁଭମନ୍ ଗିଲ୍ ସବୁଠୁ ଧୀମା ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୧୨୫ ବଲରୁ ୫ ଟି ଚୌକା ସହାୟତାରେ ୫୦ ରନ୍ କରିଥିଲେ । ଭାରତର ୨୦୦ ରନ୍ ୫୮.୧ ଓଭରରେ ପୂରଣ ହୋଇଥିଲା । ଏହି ମ୍ୟାଚ୍‌ରେ ସମସ୍ତଙ୍କ ୱିକେଟ୍ ରକ୍ଷକ ରିଷଭ ପନ୍ତଙ୍କ ଉପରେ ଥିଲା । କାରଣ ଲିଡ୍ସ ଟେଷ୍ଟର ଦୁଇଟି ଯାକ



ଇନିଂସ୍‌ରେ ପନ୍ତ ଶତକ ହାସଲ କରିଥିଲେ । ଏହି ମ୍ୟାଚ୍ ଭାରତ ପାଇଁ ଅଧିକ ମହତ୍ତ୍ୱ ବହନ କରୁଥିବାରୁ ପନ୍ତ ଭଲ ଖେଳିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ୪୨ ବଲର ସମ୍ମୁଖୀନ ହୋଇ ଗୋଟିଏ ଲେଖାଏଁ ଚୌକା ଓ ଛକା ସହାୟତାରେ ୨୫ ରନ୍ କରି ଶୋଏବ ବଶିରଙ୍କ ବୋଲରେ ଲଙ୍ଗନ୍ ଅଞ୍ଚରେ କ୍ୟାଚ୍ ଆଉଟ୍ ହୋଇଥିଲେ । ତାଙ୍କର ଏହି ବେପରୁଆ ପ୍ରଦର୍ଶନ ଯୋଗୁଁ ଭାରତ ଚାପକୁ ଚାଲିଯାଇଥିଲା । ତାଙ୍କ ପରେ ନୀତିଶ କୁମାର ରେଡ୍ଡି ମଧ ବଲକୁ ଲିଫ୍ଟ କରିବା ଚକରରେ ୱକ୍ସଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ । ପାଖାପାଖି ୨ ୱିକେଟ୍ ପତନ ଯୋଗୁଁ ଭାରତ ୮୧.୪ ଓଭରରେ ୨୧୧ ରନ୍‌ରେ ୫ ୱିକେଟ୍ ହରାଇ ଶଙ୍କଟକୁ ଚାଲିଯାଇଥିଲା । ଅଧିନାୟକ ଶୁଭମନ୍ ଗିଲ୍ ୨୧୬ ବଲ୍‌ରୁ ୧୨ଟି ଚୌକା ସହ ୧୧୪ ରନ୍ କରି ଅପରାଜିତ ଅଛନ୍ତି । ରବିନ୍ଦ୍ର ଜାଡେଜା ୬୭ ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ସହାୟତାରେ ୪୧ ରନ୍ କରିଛନ୍ତି । ଏକଦା ୨୦୮ ରୁ ୨୧୧ ମଧ୍ୟରେ କ୍ରମାଗତ ୨ ୱିକେଟ୍ ହରାଇଥିବା ଭାରତକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି ଶୁଭମନ୍ ଗିଲ୍ ଓ ରବିନ୍ଦ୍ର ଜାଡେଜା ।

ଇଂଲଣ୍ଡର ବୋଲିଂ ପ୍ରଶଂସନୀୟ ଥିଲା । କ୍ରିସ୍ ୱକ୍ସ ୧୮ ଓଭର ବୋଲିଂ କରି ୫୧ ରନ୍ ବ୍ୟୟ କରି ୨ ୱିକେଟ୍ ନେଇଥିବା ବେଳେ ବ୍ରେଡନ୍ କାର୍ସେ , ବେନ୍ ଷ୍ଟୋକ୍ସ ଓ ଶୋଏବ ବଶିରଙ୍କୁ ଗୋଟିଏ କରି ୱିକେଟ୍ ସଫଳତା ମିଳିଥିଲା ।



## ୱିମ୍ବଲଡନ୍ ବିପର୍ଯ୍ୟୟ

# କୋକୋ ଗଫ, ଯେସିକା, ଭିର୍ଭ ପ୍ରଥମ ରାଉଣ୍ଡରୁ ବିଦା

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନରେ ବଡ ଧରଣ ବିପର୍ଯ୍ୟୟ ଘଟିଛି । ପ୍ରଥମ ରାଉଣ୍ଡରେ କୋକୋଗଫ, ଯେସିକା ପେଗୁଲା ଓ ଆଲେକଜାଣ୍ଡାର ଭିରଭଙ୍କ ଭଳି ଦକ୍ଷ ଖେଳାଳି ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି । ଏମାନଙ୍କ ବ୍ୟତିତ କୁଇନୱିନ୍ ଝେଙ୍ଗ୍, ଲୋରେଞ୍ଜୋ ମୁସେଟି, ହୋଲଗାର ରୁନି, ଡାନିଲ୍ ମେଡଭେଡେଭ, ପଲ୍, ବାଡୋସା ପ୍ରମୁଖ ଶ୍ରେଷ୍ଠ ୧୦ରେ ଥିବା ସିଡେଡ ଖେଳାଳିମାନେ ଏହି ଗ୍ରାସକୋର୍ଟ ପ୍ରତିଯୋଗିତାର ପ୍ରଥମ ରାଉଣ୍ଡ ହର୍ଡଲ୍ସ ଅତିକ୍ରମ କରିପାରିନାହାଁନ୍ତି । ପ୍ରତିଯୋଗିତାର ପ୍ରଥମ ଦୁଇଦିନ ମଧ୍ୟରେ ୮ ଜଣ ଟପ୍ ସିଟ୍ ଖେଳାଳି ବିଫଳ ହୋଇଛନ୍ତି । ମୋଟ ଉପରେ ୨୩ ଜଣ ଅର୍ଥାତ୍ ୧୩ ଜଣ ପୁରୁଷ ଓ ୧୦ ଜଣ ମହିଳା ସିଡେଡ୍ ଖେଳାଳି ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିପାରିନାହାଁନ୍ତି । ଫ୍ରେଞ୍ଚ ଓପନ୍ ଚାମ୍ପିଅନ୍ କୋକୋଗଫ ଏବଂ ଉପବିଜେତା ପେଗୁଲା ଉଭୟ ପ୍ରଥମ ରାଉଣ୍ଡରୁ ହିଁ ଅଭିଯାନ ଶେଷ କରିଛନ୍ତି । ତେଣୁ ଏଥର ୱିମ୍ବଲଡନରେ ନୂଆ ଚାମ୍ପିଅନ୍ ମିଳିବାର ଆଶା ବଢିଯାଇଛି । ୨୦୦୪ ଅଷ୍ଟ୍ରେଲିଆନ୍ ଓପନରେ ମଧ୍ୟ ଏପରି ବିପର୍ଯ୍ୟୟ ଘଟିଥିଲା । ଟପ୍ ସିଡେଡ୍ ଖେଳାଳିମାନେ ପ୍ରଥମ ରାଉଣ୍ଡରୁ ହିଁ ପରାଜୟର ସମ୍ମୁଖୀନ ହୋଇଥିଲେ ।

ବିଶ୍ୱର ୨ ନମ୍ବର ଖେଳାଳି କୋକୋ ଗଫ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ୬-୭, ୧-୬ ସେଟ୍‌ରେ ଡାୟାନା ୟାଷ୍ଟ୍ରିମସ୍କାଙ୍କ ନିକଟରୁ ପରାଜିତ ହୋଇଥିଲେ । ପେଗୁଲା ୬-୨, ୬-୩ ସେଟ୍‌ରେ ଏଲିଜା ବେଥ୍ କୋକିଆର୍ଟୋଙ୍କ ନିକଟରୁ ହାରିଯାଇଥିଲେ । ଭିରଭ ୭-୬, ୬-୭, ୬-୩, ୬-୭, ୬-୪ ସେଟ୍‌ରେ ରିନଣ୍ଡର କିଞ୍ଜଙ୍କଠାରୁ ୪ ଘଣ୍ଟା ୪୦ ମିନିଟ୍‌ର ସଂଘର୍ଷ କରି ପରାଜିତ ହୋଇଥିଲେ । ପେଟରେ ଯନ୍ତ୍ରଣା କାରଣରୁ ନୋଭାକେ ଜୋକୋଭିକ ବାରମ୍ବାର ଡାକ୍ତରଙ୍କ ପରାମର୍ଶ ନେଇଥିଲେ । ଶେଷରେ ଜୋକୋଭିକ ୬-୧, ୬-୭, ୬-୨ ସେଟ୍‌ରେ ଆଲେକଜାଣ୍ଡାର ମୁଲରଙ୍କୁ ପରାଜିତ କରି ଏକ ନାଟକୀୟ ବିଜୟ ହାସଲ କରିଥିଲେ । ଦୁଇଥର ୱିମ୍ବଲଡନ୍ ଚାମ୍ପିଅନ୍ ପେଟ୍ରୋଭିଟ୍ରଭା ଅଲ୍ ଇଂଲଣ୍ଡ କ୍ଲବରେ ନିଜର ଶେଷ ମ୍ୟାଚ୍ ଖେଳିଛନ୍ତି । ସେ ୩-୬, ୧-୬ ସେଟ୍‌ରେ ଇମା ନାଭାରଙ୍କ ନିକଟରୁ ପରାଜିତ ହୋଇଥିଲେ ।



# ମାଙ୍କ ସହ କ୍ରିକେଟ ଖେଳୁଛନ୍ତି ଶ୍ରେୟସ ଆୟର

ନୂଆଦିଲ୍ଲୀ, ୦୨।୭ (ଏଜେନ୍ସି) : ଇଣ୍ଡିଆର ଖେଳାଳି ଶ୍ରେୟସ ଆୟର ଏବଂ ତାଙ୍କ ମାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରଲ ହେଉଛି । ଯେଉଁଥିରେ ତାଙ୍କ ମାଙ୍କ ସହ ସେ କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଛି । ଆୟରଙ୍କୁ ଆଉଟ୍ କରିବା ପରେ ତାଙ୍କ ମାଆ ଖୁସି ଅନୁଭବ କରୁଛନ୍ତି । ଯାହା ତାଙ୍କ ପ୍ରଶଂସକମାନଙ୍କୁ ଖୁବ୍ ପସନ୍ଦ ଆସିଛି । ଯାହାର ଭିଡିଓକୁ ପଞ୍ଜାବ କିଙ୍ଗ୍ସ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର କରିଛି । ଏହା ସହିତ କ୍ୟାପସନରେ ଲେଖିଛନ୍ତି ଯେ, କେବଳ ଏଥର ସରପଞ୍ଚ ବୋଲ୍ଡ ହେବା ପାଇଁ ଖରାପ ଅନୁଭବ କରି ନଥିବେ । ଏପରି ଭିଡିଓ ଦେଖିବା ପରେ ପ୍ରଶଂସକମାନେ ଅନେକ ପ୍ରତିକ୍ରିୟା ରଖିଛନ୍ତି । ଏହା ସହିତ ସେମାନଙ୍କୁ ମଜାକିଆ ଶୈଳୀରେ ପ୍ରଶଂସା କରିବା ସହ ହାର୍ଟ ଇମୋଜିକୁ ସେୟାର କରିଛନ୍ତି ।


ଅନ୍ୟପଟେ ଭାରତୀୟ ଦଳ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳୁଛି । ଶ୍ରେୟସ ଆୟର ଏହି ସିରିଜ୍ ପାଇଁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇନାହାଁନ୍ତି । ଏହାରି ମଧ୍ୟରେ ସେ ଏବେ ଘରେ ତାଙ୍କ ପରିବାର ସହିତ ସମୟ ବିତାଉଛନ୍ତି । ଆୟରଙ୍କୁ ପୂର୍ବରୁ ଆଇପିଏଲ୍ ୨୦୨୫ ରେ ଖେଳୁଥିବାର ଦେଖାଯାଇଥିଲା, ଯେଉଁଠାରେ ସେ ପଞ୍ଜାବ କିଙ୍ଗସର ଅଧିନାୟକ ଥିଲେ । ତାଙ୍କ ଅଧିନାୟକତ୍ୱରେ, ପଞ୍ଜାବ କିଙ୍ଗସ ଦଳ ଆଇପିଏଲ୍ ୨୦୨୫ ର ଫାଇନାଲରେ ପହଞ୍ଚିବାରେ ସଫଳ ହୋଇଥିଲା । କିନ୍ତୁ ଟାଇଟଲ୍ ଯୁଦ୍ଧରେ ସେମାନଙ୍କୁ ଆର୍‌ସିବି ନିକଟରୁ ପରାଜୟର ସାମ୍ନା କରିବାକୁ ପଡିଥିଲା ।



# 'ଦ ୱାନ ଜରିଆରେ ଧାୱନ ବଖାଣିଲେ ମନର କୋହ

ନୂଆଦିଲ୍ଲୀ,୦୨/୦୭ (ଏଜେନ୍ସି) : ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଓପନର ଶିଖର ଧାୱନ ଲେଖିଛନ୍ତି ଆତ୍ମଜୀବନୀ । ଯାହାର ନାମ ରଖିଛନ୍ତି 'ଦ ୱାନଦ । ପୁସ୍ତକ ଛପା ସରିଛି । ଧାୱନ ନିଜେ ଇନ୍‌ଷ୍ଟାଗ୍ରାମରେ ଏହାର ଉନ୍ମୋଚନ କରିଛନ୍ତି ଏକ ସର୍ଟ ଭିଡିଓ ମାଧ୍ୟମରେ ।

ଧାୱନ କହିଛନ୍ତି, 'ଜୀବନର ସବୁ ମ୍ୟାଚ୍ ପିଚରେ ଖେଳାଯାଏ ନାହିଁ । ଲୋକମାନେ ମୋର କରଭ ଡ୍ରାଇଭ, ସେଲିବ୍ରେସନ ଓ ହସ ବି ଦେଖିଛନ୍ତି । କିନ୍ତୁ ଯେଉଁ କାହାଣୀ ମୋ ଭିତରେ ଲୁଚି ହୋଇଥିଲା ତାହା ଏବେ କହିବାର ଅଛି । ମୁଁ ଏକ ମଣିଷ, କ୍ରିକେଟ୍ ପିଚ ହିଁ ମୋତେ ପରିଚୟ ଦେଇଥିଲା ।



ଏହି ବହିରେ କେବଳ ମୋ କାହାଣୀ ନାହିଁ, ପ୍ରତ୍ୟେକ ମଣିଷର କାହାଣୀ ଯିଏ ସ୍ୱପ୍ନ ଦେଖେ, ନିଜେ ଉପରକୁ ଉଠେ । 'ଦ ୱାନଦ ହେଉଛି ମୁଁ ଧାୱନ କ୍ୟାରିୟରରେ ୩୪ଟି ଟେଷ୍ଟ ଖେଳି ୨୩୧୫ ରନ୍, ୧୬୭ଟି ଦିନିକିଆ ଖେଳି ୬୭୯୩ ରନ୍ ଏବଂ ୬୮ଟି ଟି-ଟ୍ୱେଣ୍ଟି ଖେଳି ୧୭୫୯ ରନ୍ କରିଥିଲେ । ଟେଷ୍ଟରେ ୭ ଓ ଦିନିକିଆରେ ୧୭ଟି ଶତକ ସାମିଲ ରହିଛି ।

# ଜେଏମ ସ୍ପୋର୍ଟସ ଏକାଡେମୀରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ

ଭୁବନେଶ୍ୱର, ୦୨।୭ (ସବ୍ୟୁ) : ସ୍ଥିତ ଜେଏମ ସ୍ପୋର୍ଟସ ଏକାଡେମୀରେ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି । ଏଥିରେ ମୂଖ୍ୟ ଅତିଥି ଭାବେ ଓଡ଼ିଶାର ପ୍ରଥମ ଆଲମ୍ପିଆନ ଖେଳାଳୀ ଅନୁରାଧା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଲଲାଟେନ୍ଦୁ ମିଶ୍ର (ପୂର୍ବତନ ଜିଲ୍ଲାପାଳ, ବୌଦ୍ଧ ଓ ପୂର୍ବତନ କ୍ରୀଡା ନିର୍ଦ୍ଦେଶକ କିଟ୍) ଅକ୍ଷୟ ମିଶ୍ର , ଅତିଶ କୁମାର ରାଉତ (ସିନେ ପ୍ରୋଜକ) ଓ ଦୀପକ ତ୍ରିପାଠୀ (ନିର୍ଦ୍ଦେଶକ କୁସୁମ ଟିଭି) ଯୋଗଦାନ କରିଥିଲେ । ଅତିଥି ମାନେ କ୍ରୀଡାକୁ ନେଇ ବହୁ ଗୁରୁତ୍ୱ ପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ଛୋଟ ଛୋଟ ପିଲମାନଙ୍କୁ କିପରି ଉନ୍ନତ ଧରଣର ଶିକ୍ଷା ଦିଆଯାଇ ପାରିବ ସେ ବିଷୟରେ ଆଲୋଚନା କରିଥଲେ । ଏଥିରେ କ୍ରୀଡା ସାମ୍ବାଦିକ ମାନଙ୍କର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏକାଡେମୀର ଅଧକ୍ଷା ମୀରାରାଣୀ ଦାସ କ୍ରୀଡା ସାମ୍ବାଦିକ ମାନଙ୍କର ଭୂମିକା କ୍ରୀଡାର ଅଗ୍ରଗତିର ମୁଖ୍ୟ ଆଧାର ବୋଲି କହିଥିଲେ ଏବଂ ସମସ୍ତଙ୍କର ସହଯୋଗ କାମନା କରିଥଲେ ।ଏକାଡେମୀ ତରଫରୁ କ୍ରୀଡା ସାମ୍ବାଦିକ ମାନଙ୍କୁ ସମ୍ମାନିତ କରାଯାଇଥିଲା । ସୂର୍ଯ୍ୟ ପ୍ରସାଦ ରଥ, ନିରଞ୍ଜନ ରେଡ୍ଡୀ (ବରିଷ୍ଠ କ୍ରିଡ଼ା ସାମ୍ବାଦିକ, ଓଟିଭି), କୁସୁମ ମଞ୍ଜରୀ ଦାସ (ଏମ. ଡି କୁସୁମ ଟିଭି), ଅନାଦି କର (ଧରିତ୍ରୀ) ଙ୍କୁ ସମ୍ମାନିତ କରାଯାଇଥିଲା । ଏକାଡେମୀର ପିଲାମାନେ (ଦିବ୍ୟାଞ୍ଜଳି ମହନ୍ତ, ଯସରାଜ ମହାନ୍ତି, ଦିବ୍ୟାଂଶ ପାଣିଗ୍ରାହୀ, ତନ୍ମୟ ପାଢ଼ୀ) ଜିମ୍ନାଷ୍ଟିକ ପ୍ରଦର୍ଶନ କରିଥିଲେ । ଏକାଡେମୀର ସମ୍ପାଦକ ଯଶୋବନ୍ତ ଦାସ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥଲେ । ଏକାଡେମୀର ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଓସ୍‌ଜାର ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ : ଖବର ପ୍ରକାଶନରେ ସ୍ୱଚ୍ଛତା ଲାଗି ଆହ୍ୱାନ

ଭୁବନେଶ୍ୱର, ୦୨।୭ (ସବ୍ୟୁ) : କ୍ରୀଡା ସମ୍ବାଦ ପରିବେଶଣରେ ସ୍ୱଚ୍ଛତା ଓ ନୈତିକତା ରକ୍ଷା କରିବାକୁ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତି କରିଛନ୍ତି । କ୍ରୀଡା ଏପରି ଏକ ବିଷୟ ଯେଉଁଥିବଲେ ସଫଳତା ଆସିବା ଅର୍ଥ ଦେଶ ଓ ରାଜ୍ୟର ସମ୍ମାନ ବୃଦ୍ଧି । ତେଣୁ କ୍ରୀଡା ଖବର ପରିବେଷଣ ସମୟରେ ସଚେତନ ଓ ସ୍ୱଚ୍ଛତା ଦିଗକୁ ଧ୍ୟାନ ଦେବା ପାଇଁ ଅତିଥି ଓ ବରିଷ୍ଠ କ୍ରୀଡା ସାମ୍ବାଦିକମାନେ ଆହ୍ୱାନ ଦେଇଛନ୍ତି । ଓଡିଶା କ୍ରୀଡା ସାମ୍ବାଦିକ ସଂଘ (ଓସ୍‌ଜା) ପକ୍ଷରୁ ଉତ୍କଳ କରାଟ ସ୍କୁଲ ପରିସରରେ ବୁଧବାର ଅନୁଷ୍ଠିତ ବିଶ୍ୱ କ୍ରୀଡା ସାମ୍ବାଦିକ ଦିବସ ପାଳନ ଅବସରରେ ଖେଳ ରତ୍ନ ପୁରସ୍କାର ବିଜେତା ତଥା ପାରାଲିମ୍ପିକ୍ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣପଦକ ବିଜେତା ପ୍ରମୋଦ ଭଗତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ର ରସନାରା ପରବିଲ୍, ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡା ସାମ୍ବାଦିକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । କ୍ରୀଡା ସାମ୍ବାଦିକଙ୍କ ଯୋଗୁଁ ଜଣେ କ୍ରୀଡାବିତ୍ ଲୋକଲୋଚନକୁ ଆସିଥାଏ । କ୍ରୀଡାବିତ୍‌ଙ୍କ ସଫଳତା ପଛରେ କୋଚ୍, ପରିବାର, ସଂଗଠନ, ସରକାରଙ୍କ ଯେତିକି ହାତ ରହିଛି କ୍ରୀଡା ସାମ୍ବାଦିକଙ୍କ ସମର୍ଥନ ମଧ୍ୟ ସମ ପରିମାଣର ରହିଛି । ଅନ୍ୟତମ ସମ୍ମାନିତ ଅତିଥି ଡ. ହରିପ୍ରସାଦ ପଟ୍ଟନାୟକ ଭାରତ ଭଳି ଓଡିଶାରେ କ୍ରୀଡାନୀତି ପ୍ରଣୟନ ଓ କ୍ରୀଡାନୀତିକୁ ଉପଯୁକ୍ତ ପ୍ରୋତ୍ସାହନ ଯୋଗାଇଦେବାକୁ ଅନୁରୋଧ କରିଥିଲେ । ପ୍ରଥମ ଥର ପାଇଁ ସ୍ପୋର୍ଟ ଫେଡେରେସନ୍ ଅଫ ଇଣ୍ଡିଆ ଓସ୍‌ଜା ସମ୍ପାଦକ ସୁରେଶ ସ୍ୱାଇଁ ଓ ସଭାପତି ସନ୍ଦୀପ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଓସ୍‌ଜା ପକ୍ଷରୁ ସ୍ମରଣୀକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ଓସ୍‌ଜାର ବରିଷ୍ଠ ସଦସ୍ୟ ସନାତନ ପାଢୀ, ପୂର୍ବତନ ସଭାପତି କେ. ରବି ସାମ୍ବାଦିକ ମାନଙ୍କୁ ଉଚ୍ଚକୋଟିର ସମ୍ବାଦ ପରିବେଶଷ କରିବାକୁ ଆହ୍ୱାନ କରିଥିଲେ । ଉତ୍ସବରେ ବିଶିଷ୍ଟ କ୍ରୀଡାବିତ୍ ଅନୁପମା ସ୍ୱାଇଁ, ଓସ୍‌ଜାର ବରିଷ୍ଠ ସଦସ୍ୟ ହିମାଂଶୁ ପତିମିଶ୍ର, ରଜନୀକାନ୍ତ ଶତ୍ରୁସଲ୍ୟ, ବିଜୟ ରଣା, ସମୀକ୍ଷା ପଟ୍ଟନାୟକଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।




## ବିଶ୍ୱ ବକ୍ସିଂ କପ୍

# ପଦକ ନିଶ୍ଚିତ କଲେ ମିନାକ୍ଷୀ, ପୂଜା

ଆସ୍ତାନା, ୦୨।୭ (ଏଜେନ୍ସି) : କାଜାଖସ୍ଥାନର ଆସ୍ତାନାରେ ଚାଲିଥିବା ବିଶ୍ୱବକ୍ସିଂ କପ୍‌ର ତୃତୀୟ ଦିନ ଦୁଇ ଭାରତୀୟ ମିନାକ୍ଷୀ ଏବଂ ପୂଜାରାଣୀ ପଦକ ନିଶ୍ଚିତ କରିଛନ୍ତି । କ୍ୱାର୍ଟର ଫାଇନାଲ୍ ବାଉଟ୍‌ରେ ଦୁହେଁ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲ୍‌ରେ ପ୍ରବେଶ କରିବା ସହ ପଦକ ନିଶ୍ଚିତ କରିଛନ୍ତି । ଅର୍ଥାତ୍ ଉଭୟ ପ୍ରତିଯୋଗୀ ସେମିଫାଇନାଲ୍‌ରେ ପରାଜିତ ହେଲେ ଅତିକମ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିବେ । ମିନାକ୍ଷୀ କ୍ୱାର୍ଟର ଲଢେଇରେ ଚାଇନିଜ୍ ତାଇପେୟୀର ଗୌ-ୟି ଜୁଆନ୍‌ଙ୍କୁ ୫-୦ ବ୍ୟବଧାନରେ ଧରାସାୟୀ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ସେହିଭଳି ପୂଜାରାଣୀ ୮୦ କିଲୋଗ୍ରାମ ଓଜନ ବର୍ଗରେ କାଜାଖସ୍ତାନର ଗୁଲସାୟା ୟେରଝାନ୍‌କୁ ୪ ୱିକେଟ୍ ଧାରାରେ ପରାଜିତ କରିଥିଲେ । ପୂର୍ବରୁ ଅନାମିକା ୫୧ କିଲୋଗ୍ରାମ୍ ବର୍ଗର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଥିଲେ । ପୁରୁଷ ବର୍ଗରେ ଯଦୁମଣି ସିଂ ଫିଲିପାଇନ୍ସର ଜୟ ବ୍ରିଆନ୍ ବାରିକୁଟ୍ରୋଙ୍କଠାରୁ ପରାଜିତ ହୋଇ ଅଭିଯାନ ଶେଷ କରିଛନ୍ତି । ତେଣୁ ତୃତୀୟ ଦିନ ଦୁଇଟି ପଦକ ନିଶ୍ଚିତ ହେବା ସହ ଭାରତୀୟ ବକ୍ସିଂ ଜଗତରେ ଖୁସିର ଲହରୀ ଖେଳିଯାଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି